

ମନ୍ଧାନାଙ୍କୁ ଶ୍ରେଷ୍ଠ ରେଟିଂ ପଏଣ୍ଟ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-122 ◆WEDNESDAY ◆29 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୨୨ ◆ବୁଧବାର ◆୨୯ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







## ସ୍ଥଳଭାଗରେ ପିଟିହେଲା ଅଣଆଖିଆ ବାତ୍ୟା

# କାକିନାଡ଼ାରେ 'ମୋନ୍ଥା' ତାଣ୍ଡବ

■ ଭୁବନେଶ୍ୱର/ଶ୍ରୀକାକୁଲମ, ୨୮।୧୦ (ସମିସ): ପାଣିପାଗ ବିଭାଗର ପୂର୍ବ ଆକଳନ ଅନୁସାରେ ଆନ୍ଧ୍ରପ୍ରଦେଶର କାକିନାଡ଼ା ନିକଟରେ ଲ୍ୟାଣ୍ଡଫଲ୍ କରିଛି ବାତ୍ୟା 'ମୋନ୍ଥା'। ମଙ୍ଗଳବାର ସନ୍ଧ୍ୟାରେ ଆଇଏମ୍‌ଡି ଏ ସମ୍ପର୍କରେ ସୂଚନା ଦେଇଛି। ସନ୍ଧ୍ୟା ୭ଟାରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇ ପ୍ରାୟ ରାତି ୧୧ଟା ବେଳେ ବାତ୍ୟା ଭୂଭାଗ ଅତିକ୍ରମ କରିଛି। ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଅଗ୍ରସରହୋଇଛି। ମଛଲିପଟ୍ଟନମ୍‌ଠାରେ ପବନର ବେଗ ସର୍ବାଧିକ ଘଣ୍ଟା ପ୍ରତି ୬୮ କିମି ଓ କାକିନାଡ଼ାରେ ପବନର ବେଗ ୫୨ କିମି ରେକର୍ଡ ହୋଇଛି। ମୋନ୍ଥା ପ୍ରଭାବରେ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାର ୧୪୧୯ ଗାଁ ଓ ୪୪ଟି ସହର ପ୍ରଭାବିତ ହୋଇଛି ଏବଂ ପବନ ଓ ବର୍ଷା ଯୋଗୁ ଜନଜୀବନ ପ୍ରଭାବିତ ହୋଇଛି। ଶ୍ରୀକାକୁଲମ, ବିଜୟନଗରମ, ମାନ୍ୟମ, ଆଲୁରି ସୀଥାରାମରାଜୁ, ବିଶାଖାପାଟନମ, ଅନକାପାଲି, ପୂର୍ବ ଗୋଦାବରୀ, ଏଲୁରୁ, ଏନଟିଆର, ଗୁଣ୍ଟୁର, ପାଲନାଡୁ, ଚିତ୍ତୁର ଏବଂ ତିରୁପତି ଜିଲ୍ଲାରେ

### ଆନ୍ଧ୍ରପ୍ରଦେଶର ୧୪୧୯ ଗାଁ, ୪୪ ସହର ପ୍ରଭାବିତ

### ଅତି ପ୍ରବଳ ବର୍ଷା, ସ୍କୁଲ କଲେଜ ଆଉ ୫ଦିନ ଛୁଟି

### ଆଜି ପାଇଁ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ରେଡ୍ ଆଲର୍ଟ

ପ୍ରବଳ ବର୍ଷା ହୋଇଛି ଓ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତାକାଲି ପର୍ଯ୍ୟନ୍ତ ରେଡ଼ ଆଲର୍ଟ ଜାରି ହୋଇଛି। ତେଲେଙ୍ଗାନାରେ ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ବିଶେଷକରି ପୂର୍ବ ଏବଂ ଉତ୍ତର ତେଲେଙ୍ଗାନା ଜିଲ୍ଲାଗୁଡ଼ିକରେ ବୁଧବାର ମୁଷଳଧାରାରେ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଭୂପାଲପାଲି, ▶ପୃଷ୍ଠା-୭







# ରଞ୍ଜନା ଦେଶାଇ ଅଷ୍ଟମ ବେତନ ଆୟୋଗ ଅଧ୍ୟକ୍ଷା

### ସର୍ତ୍ତାବଳୀକୁ ମଞ୍ଜୁରୀ; ୧୮ ମାସରେ ରିପୋର୍ଟ

■ ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): କେନ୍ଦ୍ର ସରକାର ମଙ୍ଗଳବାର ଅଷ୍ଟମ ବେତନ ଆୟୋଗଙ୍କ ସନ୍ଦର୍ଭ ସର୍ତ୍ତାବଳୀ ଅଥବା ଟର୍ମସ ଅଫ୍ ରେଫରେନ୍ସ (ଟିଓଆର୍) କୁ ଅନୁମୋଦନ ଦେଇଛନ୍ତି। ଏହାପରେ ବର୍ତ୍ତମାନ ଆୟୋଗ ଗଠନ କରାଯିବ। ଏହାଛଡା ଗଠନର ୧୮ ମାସ ମଧ୍ୟରେ ଆୟୋଗ ତାଙ୍କର ସୁପାରିଶ ଦାଖଲ କରିବେ। ଏହାପରେ ନୂତନ ବେତନ ସ୍ତର ୨୦୨୬ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହୋଇପାରିବ। ତଥାପି, ପୂର୍ବ ଧାରାଗୁଡ଼ିକୁ ଦୃଷ୍ଟିରେ ରଖି, ସୁପାରିଶଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ। ଏହାର ଅର୍ଥ ହେଉଛି କର୍ମଚାରୀମାନେ ୧୭-୧୮ ମାସର ବକେୟା ପ୍ରାପ୍ୟ ଏକକାଳୀନ କିମ୍ବା କିସ୍ତିରେ ପାଇବେ। ଏହି ପଦକ୍ଷେପ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଏବଂ ୬୯ ଲକ୍ଷ ପେନସନଭୋଗୀଙ୍କୁ ଲାଭ ଦେବ।



ସରକାର ଜାନୁଆରୀ ୨୦୨୫ ରେ ବେତନ ଆୟୋଗ ଗଠନ ଘୋଷଣା କରିଥିଲେ। ସର୍ତ୍ତାବଳୀକୁ ଅନୁମୋଦନ ଦେବା ଏକ ଦଲିଲକୁ ବୁଝାଏ ଯାହା ଆୟୋଗଙ୍କ କାର୍ଯ୍ୟାଦେଶ, ଏହା କିପରି କାର୍ଯ୍ୟକାରୀ କରିବ, କେତେ ସମୟ ଲାଗିବ ଏବଂ ଏଥିରେ କିଏ ସବୁ ସାମିଲ ହେବ ତାହା ବର୍ଣ୍ଣନା କରିଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ୭ମ ବେତନ ଆୟୋଗ ୨୦୧୪ ▶ପୃଷ୍ଠା-୭

# ଶୂନ୍ୟ ଜୀବନହାନି ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ



### ୧୫୮ ଉଦ୍ଧାରକାରୀ ଦଳ, ୨୦୪୮ ଆଶ୍ରୟସ୍ଥଳ ପ୍ରସ୍ତୁତ

### ବାତ୍ୟା ପରେ, ତୁରନ୍ତ ଫସଲ କ୍ଷତି ଆକଳନ କରି ସହାୟତା ପାଇଁ ନିର୍ଦ୍ଦେଶ

■ ଭୁବନେଶ୍ୱର, ୨୮।୧୦ (ସମିସ): ପ୍ରତ୍ୟେକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନୀ ହେଉଛି ଆମର ଲକ୍ଷ୍ୟ। ବାତ୍ୟା ଆନ୍ଧ୍ରପ୍ରଦେଶରେ ଅତିକ୍ରମ କରୁଥିଲେ ମଧ୍ୟ ଓଡିଶାର ବିଭିନ୍ନ ଜିଲ୍ଲାରେ, ବିଶେଷ କରି ଦକ୍ଷିଣ ଓଡିଶାର ଜିଲ୍ଲା ଗୁଡିକରେ ବ୍ୟାପକ ବର୍ଷା ସହିତ ପବନ ହେବାର ସମ୍ଭାବନା ରହିଛି। ତେଣୁ କୌଣସି ବିପଦ ସଂକୁଳ ଅଞ୍ଚଳରେ ଯେପରି ସମସ୍ତେ ବାତ୍ୟା-ବନ୍ୟା ଆଶ୍ରୟ ସ୍ଥଳ କିମ୍ବା ଅନ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ ହେବେ, ତାହା ଅଧିକାରୀମାନେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।


ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ସମ୍ପର୍କରେ ସମୀକ୍ଷା କରି ଅଧିକାରୀମାନଙ୍କୁ କହିଛନ୍ତି ଯେ ଗତବର୍ଷ ମଧ୍ୟ ବାତ୍ୟା ଦାନା ସମୟରେ ଆମେ ସଫଳ ଭାବରେ ଲୋକଙ୍କୁ ସ୍ଥାନାନ୍ତରିତ କରି 'ଜିରୋ କାଜୁଆଲ୍‌ଟି' ଲକ୍ଷ୍ୟ ହାସଲ କରିଥିଲୁ। ▶ପୃଷ୍ଠା-୭

# ଭୟ କରନ୍ତୁ ନାହିଁ; ସଜାଗ ରୁହନ୍ତୁ: ନବୀନ

### ଏକାଠି କରିବା ବାତ୍ୟା ମୁକାବିଲା

### ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରନ୍ତୁ

### ଲୋକଙ୍କୁ ସହାୟତା କରିବାକୁ ବିଜେଡି କର୍ମୀ ଓ ନେତାଙ୍କୁ ପରାମର୍ଶ



■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା ମୋନ୍ଥା ପରିପ୍ରେକ୍ଷୀରେ ସଜାଗ ରହିବା ସହ ପ୍ରଶାସନକୁ ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ଭିଡ଼ିଓରେ ପୋଷ୍ଟ କରି ନବୀନ ପୂର୍ବବର୍ଷଗୁଡ଼ିକ ପରି ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ନିମନ୍ତେ ରାଜ୍ୟବାସୀଙ୍କ ସହଯୋଗ ଲୋଡ଼ିଛନ୍ତି।

ଏହି ଅବସରରେ ନବୀନ କହିଛନ୍ତି ଯେ ପୂର୍ବରୁ ଆମେ ଅନେକ ବାତ୍ୟାର ସଫଳ ମୁକାବିଲା କରିଛନ୍ତି। ତେଣୁ ବାତ୍ୟା 'ମୋନ୍ଥା' ପାଇଁ ଭୟ ନ କରି ସଜାଗ ରୁହନ୍ତୁ।ଆମେ ସବୁବେଳେ ଏକାଠି ମିଳି ବିପର୍ଯ୍ୟୟର ମୁକାବିଲା କରିଆସୁଛେ। ଏଥର ମଧ୍ୟ ଏକାଠି ହୋଇ ବାତ୍ୟାର ମୁକାବିଲା କରିବା ବୋଲି ନବୀନ କହିଛନ୍ତି। ଏହା ସହିତ ବିପଦ ସମୟରେ ରାଜ୍ୟର ଜନସାଧାରଣଙ୍କ ସହ ରହିବା ▶ପୃଷ୍ଠା-୭

# ୬୧ ଟ୍ରେନ୍ ବାତିଲ୍

■ ଭୁବନେଶ୍ୱର, ୨୮।୧୦ (ସମିସ): ବାତ୍ୟା 'ମୋନ୍ଥା'କୁ ନଜରରେ ରଖି ଭାରତୀୟ ରେଳବାଇ ପକ୍ଷରୁ ପୂର୍ବତଟ ରେଳପଥର ୱାଲ୍ଟିୟର ଏବଂ ସଂଯୁକ୍ତ ରୁଟ୍‌ରେ ଚଳାଚଳ କରୁଥିବା ଅନେକ ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଛି। ତେବେ ମଙ୍ଗଳବାର ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ୬୧ଟି ଟ୍ରେନ୍ ବାତିଲ୍ ହୋଇଛି। ଏଥିରେ ଆଜି କେବଳ ୪୮ ଟ୍ରେନ ବାତିଲ୍ କରାଯାଇଛି। ୯ଟି ଟ୍ରେନ୍‌ର ଚଳାଚଳ ଆଶିଂକ ବାତିଲ୍ ,୬ର ଦିଗ ପରିବର୍ତ୍ତନ ଏବଂ ୯ଟିର ଚଳାଚଳ ସମୟ ପୁନଃନିର୍ଦ୍ଧାରଣ କରାଯାଇଛି। ପୁରୀ-ତିରୁପତି ଗୁରୁବାର ନିମନ୍ତେ ଏବଂ ବେଙ୍ଗାଲୁରୁ-ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସ ଏବଂ ଭୁବନେଶ୍ୱର ନିୟୁ-ହାଇଦ୍ରାବାଦ୍ ସ୍ପେଶାଲ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ବୁଧବାର ନିମନ୍ତେ ବାତିଲ୍ ▶ପୃଷ୍ଠା-୭

# ଭାରତୀୟ ଜିତିଲେ ୨୪୦ କୋଟିର ଲଟେରୀ



■ ଆବୁଧାବି, ୨୮।୧୦ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ରେ ରହୁଥିବା ଜଣେ ଭାରତୀୟଙ୍କ ଭାଗ୍ୟ ଖୋଲି ଯାଇଛି। ସେ ରାତାରାତି କୋଟିପତି ପାଲଟି ଯାଇଛନ୍ତି। ଅନିଲକୁମାର ବୋଲା ଆବୁଧାବିରେ ଶହେ ନିୟୁତ ଦିରହମ ତଥା ୨୪୦ କୋଟି ଟଙ୍କାର ଜ୍ୟାକପଟ୍ ଜିତିଛନ୍ତି। ଗତ ୧୮ ତାରିଖରେ ଅନୁଷ୍ଠିତ ୨୩ତମ 'ଲକି ଡେ ଡ୍ର'ରେ ଏହି ବଡ଼ ପୁରସ୍କାର ହାତେଇଛନ୍ତି। କେବଳ ମାଆଙ୍କ ଆଶୀର୍ବାଦ ଯୋଗୁଁ ଏପରି ସମ୍ଭବ ହୋଇଥିବା ବିଜେତା କହିଛନ୍ତି। ଏବେ ଅନିଲଙ୍କ ଜୀବନ ବଦଳି ଯାଇଛି। ଗତ ୧୮ ତାରିଖ ତାଙ୍କ ପାଇଁ ସୌଭାଗ୍ୟଶାଳୀ ପାଲଟି ଯାଇଛି। ଏହି ଅବସରରେ ଅନିଲ ଦେଇଥିବା ଏକ ସାକ୍ଷାତରକାରର ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି।

ଭିଡିଓରେ ଅନିଲ ପୁରସ୍କାର ଜିତୁଥିବା ଦେଖାଯାଉଛି। ସେ ଏହି ସଫଳତା ପଛରେ ଥିବା କାହାଣୀ ମଧ୍ୟ କହିଛନ୍ତି। ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଅନିଲ କହୁଛନ୍ତି ଯେ ଏହି ଲଟେରି ଜିତିବା ପାଇଁ ସେ କୌଣସି ମ୍ୟାଜିକ କରି ନ ଥିଲେ। ସେ ସହଜରେ ଏକ ଟିକଟ ବାଛି ଥିଲେ। ତେବେ ଏହି ଟିକଟର ଶେଷ କ୍ରମିକ ସଂଖ୍ୟାଟି ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। କାରଣ ▶ପୃଷ୍ଠା-୭

### ଜୟଙ୍କ ପ୍ରାର୍ଥିତ୍ୱକୁ ନେଇ ବିଜେପିରେ ମେଲୁଛି ଫାଟ

# ବିଜେଡିରେ ବସନ୍ତ ପଣ୍ଡାଙ୍କ ପୁତୁରା

■ ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ): ନୂଆପଡା ଉପନିର୍ବାଚନକୁ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ବିଜେଡି ଦିନକୁ ଦିନ ନିଜ ସ୍ଥିତି ସୁଦୃଢ଼ କରି ଚାଲିଛି। ଏହିକ୍ରମରେ ମଙ୍ଗଳବାର ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ ସାଂସଦ ବସନ୍ତ ପଣ୍ଡାଙ୍କ ପୁତୁରା ହରିଶ୍ଚନ୍ଦ୍ର ପଣ୍ଡା, ସରପଞ୍ଚ ସଂଘର ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ଉପସଭାପତି ଟେକରାମ ସାହୁ, ପୂର୍ବତନ ନୂଆପଡା ନଗର ସଭାପତି ଉମେଶ ସହିସ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ପଣ୍ଡା ଆଜି ସନ୍ଧ୍ୟାରେ ନବୀନ ନିବାସରେ ବିଜେଡି ସଭାପତି ନବୀନ



### ଦୁଇ ବିଜେପି ସଂଗଠକ ମଧ୍ୟ ବିଜେଡିରେ ସାମିଲ

### ବିଜେପି ନିଜ କର୍ମକର୍ତ୍ତାଙ୍କ ସହିତ ପ୍ରତାରଣା କରିଛି

ପଟ୍ଟନାୟକଙ୍କୁ ଭେଟିବା ପରେ ଦଳରେ ସାମିଲ ହୋଇଛନ୍ତି। ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟଶଙ୍କର ମିଶ୍ର ଶଙ୍ଖ ଭବନରେ ଆନୁଷ୍ଠାନିକ ଭାବେ ତାଙ୍କୁ ସ୍ୱାଗତ କରିଛନ୍ତି। ବିଜେଡିରେ ଯୋଗଦାନ ପରେ ହରିଶଚନ୍ଦ୍ର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେପି ଜୟ ▶ପୃଷ୍ଠା-୭

### ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ମାଷ୍ଟରମାଇଣ୍ଡ

■ କୋଲକାତା, ୨୮।୧୦ (ଏଜେନ୍ସି): ପଶ୍ଚିମ ବଙ୍ଗ ଦୁର୍ଗାପୁରରେ ଓଡ଼ିଆ ମେଡିକାଲ ଛାତ୍ରୀ ଗଣଦୁଷ୍କର୍ମ ମାମଲାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ଏବଂ ଅନ୍ୟ ୫ ସହ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଆଜି ଏସଂକ୍ରାନ୍ତ ଟିଆଇ ପରେଡ୍ ରିପୋର୍ଟ ଦୁର୍ଗାପୁର ଏସ୍‌ଡିଜେଏମ୍ କୋର୍ଟରେ ଦାଖଲ ହୋଇଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁ ହିଁ ସମଗ୍ର ଦୁଷ୍କର୍ମ ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି।

ପୀଡ଼ିତା ଦୁର୍ଗାପୁରର ଏକ ଘରୋଇ ମେଡିକାଲ କଲେଜର ଦ୍ୱିତୀୟ ବର୍ଷ ଛାତ୍ରୀ। ଗତ ଅକ୍ଟୋବର ୧୦ ତାରିଖ ରାତିରେ ହୋଇଥିବା ଗଣଦୁଷ୍କର୍ମରେ ତାଙ୍କର ପୁରୁଷ ବନ୍ଧୁ ଓ ଅନ୍ୟ ୫ ଜଣ ସାମିଲ ଥିଲେ। ପୀଡ଼ିତାଙ୍କ ଓକିଲ ପାର୍ଥ ଘୋଷ କହିଛନ୍ତି, ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ହେଉଛି ଫିରଦୋସ ଶେଖ୍।



### ୩୧ ଯାଏଁ ବଢ଼ିଲା ହାଜତ ମିଆଦ

ଅନ୍ୟ ୫ ଜଣଙ୍କୁ ଏଥିରେ ସହଅଭିଯୁକ୍ତ କରାଯାଇଛି। ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରିବା ଲାଗି ପୁରୁଷ ବନ୍ଧୁ ହିଁ ଷଡ଼ଯନ୍ତ୍ର ରଚନା କରିଥିଲା ବୋଲି ଘୋଷ କହିଛନ୍ତି।


ଆଜି କୋର୍ଟରେ ଟିଆଇ ପରେଡ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ସମସ୍ତ ୬ ଜଣ ଅଭିଯୁକ୍ତଙ୍କୁ ଭିଡିଓ କନଫେରେନସିଂ ଜରିଆରେ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତମାନଙ୍କ ତରଫରୁ କୌଣସି ଓକିଲ ମାମଲା ଲଢୁ ନ ଥିବାରୁ ସେମାନେ ନିଜ ଆଡୁ ଜାମିନ ଆବେଦନ କରିଥିଲେ। କୋର୍ଟ ସେମାନଙ୍କର ଆବେଦନକୁ ନାମଞ୍ଜୁର କରିବା ସହିତ ବିଚାର ବିଭାଗୀୟ ହାଜତ ମିଆଦ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ହେଲେ ପୁଲିସକୁ ଯଥାଶୀଘ୍ର ଚାର୍ଜସିଟ୍ ଦାଖଲ କରିବାକୁ ପଡ଼ିବ ବୋଲି ବିଚାରପତି କହିଥିଲେ। ଆସନ୍ତା ୩୧ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବା ବେଳେ ଏହାପୂର୍ବରୁ ଚାର୍ଜସିଟ୍ ଦାଖଲ କଲେ ଭଲ। ଚାର୍ଜସିଟର କପି ସମସ୍ତ ପକ୍ଷଙ୍କୁ ଦିଆଯିବା ପରେ କୋର୍ଟରେ ଚାର୍ଜଫ୍ରେମ ହେବ। ଏହାପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି କୋର୍ଟ କହିଥିଲେ।

ସୂଚନାଯୋଗ୍ୟ ଯେ ଗତ ୧୦ ତାରିଖ ରାତିରେ ଦୁର୍ଗାପୁରର ଏହି ଘରୋଇ ମେଡିକାଲ କଲେଜ ବାହାରକୁ ▶ପୃଷ୍ଠା-୭


ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଆନ୍ଧ୍ର ପ୍ରଦେଶର କାକିନାଡ଼ାରେ ଭୀଷଣ ବର୍ଷା । ପାଣି ଘେରରେ ଉପକୂଳିଆ ଅଞ୍ଚଳ

# ଜାମାଇକାରେ ମାଡ଼ ହେବ ବିଶ୍ୱର ଭୟଙ୍କର ତୋଫାନ 'ମେଲିସା'

ୱାସିଂଟନ, ୨୮।୧୦ (ଏଜେନ୍ସି): କାରିବିଆନ ଦେଶ ଜାମାଇକା ଅଭିମୁଖେ ବଡ଼ ବିପଦ ମାଡ଼ି ଚାଲିଛି । ବିପଦର ନାମ 'ମେଲିସା' । ଏହା ଚଳିତ ବର୍ଷର ସବୁଠାରୁ ଭୟଙ୍କର ଝଡ଼ ତୋଫାନ ପାଲଟି ଯାଇଛି । ଏହା ମଙ୍ଗଳବାର ରାତିରେ ଜାମାଇକା ଉପକୂଳରେ ସ୍ଥଳଭାଗ ଛୁଇଁପାରେ । ଏହା ପୂର୍ବରୁ ମେଲିସା ହାଇତି ଏବଂ ଡୋମିନିକାନ ରିପବ୍ଲିକାନରେ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ଏହା ଜାମାଇକା, ହାଇତିରେ ୩ ଜଣ ଲେଖାଏଁ ଡୋମିନିକାନରେ ଜଣଙ୍କ ଜୀବନ ନେଇଛି । ଏହାର ପ୍ରଭାବରେ ଭୀଷଣ ବର୍ଷା ଏବଂ ଭୟଙ୍କର ପବନ ହେଉଛି । ଏହାକୁ ନେଇ ଆମେରିକା ପାଣିପାଗ ବିଜ୍ଞାନୀ ବଡ଼ ଚେତାବନୀ ଦେଇଛନ୍ତି । ମେଲିସା ବିନାଶକାରୀ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଇଛି । ଏବେ ମେଲିସା ଘଣ୍ଟା ପ୍ରତି ୨୮୨ କିମି ବେଗରେ ଆଗକୁ ବଢ଼ି ଚାଲିଛି । ଏହା ପଞ୍ଚମ ଶ୍ରେଣୀର ଝଡ଼ ପାଲଟି ଯାଇଛି । ଏହା ସବୁଠାରୁ ବିପଜ୍ଜନକ ଶ୍ରେଣୀରେ ଯାଉଛି । ଏହା ମଙ୍ଗଳବାର ସନ୍ଧ୍ୟାରେ ଜାମାଇକା ଉପକୂଳରେ ମାଡ଼ ହୋଇପାରେ । ବାତ୍ୟାର ଭୟବହତାକୁ ଦେଖି କ୍ୟୁବାରୁ ୬ ଲକ୍ଷ ଏବଂ ଜାମାଇକାରୁ ୨୮ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନିଆଯାଇଛି ।



ଅନ୍ୟପକ୍ଷରେ ଆମେରିକା ବାୟୁସେନା ରିଜର୍ଭର ୪୦୩ତମ ଶାଖା 'ହୁରିକେନ ହଣ୍ଟର୍ସ' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଏଥିରେ ଝଡ଼ତୋଫାନର ମଧ୍ୟଭାଗର ଦୃଶ୍ୟ ଦେଖିବାକୁ ମିଳୁଛି । ଭୟଙ୍କର ମେଘମାଳ ଯାଉଥିବା ଦେଖାଯାଉଛି । ଜାମାଇକା ଅଭିମୁଖେ ମେଲିସା ବଢୁଥିବାବେଳେ ରବିବାର ଏହି ଭିଡିଓ ସୁଟିଂ କରାଯାଇଥିଲା । ଶନିବାର ଏହି ଝଡ଼ ତୋଫାନ ୧୨୦ କିମି ବେଗରେ ଗତି କରୁଥିଲା । ମାତ୍ର ୨୪ ଘଣ୍ଟା ଭିତରେ ରବିବାର ରାତି ସୁଦ୍ଧା ଏହା ୨୨୫ ବେଗରେ ଗତି କରିବାକୁ ଲାଗିଥିଲା । ସୋମବାର ରାତିରେ ଏହାର ବେଗ ୨୬୦ କିମି ଛୁଇଁ ଥିଲା । ତେଣୁ ଏହା ପଞ୍ଚମ ଶ୍ରେଣୀର ଝଡ଼ ହୋଇଥିଲା । ଏହି ଶ୍ରେଣୀରେ ସାମିଲ ଝଡ଼ର ଘଣ୍ଟା ପ୍ରତି ବେଗ ୨୫୨ କିମିରୁ ଅଧିକ ହୋଇଥାଏ । ଏହାର ବେଗ ଏତେ ଅଧିକ ହୋଇଥାଏ ଯେ ମଜବୁତ ସିମେଣ୍ଟ କଂକ୍ରିଟକୁ ବି କ୍ଷତିଗ୍ରସ୍ତ କରିଦେଇଥାଏ । ବଡ଼ ବଡ଼ ଗଛକୁ ଉପାଡ଼ି ଦେଇଥାଏ । ବିଦ୍ୟୁତ ଏବଂ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥାଏ । ସମୁଦ୍ରରୁ ବଡ଼ ବଡ଼ ଲହରୀ ଆସିଥାଏ ।

# ଇରାନରେ ବନ୍ଦୀ ହୋଇଥିବା ୪ ଭାରତୀୟ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଇରାନରେ ବନ୍ଦୀ ୪ ଭାରତୀୟ ନାଗରିକ ମଙ୍ଗଳବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି । ଏମାନେ ଗୁଜରାଟର ବାସିନ୍ଦା । ସମସ୍ତେ ଆଜି ସ୍ୱଦେଶ ଫେରିଛନ୍ତି । ମନସା ବିଧାୟକ ଜେଏସ ପଟେଲ ଏହି ସୂଚନା ଦେଇଛନ୍ତି । ଏହି ୪ ଜଣ ବେଆଇନ ଭାବେ ଆମେରିକା ଯିବାକୁ ପ୍ରୟାସ କରୁଥିଲେ । ଏହି ସମୟରେ ଇରାନର ତେହରାନ ବିମାନବନ୍ଦରରେ ସେମାନଙ୍କୁ ଅପହରଣ କରି ନିଆଯାଇଥିଲା । ଅପହରଣକାରୀମାନେ ଏହି ଭାରତୀୟଙ୍କୁ ବନ୍ଦୀ ବନାଇ ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଲେଖାଏଁ ମାଗିଥିଲେ । ଏ ନେଇ ପରିବାର ସଦସ୍ୟଙ୍କୁ ଏକ ଭିଡିଓ ପଠା ଯାଇଥିଲା । ଏଥିରେ ୪ ଜଣଙ୍କୁ ଉଲଗ୍ନ କରି ମୁହଁ ବାନ୍ଧି ତଳେ ବସାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା । ଏହା ପରେ ଭାରତ ସରକାରଙ୍କ ମାମଲାରେ ହସ୍ତକ୍ଷେପ କରିଥିଲେ । ଇରାନ ସରକାର ଚାରି ଜଣଙ୍କୁ ବନ୍ଦୀଙ୍କ କବଳରୁ ମୁକ୍ତ କରିଥିଲେ । ଏବେ ସମସ୍ତେ ଟ୍ରେନରେ ଗୁଜରାଟ ଫେରିବେ । ଅପହୃତଙ୍କ ମଧ୍ୟରେ ଜଣେ ମହିଳା ଏବଂ ତିନି ପୁରୁଷ ସାମିଲ ଅଛନ୍ତି । ତିନି ଜଣ ଗାନ୍ଧୀନଗରର ହୋଇଥିବାବେଳେ ଅନ୍ୟ ଜଣେ ବଡପୁରାର ବାସିନ୍ଦା ଥିଲେ ।

# ଇସ୍ରାଏଲ-ପାକିସ୍ତାନ ମଧ୍ୟରେ ଗୁପ୍ତ ଚୁକ୍ତି

ଇସଲାମାବାଦ, ୨୮।୧୦ (ଏଜେନ୍ସି): ପାକିସ୍ତାନ ସହ ଭାରତର ବନ୍ଧୁ ରାଷ୍ଟ୍ର ଇସ୍ରାଏଲ ଗୁପ୍ତ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଚୁକ୍ତି ଅଧିନରେ ଗାଜାକୁ ପାକିସ୍ତାନ ୨୦ ହଜାର ସୈନ୍ୟ ପଠାଇବ । ଏହି ସୈନ୍ୟ ହମାସ ଠାରୁ ଅସ୍ତ୍ରଶସ୍ତ୍ର ଆଣି ଆତ୍ମସମର୍ପଣ କରାଇବେ ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିବେ । ଏହି ପାକିସ୍ତାନୀ ସୈନିକ ଇଣ୍ଟରନ୍ୟାସନାଲ ଷ୍ଟାବିଲାଇଜେସନ ଫୋର୍ସ (ଆଇଏସଏଫ)ର ଅଂଶ ହେବେ । ଏମାନେ ହିଁ ଗାଜାରେ ଶାନ୍ତି ଚୁକ୍ତିକୁ କାର୍ଯ୍ୟକାରୀ କରିବେ । ଏହାକୁ ନେଇ ଇଜିପ୍ଟର ରାଜଧାନୀ କାଇରୋରେ ଏକ ଗୁପ୍ତ ବୈଠକ ହୋଇଥିଲା । ଏଥିରେ ଇସ୍ରାଏଲ ଗୁଇନ୍ଦା ଏଜେନ୍ସି ମୋସାଦର ବଡ଼ ଅଧିକାରୀଙ୍କ ସହ ପାକିସ୍ତାନ ଏବଂ ଆମେରିକା ଗୁଇନ୍ଦା ଅଧିକାରୀ ସାମିଲ ହୋଇଥିଲେ । ତେବେ ତୁର୍କୀ, ଅଜରବୈଜାନ ଏବଂ କାତାର ଏହି ନିଷ୍ପତ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପାକିସ୍ତାନ ସୈନିକ ଗାଜାରେ ମୁତୟନ ହୁଅନ୍ତୁ ବୋଲି ଏହି ଦେଶ ଚାହୁଁନାହାନ୍ତି । ପାକିସ୍ତାନ ସହ ତୁର୍କୀର ଘନିଷ୍ଠ ସମ୍ବନ୍ଧ ରହିଛି । ଏହା ସତ୍ତ୍ୱେ ବି ତୁର୍କୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ । ତେଣୁ ଚୁପ୍ ରହିଛି ।

# କୋଭିଡରେ ମୃତ ଘରୋଇ ଡାକ୍ତରଙ୍କୁ ମିଳୁ ସରକାରୀ ବୀମାର ଲାଭ

■ ସୁପ୍ରିମକୋର୍ଟରେ ଡାକ୍ତରଙ୍କୁ କରୋନା କ୍ଷତିପୂରଣ ପ୍ରଦାନ ମାମଲା

■ ଡାକ୍ତରଙ୍କ ଧ୍ୟାନ ରଖିବା ଆମ ଦାୟିତ୍ୱ, ନହେଲେ ସମାଜ କ୍ଷମା ଦେବନାହିଁ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଯଦି ନ୍ୟାୟପାଳିକା ଡାକ୍ତରଙ୍କ ଧ୍ୟାନ ରଖିବେ ନାହିଁ ଏବଂ ତାଙ୍କ ସହ ଛିଡାହେବ ନାହିଁ ତେବେ ସମାଜ ଆମକୁ କେବେ କ୍ଷମା କରିବ ନାହିଁ । କରୋନା ସମୟରେ ପ୍ରାଣ ହରାଇଥିବା ଘରୋଇ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାରୀ ବୀମା ଯୋଜନାର ଲାଭ ଦେବା ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର ଏହି ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ ପି ଏସ ନରସିହ୍ମା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ବୀମା କମ୍ପାନୀଗୁଡ଼ିକ ବୈଧ ଦାବି ଗୁଡିକର ସମାଧାନ ସହ ଅର୍ଥ ପ୍ରଦାନ କରିବା ଉଚିତ । ସରକାର ଏହା ସୁନିଶ୍ଚିତ କରିବା ଆବଶ୍ୟକ । ଘରୋଇ ଡାକ୍ତର କେବଳ ଲାଭ ପାଇଁ କାମ କରୁଛନ୍ତି ବୋଲି ଭାବିବା ଭୁଲ୍ । କରୋନା ସମୟରେ ଲୋକଙ୍କ ସେବା କରି ପ୍ରାଣ ହରାଇଥିବା ଘରୋଇ ଡାକ୍ତରଙ୍କ ବୀମା ଦାବି ଖାରଜ କରିବା ଅନୁଚିତ । ଖାଲି ସେ ଘରୋଇ ଡାକ୍ତରଖାନାରେ କାମ କରୁଥିବା କହି ପରିବାରର ବୀମା ଦାବି ଖାରଜ କରିବା ଭୁଲ୍ ହେବ । କରୋନା ମୁକାବିଲା ପାଇଁ ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଏବଂ ଯଦି କରୋନାରେ ଡାକ୍ତର ପ୍ରାଣ ହରାଇଛନ୍ତି ତେବେ ବୀମା ବାବଦ ଅର୍ଥ ପ୍ରଦାନ କରିବା ପାଇଁ କେନ୍ଦ୍ର ବୀମା କମ୍ପାନୀକୁ କହିବା ଉଚିତ ।

ପ୍ରଧାନମନ୍ତ୍ରୀ ବୀମା ଯୋଜନା ବ୍ୟତୀତ ଏଭଳି ଆଉ କ'ଣ ଯୋଜନା ଅଛି ତାହାର ସୂଚନା ଦେବାକୁ ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ମାମଲାର ସମାଧାନ ପାଇଁ ବୀମା କମ୍ପାନୀଙ୍କ ନିମନ୍ତେ ଏକ ନିୟମ ଧାର୍ଯ୍ୟ କରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଏହି ଆଧାରରେ ବୀମା କମ୍ପାନୀ ଆଗାମୀ ଦାବିଗୁଡିକର ସମାଧାନ କରିବେ । ପ୍ରଦୀପ ଆରୋରା ଏବଂ ଅନ୍ୟ ଲୋକମାନଙ୍କ ଆବେଦନ ଉପରେ ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି । ଏଥିରେ ୨୦୨୧ ମାର୍ଚ୍ଚ ୯ରେ ବମ୍ବେ ହାଇକୋର୍ଟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ସେତେବେଳେ ହାଇକୋର୍ଟ କହିଥିଲେ ଯେ ଯଦି ସରକାର ଆନୁଷ୍ଠାନିକ ଭାବେ ଘରୋଇ ଡାକ୍ତରଙ୍କୁ ସେବା ମାଗିଥିବେ ତେବେ ଘରୋଇ ହସ୍ପିଟାଲର ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ବୀମା ଲାଭ ମିଳିବ । ଏହା କିରନ ଭାସ୍କର ସୁର୍ଗଡେଙ୍କ ମାମଲା ସମ୍ବନ୍ଧିତ । ସେ



୨୦୨୦ ମାର୍ଚ୍ଚରେ କରୋନାରେ ନିଜ ସ୍ୱାମୀଙ୍କୁ ହରାଇ ଥିଲେ । ତାଙ୍କ ସ୍ୱାମୀ ଥାନେରେ ଏକ ଘରୋଇ କ୍ଲିନିକ ଚଳାଉ ଥିଲେ । ତାଙ୍କ କ୍ଲିନିକ ମାନ୍ୟତା ପ୍ରାପ୍ତ କରୋନା ହସ୍ପିଟାଲ ହୋଇ ନ ଥିବା କହି ବୀମା ଦାବିକୁ କମ୍ପାନୀ ଖାରଜ କରି ଦେଇଥିଲା । ସୂଚନାଯୋଗ୍ୟ ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ପ୍ୟାକେଜ (ପିଏମଜେକେପି) ୨୦୨୦ ମାର୍ଚ୍ଚରୁ ଆରମ୍ଭ ହୋଇଥିଲା । ଏହି ଯୋଜନା ଅଧିନରେ କରୋନା କାର୍ଯ୍ୟରେ ମୁତୟନ ଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯାଇଥିଲା । କରୋନାରେ ମୃତ୍ୟୁହେଲେ ପରିବାର ସଦସ୍ୟଙ୍କୁ ଏହି ରାଶି ପ୍ରଦାନ କରାଯାଉଥିଲା ।

# ସରକାରୀ ଚାକିରୀ, ପେନସନ୍, ମାଗଣା ବିଜୁଳି

■ ବିହାର ପାଇଁ ତେଜସ୍ୱୀଙ୍କ ପ୍ରତିଶ୍ରୁତି

■ ମଞ୍ଚରେ ଦେଖାଗଲେନି ବିହାର କଂଗ୍ରେସ ଅଧ୍ୟକ୍ଷ ଓ ପ୍ରଭାରୀ

ପାଟନା, ୨୮।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ବିରୋଧୀ ମହାମେଣ୍ଟ 'ଇଣ୍ଡିଆ'ର ନେତା ମଙ୍ଗଳବାର ଘୋଷଣାପତ୍ର ଜାରି କରିଛନ୍ତି । ଏହାର ନାମ 'ତେଜସ୍ୱୀ କା ପ୍ରଣ' ରଖାଯାଇଛି । ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀରେ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏହାକୁ ଜାରି କରିଛନ୍ତି । ଏଥିରେ ଅନେକ ବଡ଼ ବଡ଼ ପ୍ରତିଶ୍ରୁତି ଦିଆଯାଇଛି । ସରକାର ଗଠନର ୨୦ ମାସ ମଧ୍ୟରେ ପ୍ରତ୍ୟକ ପରିବାରରୁ ଜଣକୁ ସରକାରୀ ଚାକିରି ଦେବାକୁ ଘୋଷଣା କରାଯାଇଛି । ଏହାକୁ ସାକାର କରିବା ପାଇଁ ସରକାର ଗଠନର ୨୦ ଦିନ ଭିତରେ ନିୟମ ପ୍ରସ୍ତୁତ କରାଯିବ । ଏହି ଘୋଷଣାପତ୍ରରେ ଯୁବ ଗୋଷ୍ଠୀ, ମହିଳା, ଠିକା କର୍ମଚାରୀ, ପୁରୁଣା ପେନସନଧାରକ, ଚାଷୀ ଏବଂ ଗରିବ ପରିବାର ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି ।



ଏହା ଜାରି କରି ତେଜସ୍ୱୀ କହିଥିଲେ ଯେ ଆମେ କେବଳ ସରକାର ନୁହେଁ, ବରଂ ବିହାର ଗଠନ ପାଇଁ କାମ କରିବୁ । ଆଜି ମହାମେଣ୍ଟର ସବୁ ସହଯୋଗୀ ମିଶି ଲୋକଙ୍କ ସାମ୍ନାରେ ଘୋଷଣାପତ୍ର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ମଧ୍ୟ ତେଜସ୍ୱୀ ନିଶାଣ କରିଛନ୍ତି । କଟାକ୍ଷ କରି ତେଜସ୍ୱୀ କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ପ୍ରତି ସହାନୁଭୂତି ରଖିଛନ୍ତି । ବିଜେପି ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ନୀତୀଶଙ୍କୁ କଣ୍ଢେଇ କରି ରଖିଛନ୍ତି । କେବଳ ତାଙ୍କ ଚେହେରାକୁ ବ୍ୟବହାର କରୁଛନ୍ତି ।

ତେଜସ୍ୱୀଙ୍କ ଏହି ପଣରେ ଲୋକଙ୍କ ପାଇଁ ମାଗଣା ଘୋଷଣାର ବନ୍ୟା କରାଯାଇଛି । ଏଥିରେ ୫ଟି ପ୍ରମୁଖ ଘୋଷଣା ରହିଛି । ସେଗୁଡିକ ହେଲା ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ମାଗଣା ବିଜୁଳି । ପ୍ରତିଯୋଗିତାମୂଳକ ପରୀକ୍ଷାର ଫର୍ମ ଏବଂ ପରୀକ୍ଷା ଶୁଳ୍କ ମାଗଣା କରାଯିବ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ମାଗଣା ହେବ । ସରକାରୀ ବସ୍‌ରେ ମହିଳା ମାଗଣାରେ ଯାତ୍ରା କରିବେ । ପରିକ୍ଷାର୍ଥୀଙ୍କୁ ମାଗଣାରେ କୋଚିଂ ଦିଆଯିବ । ଏହା ବ୍ୟତୀତ ସବୁ 'ଜୀବିକା ସିଏମ୍ ଦିଦି'ଙ୍କୁ ସରକାରୀ କରାଯିବ ଏବଂ ମାସକୁ ୩୦ ହଜାର ଟଙ୍କା ଦିଆଯିବ । 'ମାଇ-ବହିନ ମାନ ଯୋଜନା'ରେ ମହିଳାଙ୍କୁ ମାସକୁ ୨୫୦୦ ଟଙ୍କା ଲେଖାଏଁ ୫ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରାଯିବ ।

ତେବେ ଏହି ମଞ୍ଚରେ କିଛି ନେତାଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ଲାଗି ରହିଛି । ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀଙ୍କ ସହ କଂଗ୍ରେସର ରାଜ୍ୟସଭା ସାଂସଦ ଅଖିଳେଶ ସିଂହ ଏବଂ ରାଷ୍ଟ୍ରୀୟ ପ୍ରବକ୍ତା ପବନ ଖେଡ଼ା ଉପସ୍ଥିତ ଥିବା ବେଳେ ବିହାର କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ କିମ୍ବା ପ୍ରଭାରୀ କୃଷ୍ଣା ଅଲାବାରୁଙ୍କୁ ଦେଖିବାକୁ ମିଳି ନ ଥିଲା । ଏଥିରୁ ଜଣାପଡୁଛି ଯେ ମହାମେଣ୍ଟରେ ସବୁକିଛି ଠିକ୍ ଚାଲିନାହିଁ ।

# ପ୍ରଶାନ୍ତ କିଶୋରଙ୍କ ପାଖରେ ୨ଟି ଭୋଟର କାର୍ଡ

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି):ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ଜନ ସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋରଙ୍କୁ ନେଇ ବିବାଦ ସୃଷ୍ଟି ହୋଇଛି । ବିହାର ଉପ-ମୁଖ୍ୟମନ୍ତ୍ରୀଙ୍କ ପରେ ପ୍ରଶାନ୍ତ କିଶୋରଙ୍କ ପାଖରେ ଦୁଇ ଦୁଇଟି ଭୋଟର କାର୍ଡ ଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ଏବଂ ବିହାରର ଭୋଟର ଭାବେ ସେ ପଞ୍ଜିକୃତ ହୋଇଛନ୍ତି । ସୂଚନା ଅନୁଯାୟୀ ପଶ୍ଚିମବଙ୍ଗର ୧୨୧, କାଲୀଘାଟ ରୋଡର ଭୋଟର ତାଲିକାରେ ତାଙ୍କ ନାମ ରହିଛି । ଏହା କୋଲକାତାର ଭବାନିପୁର ବିଧାନସଭା କ୍ଷେତ୍ରରେ ଥିବା ଟିଏମ୍‌ସି ମୁଖ୍ୟାଳୟର ଠିକଣା । ଏହା ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ନିର୍ବାଚନ କ୍ଷେତ୍ର । ୨୦୨୧ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସିର ରାଜନୈତିକ ପରାମର୍ଶଦାତା ଭାବେ ପ୍ରଶାନ୍ତ କିଶୋର କାମ କରିଥିଲେ । ସେହିପରି ବିହାର ରୋହତାସ ଜିଲ୍ଲା ସାସାରାମ ସଂସଦୀୟ କ୍ଷେତ୍ରର କରଗାହର ଠିକଣାରେ ପ୍ରଶାନ୍ତଙ୍କ ଆଉ ଏକ ଭୋଟର ଆଇଡି ରହିଛି । ଏହାର ମତଦାନ କେନ୍ଦ୍ରଟି କୋନାର ମଧ୍ୟ ବିଦ୍ୟାଳୟରେ ରହିଛି । ନିର୍ବାଚନ କମିଶନ ଏହି ମାମଲାକୁ ଗୁରୁତର ସହ ନେଇ ପ୍ରଶାନ୍ତ କିଶୋରଙ୍କୁ ନୋଟିସ ଜାରି କରିଛନ୍ତି । ତିନି ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୧୯୫୦ର ଲୋକ ପ୍ରତିନିଧି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦୁଇଟି ଭୋଟର କାର୍ଡ ରଖିପାରିବେ ନାହିଁ ।



# ଦିଲ୍ଲୀରେ କ୍ଲାଉଡ୍ ସିଡିଂ ଫେଲ୍ !

## ୪ ଘଣ୍ଟା ପରେ ବି ହେଲାନି ବର୍ଷା

ନୂଆଦିଲ୍ଲୀ, ୨୮।୧୦ (ଏଜେନ୍ସି): ଦିଲ୍ଲୀରେ ପ୍ରଦୂଷଣ ସ୍ତର କମିବାର ନା ଧରୁନାହିଁ । ବାୟୁ ମାନ ସୂଚକାଙ୍କ କ୍ରମାଗତ ଭାବେ ବିପଜ୍ଜନକ ସ୍ତରରେ ରହିଛି । ରାଜଧାନୀ ବାୟୁ ଅତ୍ୟନ୍ତ ଖରାପ ଶ୍ରେଣୀକୁ ଚାଲିଯାଇଛି । ଏଥିରୁ ଦିଲ୍ଲୀବାସୀଙ୍କୁ ନିର୍ଯାତ ଦେବା ପାଇଁ କ୍ଲାଉଡ ସିଡିଂ କରାଯାଇଛି । ମଙ୍ଗଳବାର ହେଲିକପ୍ଟର ମାଧ୍ୟମରେ ବାଦଲ ଉପରେ କେମିକାଲ ପକାଯାଇଛି । ଆଜି ଦ୍ୱିପହରେ କାନପୁରର ସ୍ୱତନ୍ତ୍ର ବିମାନ 'ସେସନା' ଉଡ଼ାଣ ଆରମ୍ଭ କରିଥିଲା । ଏହା ଖେକଡ଼ା, ବୁରାଡ଼ି, ମୟୁର ବିହାର ଅଞ୍ଚଳରେ ୬ ହଜାର ଫୁଟ ଉପରୁ ରାସାୟନିକ ପକା ଯାଇଥିଲା । ଏହାର ଚାରି ଘଣ୍ଟା ଭିତରେ ଯେକୌଣସି ସମୟରେ ବର୍ଷା ହୋଇପାରେ ବୋଲି ଆଇଆଇଟି କାନପୁର ଏବଂ ଦିଲ୍ଲୀ ସରକାରଙ୍କ ପକ୍ଷରୁ କୁହାଯାଇଥିଲା । ସମସ୍ତେ ଏହି ବର୍ଷାକୁ ଚାତକ ପରି ଚାହିଁ ରହିଥିଲେ । କିନ୍ତୁ ଚାରି ଘଣ୍ଟାରୁ ଅଧିକ ସମୟ ବିତିବା ପରେ ବି ବର୍ଷାର ଦେଖା ମିଳି ନ ଥିଲା । ରାତି ସାତଟା ସୁଦ୍ଧା ଏହି ଅଞ୍ଚଳର କୌଣସି ସ୍ଥାନରେ ଟୋପେ ବର୍ଷା ହୋଇ ନ ଥିଲା । ଦିଲ୍ଲୀ ପରିବେଶ ମନ୍ତ୍ରୀ ହରମିତ ସିଂହ ସିର୍ସା କହିଥିଲେ ଯେ ଦ୍ୱିତୀୟ ଥର ପାଇଁ ଏପରି ପରୀକ୍ଷଣ କରାଯାଇଛି । ଆଜି ବିମାନ ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ କ୍ଲାଉଡ ସିଡିଂ କରିଥିଲା । ଏହି ସମୟରେ ୮ ଫ୍ଲେୟର୍ସ ଛଡ଼ା ଯାଇଥିଲା । ଏହାର ଓଜନ ୨ରୁ ଅଢେଇ କେଜି ମଧ୍ୟରେ ହେବ । ଯଦି ପାଣିପାଗ ଠିକ୍ ରହିଲା ତେବେ ଦିନକୁ ୯ରୁ ୧୦ ଥର କ୍ଲାଉଡ ସିଡିଂ କରାଯିବ । ଆଇଆଇଟି କାନପୁର ପକ୍ଷରୁ ଏହି ବ୍ୟବସ୍ଥା ବିକଶିତ କରାଯାଇଛି ।

ଅନ୍ୟପକ୍ଷରେ ଦିଲ୍ଲୀରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଇଛନ୍ତି । ନଭେମ୍ବରରୁ ଦିଲ୍ଲୀରେ ବିଏସ୍-୪ ଗାଡ଼ି ପ୍ରବେଶ ଉପରେ କଟକଣା ଲଗାଇ ଦିଆଯାଇଛି । ବିଏସ-୬ ଅନୁକୂଳ ହୋଇ ନ ଥିବା ଗାଡ଼ିଗୁଡିକୁ ରାଜଧାନୀରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ତେବେ ଆଜି ଦିଲ୍ଲୀ ବାୟୁ ମାନରେ ସାମାନ୍ୟ ସୁଧାର ଆସିଛି । ମଙ୍ଗଳବାର ଏକ୍ୟୁଆଇ ୩୦୬ ରେକର୍ଡ କରାଯାଇଛି । ସୁଧାର ସତ୍ତ୍ୱେ ବାୟୁ ଏବେ ବି ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିଛି । ଅନ୍ୟପକ୍ଷରେ ଦିଲ୍ଲୀର ପ୍ରଦୂଷଣ ମାପ କରୁଥିବା କେନ୍ଦ୍ରର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ପ୍ରଦୂଷଣ ମାପକ ଯନ୍ତ୍ର ଲାଗିଥିବା ସ୍ଥାନର ଚାରିପାଖରେ ବୁଲି ଟ୍ରକ୍‌ଗୁଡିକ ପାଣି ସିଞ୍ଚୁ ଥିବା ଦେଖାଯାଉଛି । ଦିନ ଯାକ ଏପରି କରାଯାଉଛି । ଭିଡିଓରେ ଦାବି କରାଯାଉଛି ଯେ ଏହି ସ୍ଥାନରୁ ସାରା ଦିଲ୍ଲୀରେ ପ୍ରଦୂଷଣ ସ୍ତର ମାପ କରାଯାଇଥାଏ । ଏହାର ଆଖପାଖକୁ ଥଣ୍ଡା ରଖିଲେ ପ୍ରଦୂଷଣ ସ୍ତର କମ୍ ଦେଖାଇ ଥାଏ ବୋଲି କୁହାଯାଉଛି । ତେଣୁ ପ୍ରଦୂଷଣ ରୋକିବା ପରିବର୍ତ୍ତେ ଦିଲ୍ଲୀ ସରକାର ଏଭଳି ଅଭିନବ ଉପାୟ ଅବଲମ୍ବନ କରୁଥିବା ଚର୍ଚ୍ଚା ହେଉଛି ।

# ଚର୍ଚ୍ଚାରେ ୧୫ କୋଟିର ଘୋଡ଼ା



ଆଜମେର, ୨୮।୧୦ (ଏଜେନ୍ସି): ଆଜମେରର ପୁଷ୍କରରେ ପଶୁ ମେଳା ଲାଗିଛି । ଏହି ମେଳା ପଡ଼ିଆରେ ଘୋଡ଼ାଙ୍କ ଗହଳି ଲାଗିଛି । ପଞ୍ଜାବ, ହରିୟାଣାରୁ ଆସିଥିବା ଘୋଡ଼ା ମାଲିକ ବିଳାଶପୂର୍ଣ୍ଣ ଟେଣ୍ଟରେ ନିଜ ଘୋଡ଼ାଙ୍କ ସହ ବିଶ୍ରାମ ନେଉଛନ୍ତି । ଆଉ ଏହି ଟେଣ୍ଟ ବାହାରେ ମହଙ୍ଗା ଗାଡ଼ିର ଧାଡ଼ି ଲାଗିଛି । ତେବେ ଏହି ମେଳାରେ ଧଳାର ରଙ୍ଗ ଘୋଡ଼ା 'ଶାବାଜ'କୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଛି । କାରଣ ଏହି ଘୋଡ଼ାର ମୂଲ୍ୟ ୧୫ କୋଟି ଟଙ୍କା । ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଶାବାଜର ବ୍ରିଡିଂ ପାଇଁ ୨ ଲକ୍ଷ ଟଙ୍କା ଦେବାକୁ ପଡୁଛି । ଯିଏ ଏହା ଶୁଣୁଛି ସେ ଆଶ୍ଚର୍ଯ୍ୟ ହୋଇ ଯାଉଛି । ଏହି ଘୋଡ଼ା ୬ଟି ଶୋ' ଜିତିଲାଣି । ସେହିପରି ଏହି ମେଳାକୁ ୫ ବର୍ଷୀୟ ଘୋଡ଼ା 'ବାଦଲ' ପହଞ୍ଚିଛି । ସେ ଏ ପର୍ଯ୍ୟନ୍ତ ୨୮୫ ଶାବକଙ୍କ ପିତା ପାଲଟି ଗଲାଣି । ଏହାର ମୂଲ୍ୟ ୧୧ କୋଟି ପର୍ଯ୍ୟନ୍ତ ଗଲାଣି । କିନ୍ତୁ ବାଦଲକୁ ବିକିବାକୁ ଚାହୁଁ ନାହାନ୍ତି ତା'ର ମାଲିକ ରାହୁଲ । ଏହା ବ୍ୟତୀତ ୮୦୦ କେଜିର ମଇଁଷୀ ସାମିଲ ହୋଇଛି । ଏହାର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ।



ଗଞ୍ଜାମ ଜିଲ୍ଲା ପାତ୍ରପଡ଼ାର ଏକାଧିକ ଆଦିବାସୀ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ମୋନ୍ଥା ପ୍ରଭାବ: ଗଞ୍ଜାମ ବ୍ଲକ୍ ପୋଡ଼ମ୍ପେଟାରେ ସମୁଦ୍ର ଗର୍ଭରେ ଲୀନ ହେଲା ୩ ଘର



ମତ୍ସ୍ୟଜୀବୀଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପ୍ରଦାନ

■ 'ମୋନ୍ଥା' ପ୍ରଭାବ

## ସମୁଦ୍ରରେ ଫସିଲା ଟ୍ରଲର୍

ବ୍ରହ୍ମଗିରି, ୨୮।୧୦(ସମିସ): ବାତ୍ୟା 'ମୋନ୍ଥା' ପ୍ରଭାବରେ ସମୁଦ୍ରରେ ଫସିଥିବା ଏକ ମାଛଧରା ଟ୍ରଲର୍ ମଙ୍ଗଳବାର ବ୍ରହ୍ମଗିରି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଛି। ଉକ୍ତ ଟ୍ରଲର୍‌ଟି ବିଶାଖାପାଟଣା ଅଭିମୁଖେ ଯାଉଥିଲା। କିନ୍ତୁ ସମୁଦ୍ରରେ ବାତ୍ୟାଜନିତ ବର୍ଷା-ପବନରେ ଦିଗହରା ହୋଇ ଯାଇଥିଲା। ଏହାସହ ଟ୍ରଲର୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଫଳରେ ସୋମବାର ରାତିରେ ସମୁଦ୍ର ଭିତରେ ଫସି ରହିଥିଲା। ତେବେ ଆଜି ମଧ୍ୟାହ୍ନରେ ତାହା ଭାସିଭାସି ବାଲିହରଚଣ୍ଡୀ ସମୁଦ୍ର କୂଳରେ ଲାଗିଥିଲା। ସେଥିରେ ଥିବା ସମସ୍ତ ୧୦ଜଣ ମତ୍ସ୍ୟଜୀବୀ ସୁରକ୍ଷିତ ଅଛନ୍ତି। ଏହି ଖବର ପ୍ରଘଟ ହେବା ପରେ ଟ୍ରଲର୍ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ସେଥିରେ ଥିବା ୧୦ଟି ବଡ଼ବଡ଼ ମାଛକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ଲୋକମାନେ ରୁଣ୍ଡ ହୋଇଥିଲେ। ଟ୍ରଲରରେ ଥିବା ଟନ୍ ଟନ୍ ବଡ଼ ତୁମୁଡ଼ା ମାଛ ଟ୍ରାକ୍ଟର ଦ୍ୱାରା ଆସି କଣ୍ଟେନରରେ ଲୋଡ୍ କରାଯାଇ ବିଶାଖାପାଟଣା ଯିବ ବୋଲି ଜଣାପଡ଼ିଛି।।



■ ବାଲିହରଚଣ୍ଡୀ କୂଳରୁ ଉଦ୍ଧାର
■ ୧୦ ମତ୍ସ୍ୟଜୀବୀ ସମେତ ଟନ୍‌ଟନ୍ ମାଛ ଉଦ୍ଧାର

■ ୩ବିଚାର ବିଭାଗ ଅଧିକାରୀଙ୍କ ବଦଳି

## ଡ.ପବିତ୍ର ମୋହନ ସାମଲ ଆଇନ ବିଭାଗର ପ୍ରମୁଖ ସଚିବ

କଟକ, ୨୮।୧୦(ସମିସ): ଜିଲ୍ଲା ଜଜ୍ କ୍ୟାଡର୍‌ର ବିଚାର ବିଭାଗୀୟ ଅଧିକାରୀଙ୍କ ବଦଳି ନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କ୍ରମରେ ତିନି ଜଣ ବିଚାରବିଭାଗ ଅଧିକାରୀଙ୍କୁ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଅଶାନ୍ତ କୁମାର ଦାସଙ୍କୁ ଗଞ୍ଜାମ ଜିଲ୍ଲା ଓ ଦୌରାଜଜ୍ ଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ଜଗତସିଂହପୁର ଜିଲ୍ଲା ଓ ଦୌରା ଅଦାଲତ ଜଜ୍ ଭାବେ ବଦଳି କରାଯାଇଛି। ଡ. ପବିତ୍ର ମୋହନ ସାମଲଙ୍କୁ ରାଜ୍ୟ ଆଇନ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି।

## ପ୍ରକାଶ ପାଇଲା ଏଲ୍‌ଆଇ ପରୀକ୍ଷା ଫଳ

ଭୁବନେଶ୍ୱର, ୨୮ ।୧୦(ସମିସ): ବହୁ ବିବାଦୀୟ ହୋଇଥିବା ଫରେଷ୍ଟର, ଫରେଷ୍ଟଗାର୍ଡ ଓ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର ନିଯୁକ୍ତି ପରୀକ୍ଷା ମଧ୍ୟରୁ ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ (ଏଲ୍‌ଆଇ) ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଗତକାଲି ଅର୍ଥାତ୍ ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସନ୍ତା ୩୧ ତାରିଖ ମଧ୍ୟରେ ଫରେଷ୍ଟଗାର୍ଡ ରେଜଲ୍ଟ ମଧ୍ୟ ପ୍ରକାଶ ପାଇବ ବୋଲି ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଦୀର୍ଘ ଦୁଇ ବର୍ଷର ନିଯୁକ୍ତି ପ୍ରକ୍ରିୟା ପରେ ଯାଇ ଆଶାୟୀମାନେ ନିଯୁକ୍ତି ପାଇବା ନେଇ ସମ୍ଭାବନା ସୃଷ୍ଟି ହୋଇଛି।

### ୩୧ ସୁଦ୍ଧା ଫରେଷ୍ଟଗାର୍ଡ ରେଜଲ୍ଟ

ସୂଚନା ଅନୁଯାୟୀ, ସୋମବାର ଫରେଷ୍ଟର ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏକକାଳୀନ ସମସ୍ତ ପଦର ରେଜଲ୍ଟ କାହିଁକି ପ୍ରକାଶ କରାଗଲା ନାହିଁ ବୋଲି ଆଜି ଓଏସ୍‌ଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଶାୟୀମାନେ ବିକ୍ଷୋଭ କରିଥିଲେ। ଲଗାଣ ବର୍ଷା ସା।ତ୍ତ୍ୱେ ବହୁ ପରୀକ୍ଷାର୍ଥୀ ତ୍ୱରିତ ସମସ୍ତ ପରୀକ୍ଷାଫଳ ପ୍ରକାଶ କରିବାକୁ ଦାବି କରିଥିଲେ। ଆଶାୟୀଙ୍କ ସହ ଆଲୋଚନା କରି ଆଜି ଲାଇଭ୍‌ଷ୍ଟକ୍ ଇନିସପେକ୍ଟର୍ ରେଜଲ୍ଟ ପ୍ରକାଶ ପାଇବ ଓ ଚଳିତ ମାସ ଶେଷସୁଦ୍ଧା ଫରେଷ୍ଟର ରେଜଲ୍ଟ ବାହାର କରାଯିବ ବୋଲି ଓଏସ୍‌ଏସ୍‌ଏସ୍‌ସି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଏଲ୍‌ଆଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚୂଡ଼ାନ୍ତ ତାଲିକାରେ ୬୩୬ ଜଣ ସ୍ଥାନ ପାଇଥିବା ବେଳେ ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ୭୧ଟି ପଦ ପାଇଁ ରେଜଲ୍ଟ ପ୍ରକାଶ ପାଇନାହିଁ ବା ହୋଲ୍ଡ କରାଯାଇଥିବା ସୂଚନା ମିଳିଛି।

ଘରୋଇ ଜମିକୁ ଜଙ୍ଗଲ କିସମ ଘୋଷଣା ପ୍ରସଙ୍ଗ

## ହାଇକୋର୍ଟରେ ହାଜର ହେଲେ ନୂଆପଡ଼ା ତହସିଲଦାର, ଡିଏଫ୍‌ଓ

କଟକ, ୨୮।୧୦(ସମିସ): ନୂଆପଡ଼ା ଜିଲ୍ଲାରେ ବେଆଇନ ଭାବେ ଜଣେ ବ୍ୟକ୍ତି ତଥା ଆବେଦନକାରୀଙ୍କ ନିଜସ୍ୱ ଘରୋଇ ଜାଗାକୁ ଜଙ୍ଗଲ ଜମି କିସମ ଘୋଷଣା ପ୍ରସଙ୍ଗରେ ଦାୟର ମାମଲାରେ ଆଜି ନୂଆପଡ଼ା ତହସିଲଦାର ଓ ଖରିଆର ବନଖଣ୍ଡର ଡିଏଫ୍‌ଓ ଭର୍ଚୁଆଲ ମାଧ୍ୟମରେ ହାଜର ହୋଇଥିଲେ। ଏହି ପ୍ରସଙ୍ଗରେ ଉଭୟ ଅଧିକାରୀ ସେମାନଙ୍କ ଜବାବ ରଖିଥିବା ବେଳେ ହାଇକୋର୍ଟ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଅମ୍ରିତଲାଲ ସୁଦ୍‌ଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଡ. ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉକି, କିଭଳି ଓ କେଉଁ ଆଧାରରେ ଆବେଦନକାରୀଙ୍କ ଘରୋଇ ସମ୍ପତ୍ତିକୁ ଜଙ୍ଗଲ ଜମି କିସମ ଘୋଷଣା କରାଯାଇଛି, ସେ ସଂକ୍ରାନ୍ତରେ ଉଭୟ ଅଧିକାରୀ ହଜାର ହୋଇ ଅବଗତ କରିବେ ବୋଲି ହାଇକୋର୍ଟ ଗତ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ନାମରେ ନୂଆପଡ଼ା ଅଞ୍ଚଳରେ ରହିଥିବା କେତେକ ପ୍ଲଟ୍‌ରେ ତାଙ୍କ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ସେ ଏହି ଜମି ଗୁଡିକ ଜଙ୍ଗଲ କିସମ ହୋଇଯାଇଥିବା ନେଇ ଜାଣିବାକୁ ପାଇ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। କିଛି ସୁଫଳ ନମିଳିବାରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

ଭିଜିଲାନ୍ସ ରିପୋର୍ଟ

# ଯନ୍ତ୍ରୀ ସବୁଠୁ ଲାଞ୍ଚୁଆ; ୧୬ ମାସରେ ୫୪ ଗିରଫ

ଭୁବନେଶ୍ୱର/କଟକ,୨୮ ।୧୦(ସମିସ):ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଭିଜିଲାନ ପ୍ରକାଶ କରିଛି ୧୬ ମାସର ରିପୋର୍ଟ। ଏହି ସମୟରେ ୩୦୨ ମାମଲାରେ ୩୦୩ ସରକାରୀ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେଥିରେ ୯୦ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଓ ୬୨ଜଣ ଦ୍ୱିତୀୟଶ୍ରେଣୀ ଅଧିକାରୀ ରହିଛନ୍ତି। ଆଇଏଏସ୍, ମୁଖ୍ୟ ଯନ୍ତ୍ରୀ, ଯୁଗ୍ମ ସଚିବ, ଉପଜିଲ୍ଲାପାଳ, ତହସିଲଦାରଙ୍କ ଭଳି ୯୦ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ରହିଛନ୍ତି। ସର୍ବାଧିକ ୫୪ ଜଣ ଯନ୍ତ୍ରୀ ଗିରଫ ହୋଇଥିବା ବେଳେ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨, ପୁଲିସ ବିଭାଗର ୨୨, ବନ ବିଭାଗର ୧୩, ୮ ଜଣ ଡାକ୍ତର ଓ ୭ ଜଣ ଅଙ୍ଗନବାଡ଼ି କର୍ମଚାରୀ ବନ୍ଧା ହୋଇଛନ୍ତି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ୮୦ଟି ମାମଲା ରୁଜୁ କରାଯାଇଥିବା ବେଳେ ୨୧୨ କୋଟି ଟଙ୍କାର ସମ୍ପତ୍ତିକୁ ଖୋଜି ବାହାର କରିଛି ଭିଜିଲାନ୍ସ। ସେହିପରି ୧୩୬ଟି ଲାଞ୍ଚ କାରବାର ମାମଲାରେ ୧୪୪ ସରକାରୀ ବାବୁଙ୍କ ସମେତ ୧୪୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ୩୫ ଲକ୍ଷ ୬୨ ହଜାର ଟଙ୍କା ଜବତ କରାଯାଇଛି। ୪୬ ପ୍ରଥମ ଶ୍ରେଣୀ ଓ ୨୧ ଦ୍ୱିତୀୟ ଶ୍ରେଣୀ ଅଧିକାରୀଙ୍କ ସମେତ ୧୪୪ ଜଣଙ୍କ ବିରୋଧରେ ୮୦ଟି ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଛି। ୮୦ଟି ମାମଲାରେ ୨୧୨ କୋଟିର ସମ୍ପତ୍ତି ଜବତ ହୋଇଛି। ସେହିପରି ୨୪ କିଲୋ ସୁନା, ୯ କୋଟି ୨୦ ଲକ୍ଷ ଟଙ୍କା, ୮୩୨ ପ୍ଲଟ୍, ୮୪ ଏକର ଜମି ଓ ୮ଟି ଫାର୍ମ ହାଉସ ଜବତ କରାଯାଇଛି।

ମୁଖ୍ୟ ଯନ୍ତ୍ରୀ (ଗ୍ରାମ୍ୟ ନିର୍ମାଣ) ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରେ ଚଢ଼ଉ ବେଳେ ସର୍ବାଧିକ ୨ କୋଟି ୫୬ ଲକ୍ଷ ଟଙ୍କା ମିଳିଥିଲା। ସେହିପରି ମାଲକାନଗିରି ଡେପୁଟି ଡାଇରେକ୍ଟର ତଥା ପ୍ରୋଜେକ୍ଟ ଡାଇରେକ୍ଟର ଶାନ୍ତନୁ ମହାପାତ୍ରଙ୍କ ଘରୁ ୨.୮ କୋଟି, ଜୟପୁର ଡେପୁଟି ରେଞ୍ଜର ୧.୪୩ କୋଟି ଓ ଧର୍ମଗଡ଼ ଉପ ଜିଲ୍ଲାପାଳ ତଥା ଆଇଏଏସ୍ ଧିମନ ଚକମାଙ୍କ ଠାରୁ ୫୭ ଲକ୍ଷ ଟଙ୍କା ଜବତ ହୋଇଥିଲା। ଭିଜିଲାନ୍ସ ମୋଟ ୩୦୨ ମାମଲାରେ ସମେତ ୫୧୯ ଜଣଙ୍କୁ (ସରକାରୀ ଓ ବେସରକାରୀ) ଗିରଫ କରିଛି। ଆୟ ବର୍ହିଭୂତ ସମ୍ପତ୍ତି ଓ ଲାଞ୍ଚ କାରବାର ଜନିତ ମାମଲାରେ ୭୩୯ଟି ସ୍ଥାନରେ ଚଢ଼ଉ କରିଛି ଭିଜିଲାନ୍ସ। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ୧୪୭୮ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ କରାଯାଇଛି। ୧୫୮ଟି ମାମଲାରେ ୪୦୩ଟି ବିଲଡିଂ ଓ ଫ୍ଲାଟ୍ ଜବତ ହୋଇଛି। ସେହି ବିଲଡିଂ ଓ ଫ୍ଲାଟର ମୂଲ୍ୟ ୫୯ କୋଟି ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଉଛି। ଗତ ୧୬ ମାସ ମଧ୍ୟରେ ୧୩୨ଟି ଭିଜିଲାନ୍ସ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ମୋଟ ମାମଲାର ପ୍ରାୟ ୫୦ ପ୍ରତିଶତ ମାମଲାରେ ଅଭିଯୁକ୍ତମାନଙ୍କୁ ସଜା ହୋଇଛି। ସଜା ହୋଇଥିବା ମାମଲା ଗୁଡ଼ିକରେ ୮୦ ପ୍ରତିଶତ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଜନିତ ମାମଲା ରହିଛି। ସେହିପରି ଦୋଷୀ ସାବ୍ୟସ୍ତ ହେବାପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିବା ବେଳେ ୬୮ ଜଣଙ୍କର ପେନସନ ବନ୍ଦ କରାଯାଇଛି।

■ ରାଜସ୍ୱ ବିଭାଗର ୩୩, ପଞ୍ଚାୟତିରାଜ ବିଭାଗର ୩୨ ଗିରଫ
■ ଗିରଫ ହୋଇଛନ୍ତି ୯୦ ପ୍ରଥମ ଓ ୬୨ ଦ୍ୱିତୀୟ ଶ୍ରେଣୀ ଅଧିକାରୀ
■ ୨୪ କିଲୋ ସୁନା, ୯ କୋଟି ଟଙ୍କା ଓ ୮୩୨ ପ୍ଲଟ ଜବତ
■ ପ୍ରମାଣ ଅଭାବରୁ ବନ୍ଦ ହୋଇଛି ୮୦ଟି ମାମଲାରେ ଅନୁସନ୍ଧାନ

ଗତ ୧୬ ମାସ ମଧ୍ୟରେ ଭିଜିଲାନ୍ସ ୩୦୦ ସରକାରୀ ଅଧିକାରୀଙ୍କ ବିରୋଧରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ନେଇ ଅନୁସନ୍ଧାନ କରିଥିବା ବେଳେ ୨୪୭ଟି ଅନୁସନ୍ଧାନ ସମାଧାନ କରିଛି। ସେଥିରୁ ୧୪୫ଟି ମାମଲା ରୁଜୁ ହୋଇଥିବା ବେଳେ ୨୨ ଜଣଙ୍କ ବିରୋଧରେ ତାଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଫର୍ କରାଯାଇଛି। ଆବଶ୍ୟକୀୟ ପ୍ରମାଣ ନ ମିଳିବାରୁ ୮୦ଟି ଅନୁସନ୍ଧାନକୁ ବନ୍ଦ କରିଦିଆଯାଇଛି। ସେହିପରି ୫୦୩ଟି ମାମଲାର ତଦନ୍ତ ସାରିଛି ଭିଜିଲାନ୍ସ। ୪୦୬ ମାମଲାରେ ୮୩୪ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ସେଥିରେ ୫୯ ଜଣ ପ୍ରଥମ ଶ୍ରେଣୀ, ୬୮ ଜଣ ଦ୍ୱିତୀୟ ଶ୍ରେଣୀ, ୩୭୩ ଜଣ ତୃତୀୟ ଶ୍ରେଣୀ, ୧୨ ଜଣ ଚତୁର୍ଥ ଶ୍ରେଣୀ, ୪୨ ସରକାରୀ କର୍ମଚାରୀ ଓ ୨୮୦ ଜଣ ବେସରକାରୀ କର୍ମଚାରୀ ରହିଛନ୍ତି।

ପୁଣି ବିଜେପି ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ

## ସିଇଓଙ୍କୁ ଭେଟିଲା ବିଜେଡି ପ୍ରତିନିଧି ଦଳ

ଭୁବନେଶ୍ୱର,୨୮।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ଶାସକ ବିଜେପି ବାରମ୍ବାର ନିର୍ବାଚନ ଆଚରଣ ସଂହିତା ଉଲଂଲଘନ କରୁଛି। ଏପରିକି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସିଆରପି ଓ ମିଶନ ଶକ୍ତି କର୍ମୀ(ଜୀବିକା ମିଶନ)ଙ୍କୁ ଦଳୀୟ ପ୍ରାର୍ଥୀ ଜୟଢୋଲକିଆଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ଆଣିଛି ବିଜେଡି। ଦଳର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏନେଇ ଅଭିଯୋଗ କରିଛି।

ପ୍ରତିନିଧି ମଣ୍ଡଳୀର ଅଭିଯୋଗ ଅନୁଯାୟୀ ଗତ ୨୫ ତାରିଖରେ ଏକ ସଭାରେ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଏକ ରାଜନୈତିକ ସଭାମଞ୍ଚରେ ପଡ଼ୋଶୀ ବଲାଙ୍ଗୀର ସଦର ବ୍ଲକର ଲକି ହୋତା ନାମକ ଜଣେ ସିଆରପିଙ୍କୁ ଦେଖିବାକୁ ମିଳିଥିଲା। କେବଳ ଏତିକି ନୁହେଁ ଏକ ଅଡିଓ କ୍ଲିପରେ ଶ୍ରୀମତି ହୋତା ଅନ୍ୟ ସିଆରପିମାନଙ୍କୁ ବିଜେପି ନିର୍ବାଚନ ପ୍ରଚାରରେ ସହଯୋଗ କରିବାକୁ କହୁଥିବା ସ୍ପଷ୍ଟ ଶୁଣାଯାଉଛି। ସିଆରପି ଏବଂ ମିଶନ ଶକ୍ତି କର୍ମୀମାନେ ସରକାରୀ କଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧିନରେ କାର୍ଯ୍ୟ କରିଥାନ୍ତି। ତେଣୁ ସେମାନେ କୌଣସି ରାଜନୈତିକ କାର୍ଯ୍ୟକଳାପ କିମ୍ବା ନିର୍ବାଚନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ନାହିଁ। ମାତ୍ର ଶ୍ରୀମତି ହୋତାଙ୍କ ଏପରି କାର୍ଯ୍ୟକଳାପ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ବୋଲି ବିଜେଡି ଅଭିଯୋଗ କରିଛି। ବିଶେଷକରି ସରକାରୀ କଳର ଦୁରୁପଯୋଗ ସହ ରାଜନୈତିକ କାର୍ଯ୍ୟକଳାପରେ ସରକାରୀ ଯୋଜନାରେ କାର୍ଯ୍ୟରତ କର୍ମୀଙ୍କ ଯୋଗଦାନ ମୁକ୍ତ ଓ ଅବାଧ ନିର୍ବାଚନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରି ତୁରନ୍ତ ନିରପେକ୍ଷ ଯାଞ୍ଚ କରାଯାଉ। ପୂରା ଘଟଣାରେ ସିଆରପି, ମିଶନ ଶକ୍ତି କର୍ମୀ ଏବଂ ହିତାଧିକାରୀଙ୍କର ରାଜନୈତିକ ପ୍ରଚାରରେ ସମ୍ପୃକ୍ତି ନେଇ ତଦନ୍ତ କରାଯିବା ସହ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସିଆରପି ଲକି ହୋତା ଏବଂ ଅନ୍ୟମାନଙ୍କ ବିରୋଧରେ ଦୃଢ଼ କୌର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହାସହ କୌଣସି ନିର୍ବାଚନୀ କାର୍ଯ୍ୟରେ ଯେପରି ସରକାରୀ ଅନୁବନ୍ଧିତ କର୍ମଚାରୀ କିମ୍ବା ହିତାଧିକାରୀ ଭାଗ ନେଇନପାରନ୍ତି, ତାହା ସୁନିଶ୍ଚିତ କରାଯାଉ। ଜିଲ୍ଲା ନିର୍ବାଚନ ଅଧିକାରୀ ମିଶନ ଶକ୍ତି କର୍ମୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ପାଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତିନିଧି ମଣ୍ଡଳୀ ଦାବି କରିଛି। ଏହି ଅବସରରେ ଅଂଶୁ ତ୍ରିପାଠୀ, ଜ୍ୟୋସ୍ନାମୟୀ ପରିଡ଼ା, ଗୀତାଞ୍ଜଳି ପ୍ରଧାନ, ଇଲା ସ୍ୱାଇଁ, ତୁମ୍ବନାଥ ପଣ୍ଡା ଓ ମିହିର ରାୟ ପ୍ରମୁଖ ଉପସ୍ଥିତ ଥିଲେ।



■ ଦଳୀୟ ପ୍ରଚାରରେ ସିଆରପି, ମିଶନ ଶକ୍ତି କର୍ମୀଙ୍କୁ ନିୟୋଜିତ କରାଯାଉଛି
■ ତଦନ୍ତ ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି
■ ମିଶନ ଶକ୍ତି କର୍ମୀଙ୍କ ଉପରେ ନଜର ରଖନ୍ତୁ ଜିଲ୍ଲା ନିର୍ବାଚନ ଅଧିକାରୀ

■ ପ୍ରଶ୍ନ ଉଠାଇଲା ବିଜେଡି

## ବାତ୍ୟା ବେଳେ ଡିଆଇଜିଙ୍କୁ ଛୁଟି ଦେଲା କିଏ?

ଭୁବନେଶ୍ୱର,୨୮।୧୦(ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ହେବାକୁ ଦୁଇ ସପ୍ତାହରୁ କମ୍ ସମୟ ଥିବାବେଳେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଅଚାନକ ଛୁଟିରେ ଯାଇଛନ୍ତି। ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଯାହାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ସୋମବାର ବିଜେଡି ପକ୍ଷରୁ ନୂଆପଡ଼ା ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ନିର୍ବାଚନକୁ ସରକାରୀ ଦଳ ସପକ୍ଷରେ ନେବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରାଯାଇଥିବା ବେଳେ, ହିମାଂଶୁ ଲାଲଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ବିଜେପି ସରକାରୀ ଅଧିକାରୀଙ୍କୁ ବ୍ୟବହାର କରି ବିଜେପି ନିର୍ବାଚନକୁ ତାଙ୍କ ସପକ୍ଷରେ ନେବାକୁ ଉଦ୍ୟମ କରୁଛି ବୋଲି ଦଳ ଅଭିଯୋଗ କରିଛି। ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯେଉଁଥିରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ ଅଚାନକ ଛୁଟିରେ ଯିବା ନେଇ ସନ୍ଦେହ ପ୍ରକଟ କରାଯାଇଛି।

ପ୍ରତିନିଧି ଦଳର ଯୁକ୍ତି ଅନୁଯାୟୀ, କନୱର ବିଶାଲ ସିଂ ପୂର୍ବରୁ ପ୍ରଶାସନିକ ସ୍ତରରେ ନିର୍ବାଚନ ସମ୍ବନ୍ଧୀୟ ବୈଠକରେ ଉପସ୍ଥିତ ରହୁଥିବା ବେଳେ ଗତକାଲି ଅଚାନକ ତାଙ୍କ ସ୍ଥାନରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲଙ୍କୁ ଦେଖିବାକୁ ମିଳିଥିଲା। ଉପନିର୍ବାଚନ ସମୟରେ ଓ ରାଜ୍ୟରେ ଆସନ୍ନ ବାତ୍ୟା ସ୍ଥିତିରେ ସରକାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ କନୱର ବିଶାଲ ସିଂଙ୍କୁ ଛୁଟିରେ ଯିବାକୁ ଅନୁମତି ଦିଆଗଲା ବୋଲି ସ୍ମାରକପତ୍ରରେ ବିଜେଡି ପ୍ରଶ୍ନ କରିଛି । ସେ ଛୁଟିରେ ଯାଇଛନ୍ତି ନା ସରକାର ତାଙ୍କୁ ଛୁଟିରେ ପଠାଇ ଦେଇଛନ୍ତି। ବିଜେଡିର ଅଭିଯୋଗ ଅନୁଯାୟୀ ଉପନିର୍ବାଚନର ଭୋଟ ଗଣତି ୧୪ ନଭେମ୍ବରରେ ଶେଷ ହେଉଥିବା ବେଳେ କନୱର ବିଶାଲ ସିଂ ନଭେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବେ ବୋଲି ସୂଚନା ମିଳିଛି, ଯାହା ଅତ୍ୟନ୍ତ ସାଂଘାତିକ। ଏହାଛଡା ହିମାଂଶୁ ଲାଲଙ୍କ ପୂର୍ବ ରେକର୍ଡ ମଧ୍ୟ ଠିକ ନାହିଁ। ହିମାଂଶୁ ଲାଲଙ୍କ ମାଧ୍ୟମରେ ପ୍ରଶାସନିକ କଳକୁ ବ୍ୟବହାର କରି ବିଜେପି ନୂଆପଡା ଉପନିର୍ବାଚନ ଜିତିବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଉପନିର୍ବାଚନ କିପରି ସ୍ୱଚ୍ଛ ଓ ଅବାଧ ହୋଇପାରିବ, ସେଥିପାଇଁ ଆବଶ୍ୟକୀୟ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅନୁରୋଧ କରିଛି ବିଜେଡି। ଏହି ପ୍ରତିନିଧି ମଣ୍ଡଳୀରେ ସାଂସଦ ସୁଲତା ଦେଓ, ଭୃଗୁ ବକ୍ସିପାତ୍ର, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ସୋଫିଆ ଆଲମ୍, ଜ୍ୟୋତ୍ସ୍ନା ପରିଡା, ଗୀତାଞ୍ଜଳୀ ପ୍ରଧାନ ଓ ଇଲା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

■ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ
■ ହିମାଂଶୁ ଲାଲଙ୍କ ମାଧ୍ୟମରେ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବିଜେପି

ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୫

# ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୦(ସମିସ): ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଛୋଟରୁ ବଡ଼ ସମସ୍ତ ଦୁର୍ନୀତି ଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦେଶର ଅଗ୍ରଣୀ ଦୁର୍ନୀତି ବିରୋଧୀ ସଂସ୍ଥା ଭାବେ ସୁନାମ ଅର୍ଜନ କରିଛି। ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପର୍ଯ୍ୟନ୍ତ କାହାରିକୁ ଛଡାଯାଇନାହିଁ। ଭିଜିଲାନ୍ସ ଅଧିକାରୀମାନଙ୍କୁ ସ୍ୱାଧୀନ ଭାବେ କାର୍ଯ୍ୟକରିବାର ଅଧିକାର ପ୍ରଦାନ କରାଯିବା ଫଳରେ ଏସବୁ ସମ୍ଭବ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ କହିଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଦଣ୍ଡ ବିଧାନ ହାର ମଧ୍ୟ ୫୦ ପ୍ରତିଶତରୁ ଅଧିକ ରହିଛି। ଦୁର୍ନୀତି ନିବାରଣ ବିଭାଗ ଆଜିର ଦିନରେ କାହାକୁ କ୍ଷମା କରିବ ନାହିଁ ଏବଂ କାହାକୁ ଛାଡିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜିର ଏହି କାର୍ଯ୍ୟକ୍ରମ ଦୁର୍ନୀତି ନିବାରଣ ପାଇଁ କେବଳ ଏକ ପ୍ରତିକାତ୍ମକ କାର୍ଯ୍ୟକ୍ରମ ନୁହେଁ। ଏହା ଦୁର୍ନୀତିଖୋର୍ ଅଧିକାରୀଙ୍କୁ ଏବଂ ଦୁର୍ନୀତିରେ ଲିପ୍ତ ସିଷ୍ଟମକୁ ଦୁର୍ନୀତି ପ୍ରତି ଆମ ସରକାର ଶୂନ୍ୟ ସହନଶୀଳ କଠୋର ବାର୍ତ୍ତା ଦେବା ପାଇଁ ଉଦ୍ଦିଷ୍ଟ। ଆମ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି। ଏହା ଫଳରେ ବିଭିନ୍ନ ଯୋଜନାର ସୁଫଳ ନ୍ୟାୟ ପୂର୍ଣ୍ଣ ଓ ସ୍ୱଚ୍ଛତାର ସହିତ ଉପଯୁକ୍ତ ଲାଭାର୍ଥୀଙ୍କ ପାଖରେ ପହଞ୍ଚାଯାଇ ପାରୁଛି।।

■ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଲେ
■ ଦୁର୍ନୀତି ଅଭିଯୋଗରେ ୩୦ ଜଣ ସରକାରୀ କର୍ମଚାରୀ ବହିଷ୍କୃତ
■ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ

ମୁଖ୍ୟମନ୍ତ୍ରୀ କହିଥିଲେ ଶୂନ୍ୟ ସହନଶୀଳ ନୀତିର ଅଂଶ ଭାବରେ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୩୦ ଜଣ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି ଓ ୬୮ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ବନ୍ଦ କରଯାଇଛି। ଏକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ପ୍ରଶାସନ ଆମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥ ପାଠ କରାଇଥିଲେ। ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ ଭାବେ କଟକ ଡିଭିଜନ, ଶ୍ରେଷ୍ଠ ୟୁନିଟ୍ ଭାବେ ସୁବର୍ଣ୍ଣପୁର ୟୁନିଟ୍, ଶ୍ରେଷ୍ଠ ତଦନ୍ତକାରୀ ପୁରୁଷ ଅଧିକାରୀ ଭାବେ ମନୋରଞ୍ଜନ ପାଇକରାୟ, ଶ୍ରେଷ୍ଠ ତଦନ୍ତକାରୀ ମହିଳା ଅଧିକାରୀ ଭାବେ ପ୍ରଣୀତା ରାୟ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ବ୍ରହ୍ମପୁରର ସୁରେନ୍ଦ୍ର ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଦୁର୍ନୀତି ନିବାରଣ ବିଭାଗର ମହାନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ମହାନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA



# ପଶୁଛି ଇନ୍ଦ୍ରାବତୀ ପ୍ରକଳ୍ପ ଜଳ; ଫୁଲୁଛି ହାତୀନଦୀ

## ବାତ୍ୟା ଜଳ ପଶିଲେ କୂଳ ଲଙ୍ଘିବା ସମ୍ଭାବନା

କଳମପୁର,୨୮ ।୧୦(ସମିସ)

ଚିରସ୍ରୋତା ହାତୀ ନଦୀ କଳମପୁର ମଧ୍ୟସ୍ଥଳରେ ପ୍ରବାହିତ ହେଉଛି। ଆସନ୍ନ ବାତ୍ୟାକୁ ଦୃଷ୍ଟିରେ ରଖି ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି।ଏ ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲା ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପରୁ ଉଦବୃତ୍ତ ଜଳ କେନାଲ ଯୋଗେ ଚାଷୀଙ୍କ ଯୋଗାଇ ଯାଉଥିଲା। ବାତ୍ୟାକୁ ଦୃଷ୍ଟିରେ ରଖି ସଂପୃକ୍ତ ବିଭାଗ କେନାଲରେ ଜଳ ଛାଡିବା ବନ୍ଦ କରିଦେଇ ସେହି ଜଳକୁ ଏବେ ହାତି ନଦୀରେ ନିଷ୍କାସନ କରାଯାଇଛି। ଫଳରେ ହାତୀ ନଦୀ ଫୁଲି ଉଠିବାରେ ଲାଗିଛି। ଏନେଇ ଇନ୍ଦ୍ରାବତୀ ସହକାରୀ ଯନ୍ତ୍ରୀ କେ ନାରାୟଣ ରାଓ ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଲୋକଙ୍କୁ ସତର୍କ କରାଇଛନ୍ତି। ସେଥିରେ ଶ୍ରୀ ରାଓ ଉଲ୍ଲେଖ କରିଛନ୍ତି ଯେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ଶତ ପ୍ରତିଶତ ବୃଦ୍ଧି ପାଇବ ଯେ କୌଣସି ସମୟରେ ଜଳଭଣ୍ଡାରରୁ ଜଳ ହାତୀ ନଦୀ ପଥ ଦେଇ ଜଳ ନିଷ୍କାସନ କରାଯିବ। ଏଣୁ ଏହି ସମୟରେ ହାତୀ ନଦୀ ଭିତରକୁ ନିଜେ ନ ପଶିବା ସହିତ ଗୃହ ପାଳିତ ପଶୁଙ୍କୁ ନ ଛାଡ଼ିବାକୁ ଉଲ୍ଲେଖ ରହିଛି। ହାତୀ ନଦୀ ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରଠାରୁ ଚିରସ୍ରୋତା ପାଲଟିଛି,ବିଗତ ଦିନରେ ହାତୀ ନଦୀରେ ପ୍ରତି ବର୍ଷ ବନ୍ୟା ତାଣ୍ଡବ ଦେଖିବାକୁ ମିଳୁଥିଲା।ଏଥିରୁ ରକ୍ଷା କରିବା ସକାଶେ ତତ୍କାଳୀନ ସରକାର ଯୋଜନା ପ୍ରଣୟନ କରି ବିଭିନ୍ନ ପ୍ରକଳ୍ପ ଯୋଗାଇ ଦେଲେ। ଫଳରେ ବନ୍ୟା ଦାଉରୁ ଅଞ୍ଚଳବାସୀ ଆଶ୍ୱସ୍ତି ହୋଇଛନ୍ତି। ସେତେବେଳେ ଟେମରା, ବିରିପୁର,ମାଟିଖାଲ,ଜାମପଡା,କର୍ମେଲ,ବାଲିଛଡା ଆଦି ଗ୍ରାମ ଜଳ ପ୍ଲାବିତ ହୋଇ ସେଠାକାର ଅଧିବାସୀମାନେ ଜଳବନ୍ଦୀ ଜୀବନ ବିତାଉ ଥିଲେ। ଦୀର୍ଘ ବର୍ଷ ହେଲା ସେପରି ଆଉ ଦେଖିବାକୁ ମିଳିନାହିଁ। ଆସନ୍ନ ବାତ୍ୟାକୁ ନେଇ କଳମପୁର ବିଡ଼ିଓ ବିଜୟ ମାଣ୍ଡାଙ୍ଗି ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇ ଯାଇଛି। ଆମ ବିଭାଗ ସମେତ ସମସ୍ତ ବିଭାଗକୁ ସତର୍କ ରହିବାକୁ କୁହାଯାଇଛି, ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆମେ ସକ୍ଷମ ବୋଲି ମତ ପ୍ରକାଶ କରିଛନ୍ତି। କାଁଭାଁ ଝିପିଝିପି ସାମାନ୍ୟ ବର୍ଷାକୁ ଛାଡ଼ିଦେଲେ ଅଞ୍ଚଳରେ ପାଗ ଶୁଖିଲା ଓ କୋହଲା ରହିଛି। ଯଦିଓ ବର୍ଷାର ପ୍ରଭାବ ସେତେଟା ପଡ଼ିନଥିଲେ ମଧ୍ୟ ହାତୀ ନଦୀରେ ଇନ୍ଦ୍ରାବତୀ ପ୍ରକଳ୍ପ ଜଳ ପ୍ରବାହିତ ହେବାରୁ ନଦୀ ଫୁଲିବାକୁ ଲାଗିଛି।ଏଥିରେ ବାତ୍ୟା ଜଳ ପ୍ରବେଶ କଲେ କୂଳ ଲଙ୍ଘିବା ସମ୍ଭାବନା ଥିବାରୁ ନଈକୂଳିଆ ଅଞ୍ଚଳବାସୀଙ୍କ ମଧ୍ୟରେ ଛନକା ପଶିଛି।

## 'ମୋନ୍ଥା'ର ମୁକାବିଲା ପାଇଁ କେସିଙ୍ଗା ପ୍ରଶାସନ ପ୍ରସ୍ତୁତ

କେସିଙ୍ଗା,୨୮ ।୧୦(ସମିସ): ବାତ୍ୟା ମୋନ୍ଥା ପାଇଁ କଳାହାଣ୍ଡି ଜିଲ୍ଲା କୁ ପାଣିପାଗ ବିଭାଗ ପକ୍ଷରୁ ରେଡ ଜୋନ ଘୋଷିତ କରିବା ପରେ ଅଧିକାରୀଙ୍କ ନିଦ ହଜି ଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ



ବାତ୍ୟାକୁ ନଜରରେ ରଖି ଜିଲ୍ଲାର ସମସ୍ତ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନଙ୍କୁ ତିନି ଦିନ ଛୁଟି ଘୋଷଣା ହୋଇ ସାରିଛି। ଇତି ମଧ୍ୟରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛି ଜିଲ୍ଲା ପ୍ରଶାସନ।ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ସୋମବାର ଦିନ ଅପରାହ୍ନରେ ସ୍ଥାନୀୟ ବିଡ଼ିଓଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇ ବାତ୍ୟା ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରାଯାଇ ବାତ୍ୟା ସମୟରେ ଯେପରି କୌଣସି ଜନସାଧାରଣଙ୍କୁ କିଛି ବି ଅସୁବିଧା ନହେବ ଦରକାର ପଡିଲେ ତୁରନ୍ତ ରିଲଫ୍ ସାମଗ୍ରୀ କିପରି ପୀଡ଼ିତାଙ୍କ ପାଖରେ ଯଥା ଶୀଘ୍ର ପହଞ୍ଚି ପାରିବ ସେଥିପ୍ରତି ଗୁରୁତ୍ୱ ଆଲୋଚନା ହୋଇଥିଲା। ଦରକାର ପଡିଲେ ନଦୀ କୂଳରେ ଥିବା ଗ୍ରାମ ବେଲଖଣ୍ଡି,ହାତୀଖୋଜ, ସିର୍ଜାପାଲି, କୁମ୍ଭାରପଡ଼ା, ପଥର୍ଲା ଆଦି ଗ୍ରାମରେ ନଦୀ କୂଳରେ ବସବାସ କରୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ମଧ୍ୟ ଆଲୋଚନା ହୋଇଥିଲା।ଉକ୍ତ ରଣନୀତି ବୈଠକରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ଜନ୍ମେଜୟ ସ୍ୱାଇଁ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର,ବନବିଭାଗ ଅଧିକାରୀ,ବିଦ୍ୟୁତ୍ ବିଭାଗ ଅଧିକାରୀ, ଅଗ୍ନିଶମ ବିଭାଗ ର ଅଧିକାରୀ,ରାଜସ୍ୱ ଅଧିକାରୀ,କୃଷି ବିଭାଗର ଅଧିକାରୀ ଓ ସମସ୍ତ ବିଭାଗର ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ରଣନୀତି ପ୍ରସ୍ତୁତ କରିଥିଲେ।ହେଲେ ୨୮ ତାରିଖ ଦିନ ଅଞ୍ଚଳରେ ବାତ୍ୟାର କୌଣସି ପ୍ରଭାବ ପଡିନଥିବା ବେଳେ ବର୍ଷା ମଧ୍ୟ ହୋଇ ନାହିଁ କେବଳ ଝିପିଝିପି ବର୍ଷା ୫ରୁ୧୦ ମିନିଟ ହେଇଛି।ବାକି ଆଜି ଅଞ୍ଚଳରେ ବାତ୍ୟାର କି ପ୍ରଭାବ ପଡ଼ିବ ଦେଖିବାକୁ ବାକି ରହିଲା।

## 'ମୋନ୍ଥା' ଆଶଙ୍କା ନେଇ ସଚେତନତା

ଗୋଲାମୁଣ୍ଡା,୨୮ ।୧୦(ସମିସ): ବାତ୍ୟା 'ମୋନ୍ଥା'କୁ ନେଇ ମଙ୍ଗଳବାର ନଦୀ କୂଳିଆ ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଗୋଲାମୁଣ୍ଡା ବିଡିଓ ତ୍ରିପୁରା ମହାନନ୍ଦ ପହଞ୍ଚି ସାଧାରଣଲୋକଙ୍କୁ ସୁରକ୍ଷିତ ସ୍ଥାନରେ ରହିବା ପାଇଁ ସଚେତନ



କରିଥିଲେ। ଏବିଡିଓ ବିଜୟ କୁମାର ନାଏକ୍, ଏଇ ଚିତ୍ତ ରଞ୍ଜନ ଜେନା, ସରପଞ୍ଚ ପ୍ରତିନିଧି କୁମୁଦ ସା, ପିଇଓ ପୁରୁଷୋତ୍ତମ ନାଏକ, ଏଡିଇଓ ଡମ୍ବରୁ ସୁନାନୀ, ଦଶପୁର ମଣ୍ଡଳ ବିଜେପି ସଭାପତି ପ୍ରମୋଦ ପ୍ରଧାନ,ୱାର୍ଡ ସଭ୍ୟ ଦିବ୍ୟ ପ୍ରଧାନ,ମଙ୍ଗଳ ସୁନାନୀ, ପ୍ରଧାନ ଶିକ୍ଷକ କୁମସୂତ ସୁନାନୀ, ତିଲକରାମ ସୁନାନୀ, ରଜପାଲି ନିଆଲ,ସମାଜ ସେବୀ ଜଗୁଜିବନ ସା,ସୁରେନ୍ଦ୍ର ନାଏକ,ଜିତୁ ପ୍ରଧାନ,ଅଙ୍ଗନୱାଡ଼ି କର୍ମୀ ଶ୍ରୀମତୀ ବିଳାସ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୋଲାମୁଣ୍ଡା ବ୍ଲକ୍‌ରେ ସ୍ୱଳ୍ପ ବର୍ଷା ହେଲେ ଜଳମଗ୍ନ ହୋଉଥିବା ଅଞ୍ଚଳ ମାନଙ୍କରେ ପରିଦର୍ଶନ କରି ଆଗାମୀ ତିନିଦିନ ଧରି ପ୍ରବଳ ଝଡ଼ ତୋଫାନ ହେବା ସହିତ ବର୍ଷା ହେବାର ସମ୍ଭାବନା ଅଛି ତେଣୁ ଜରୁରୀ ନଥିଲେ ବାହାରକୁ ନ ବାହାରି ସୁରକ୍ଷିତ ସ୍ଥାନରେ ରହିବା ପାଇଁ ଲୋକଙ୍କୁ ବିଡିଓ ଶ୍ରୀ ମହାନନ୍ଦ ସଚେତନ କରିଥିଲେ। ତେବେ ବାତ୍ୟା "ମୋନ୍ଥା' ଆଶଙ୍କାକୁ ନେଇ ସୋମବାର ବିଡ଼ିଓ ନେତୃତ୍ୱରେ ବ୍ଲକ୍ ସଭାଗୃହରେ ଜରୁରୀ କାଳୀନ ବୈଠକ ହୋଇଥିଲା। ସ୍ୱଳ୍ପ ବର୍ଷା ହେଲେ ଜଳମଗ୍ନ ହେଉଥିବା ନଦୀ କୂଳିଆ ଅଞ୍ଚଳମାନଙ୍କରେ ପ୍ରବଳ ବର୍ଷା ଏବଂ ଝଡ଼ ତୋଫାନ ହେଲେ ଲୋକଙ୍କୁ କିଭଳି ଭାବେ ନିରାପଦ ଜାଗାରେ ରଖିବା ସହ ଖାଦ୍ୟପେୟ ପ୍ରଦାନ କରାଯିବ ସେନେଇ ଆଲୋଚନା କରାଯାଇଥିଲା।

## ୟୁଏଏସ୍ ପୋର୍ଟାଲ କାର୍ଯ୍ୟ ବିରୋଧରେ ଦାବିପତ୍ର



କୋକସରା,୨୮ ।୧୦(ସମିସ):ଉତ୍କଳ ପ୍ରାଇମେରୀ ଟିଚର୍ସ ଫେଡେରେସନ କୋକସରା ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ୟୁଏଏସ୍ ପୋର୍ଟାଲ କାର୍ଯ୍ୟ ବିରୋଧରେ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ ୟୁଏଏସ୍ ଲାଗୁ ପାଇଁ ପ୍ରଥମେ ଆବଶ୍ୟକ ଭିତ୍ତିଭୂମି ଯେପରି ଶ୍ରେଣୀ ହିସାବରେ ଆବଶ୍ୟକ କୋଠରୀ,କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି, ଶିକ୍ଷକ ଅଭାବ ଦୂର, ସରକାରଙ୍କ ତରଫରୁ ୟୁଏଏସ୍ କାମ କରିବାକୁ ଯନ୍ତ୍ରାଂଶ (ମୋବାଇଲ, କମ୍ପ୍ୟୁଟର, ଟ୍ୟାବ୍ଲେଟ, ଅର୍ଥ ରାଶି ଆଦି ଯୋଗାଇ ଦେବା, ଏହା ଦ୍ୱାରା ନିଜର ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ସମ୍ଭାବନା ଅଧିକ। ଏହି କାର୍ଯ୍ୟ ପାଇଁ ଅଧିକ ସମୟର ଆବଶ୍ୟକ ଥିବାରୁ ଶିକ୍ଷାଦାନ ପ୍ରକ୍ରିୟା ବ୍ୟାହତ ହେବାର ସମ୍ଭାବନା ଅଧିକ ଅଛି। ଏହି ସବୁ ଦିଗକୁ ବିଚାର କରି ସମାଧାନ କଲାପରେ ଲାଗୁ କରିବାକୁ ପୂର୍ବରୁ ଅନୁରୋଧ କରାଯାଇଥିଲା।କିନ୍ତୁ ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ନ କରି ଆମ ଉପରେ ୟୁଏଏସ୍ କାର୍ଯ୍ୟକୁ ବର୍ତ୍ତମାନ ବଳପୂର୍ବକ ଲଦି ଦିଆଯାଇଛି। ଶିକ୍ଷକମାନେ ଡିଜିଟାଲ ପରିବର୍ତ୍ତନ ବିରୋଧୀ ନୁହନ୍ତି, କିନ୍ତୁ ସେମାନେ ଏହାର ଯୁକ୍ତିସଂଗତ ଓ ବ୍ୟବହାରିକ ପ୍ରୟୋଗ ଚାହୁଁଛନ୍ତି, ଯାହା ତାଙ୍କ କାର୍ଯ୍ୟ ସୁବିଧା ଓ ପ୍ରଶାସନିକ କାର୍ଯ୍ୟକୁ ସହଜ କରିବ। ସଂଘ ପକ୍ଷରୁ ବିଭାଗ ତାଙ୍କ ଦାବିକୁ ଗମ୍ଭୀରତାର ସହ ସ୍ୱୀକାର କରି ଶୀଘ୍ର ଯଥୋଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୋକସରା ବ୍ଲକ୍ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କେଗାଁରେ ନାରୀ ସଚେତନତା କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୨୮ ।୧୦(ସମିସ):ଗୋଲାମୁଣ୍ଡା ବ୍ଲକ୍ କେଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଭାରତୀୟ ଆଦିମ ଜାତି ସେବା ସଂଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ,କଳାହାଣ୍ଡି ତରଫରୁ ମହିଳା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି।ଏଥିରେ ଆଇସିଡ଼ିଏସ ସୁପରଭାଇଜର ଗୀତାଞ୍ଜଳି ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେଗାଁ ଥାନା ଏଏସଆଇ ରୋମାଞ୍ଚଳ ନାଏକ,ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଭୋଇ, ସହ ଶିକ୍ଷକ ଦେବରାଜ ଜାନୀ, ଡିଏସଡବ୍ଲୁଓ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶକ୍ତି ସଦନ ଗୃହରେ କେଉଁ ମହିଳାମାନେ ରହିପାରିବେ,ବାଲ୍ୟବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଆଦି ବିଷୟରେ ଆଲୋଚନା କରିଥିଲେ। ଧର୍ମଗଡ ଶକ୍ତି ସଦନ ର ପରିଚାଳିକା ସସ୍ମିତା ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠିତ ସଚେତନତା ସଭାରେ କେଗାଁ ପଞ୍ଚାୟତର ସିଆରପି,ଏମବିକେ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ,ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀ ମାନେ ବହୁ ସଂଖ୍ୟାରେ ସାମିଲ ଥିବା ବେଳେ ଧର୍ମଗଡ ଶକ୍ତି ସଦନ ଗୃହ କାର୍ଯ୍ୟାଳୟ ସହାୟକ ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିହାରୀ ସମ୍ପ୍ରଦାୟର ଛଟ୍ ପୂଜା

ମ.ରାମପୁର,୨୮ ।୧୦(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ଠାରେ ବିହାରୀ ସମ୍ପ୍ରଦାୟର ଛଟ ପୂଜା ପାଳିତ ହୋଇଯାଇଛି।ସମ୍ପ୍ରଦାୟର ସମସ୍ତ ବ୍ୟକ୍ତି ନିକଟସ୍ଥ ହରି ହର ସାଗରରେ ଛଟ ପୂଜା ବିଧି ମତେ ପାଳନ କରିଥିଲେ। ସମସ୍ତ ପୂଜା ପରିଚାଳନାରେ ଜୟରାମ ସାହୁ, ସୁନୀଲ ସାହୁ,ଆଶୋକ ସାହୁ, ବିନୋଦ ସାହୁ,ଛୋଟେ ଲାଲ ପାଣ୍ଡେ,ଘନଶ୍ୟାମ ପାଣ୍ଡେ,ମନୋଜ ସାହୁ, ସଞ୍ଜୟ ସାହୁ, ଜୟ ପ୍ରକାଶ ଗୁପ୍ତା, ଜୟ ମଙ୍ଗଳ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଛଟ ପୂଜାରେ ଅସ୍ତଗାମୀ ସୂର୍ଯ୍ୟକୁ ଗୋଟିଏ ଦିନ ଏବଂ ତା ପରଦିନ ଉଦୟ ସୂର୍ଯ୍ୟକୁ ପୂଜା କରାଯାଏ, ପୂଜା ଚାରି ଦିନ ଧରି ବିଭିନ୍ନ ପର୍ଯ୍ୟାୟରେ ପାଳନ କରାଯାଏ। ପୌରାଣିକ ଆଖ୍ୟାନ, ଧର୍ମୀୟ ବିଶ୍ୱାସ, ବୈଜ୍ଞାନିକ ଆଧାରର ସମାହାର ହେଉଛି ଛଟ ପୂଜା।

● ବ୍ଲକ୍‌ସ୍ତରୀୟ ଯୁବ ଯାଦବ ସମାଜ କର୍ମକର୍ତ୍ତା ଚୟନ

## ଗଣେଶ ସଭାପତି, ଦିବାକର ସମ୍ପାଦକ

ସିନାପାଲି,୨୮ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍‌ସ୍ଥିତ ରାଣିମୁଣ୍ଡା ଗିରିଗୋବର୍ଦ୍ଧନ ପିଠରେ ସିନାପାଲି ବ୍ଲକ୍‌ସ୍ତରୀୟ ଯୁବ ଯାଦବ ସମାଜର ନୂତନ କମିଟି କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଥିଲା। ଯାଦବ ସମାଜର ସଭାପତି ଲିଙ୍ଗରାଜ ଘିଭେଲାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ନୂଆପଡା ଜିଲ୍ଲା ଯାଦବ ସମାଜ ସଭାପତି ଭରତ ଲାଲ ରାଉତ,ସମ୍ମାନିତ ଅତିଥି ଭାବେ ବିଷ୍ଣୁ ପତି ବାଗ,ଜୟରାମ ଜାଲ, ମିଥୁନ ବାଗ, ନିତ୍ୟାନନ୍ଦ କଟା, ତୁଳସିରାମ ବାଗ, ଟଙ୍କଧର ବନ୍ଦିଚୋର,



ଦୈତାରି ହଂସ, ପିତବାସ କଟା, କ୍ରୁତିବାସ ତେଜି, ଅକାଲ ହଂସ, ଭଗବାନ ବନ୍ଦିଚୋର, ଟିକଚନ ଗହିର, ସତ୍ୟବ୍ରତ ଗହିର ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭରେ ଅତିଥିମାନେ ଶ୍ରୀକୃଷ୍ଣଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳିତ କରି ପୂଜାର୍ଚ୍ଚନା କରିଥିଲେ।ଜଗଦୀଶ ନାଗ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ଅତିଥିମାନେ ସମାଜର ଏକତା ଅଖଣ୍ଡତା ରଖିବା ସାଙ୍ଗକୁ କୁସଂସ୍କାରକୁ ଛାଡି ଶିକ୍ଷାକୁ ଗୁରୁତ୍ୱ ଦେବା ଓ ସମାଜର ବିକାଶ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ। ବୈଠକରେ ବ୍ଲକ୍‌ସ୍ତରୀୟ ଯୁବ ଯାଦବ ସମାଜ କମିଟି ଗଠନ କରାଯାଇଥିଲା। ନୂତନ ଯୁବ ଯାଦବ ସମାଜ କମିଟିର ସଭାପତି ଭାବେ ଗଣେଶ ପୋଡ, ଉପସଭାପତି ଭାବରେ ସୁରେଶ ବାଗ ଓ ଯକ୍ତା ନିଆଲ , ସମ୍ପାଦକ ଭାବରେ ଦିବାକର ସଗରିଆ ଓ ରମେଶ କଟା, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ବାଗ ଓ କୋଷାଧ୍ୟକ୍ଷ ଭାବେ ନିରଞ୍ଜନ ଘିଭେଲାଙ୍କୁ ମନୋନୀତ କରାଯାଇ ଥିବା ବେଳେ ଅନ୍ୟାନ୍ୟ ସଦସ୍ୟଙ୍କୁ ଅନ୍ୟାନ୍ୟ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନୂତନ କର୍ମକର୍ତ୍ତାଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିବା ବେଳେ ଶପଥ ପାଠ ପରେ ସଭା ଶେଷ କରାଯାଇଥିଲା।ଶେଷରେ ନିତ୍ୟାନନ୍ଦ କଟା ଧନ୍ୟବାଦ ଅର୍ପଣ କରିଥିଲେ।

## ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ କଲେଜରେ ସାଇବର୍ ସଚେତନତା



ଭବାନୀପାଟଣା/କେସିଙ୍ଗା,୨୮ ।୧୦ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ୍ ବେଲଖଣ୍ଡି ଡିଗ୍ରୀ ମହାବିଦ୍ୟାଳୟରେ କେସିଙ୍ଗା ଥାନା ପକ୍ଷରୁ କଲେଜର ଅଧକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ କେସିଙ୍ଗା ଏସଡିପିଓ ସନ୍ଦୀପ ମାଝୀ ଶ୍ରୀଗଣେଶଙ୍କ ସମ୍ମୁଖରେ ଶ୍ରୀଫଳ ଭାଙ୍ଗି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବରେ କେସିଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ,ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲୋ, ଉପସ୍ଥିତ ଥିଲେ। ଉକ୍ରେଲା ଏଏସ୍ଆଇ ଅରୂପ କୁମାର ଶତପଥୀ ଅତି ଚମତ୍କାର ମ୍ୟାଜିକ ଦେଖାଇ ସାଇବର କ୍ରାଇମ ବିଷୟରେ ସଚେତନ କରିଥିଲେ। ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତା ସାଇବର କ୍ରାଇମ ବାବଦରେ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଅଭିଭାଷଣ ଦେଇଥିଲେ। ଇଂରାଜୀ ଅଧ୍ୟାପକ ଦୁର୍ଯ୍ୟୋଧନ ବିଶୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଓଡ଼ିଆ ଅଧ୍ୟାପକ ସଦାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମଦନ ମୋହନ ସାହୁ, ଅର୍ଥନୀତି ଅଧ୍ୟାପିକା ସ୍ୱାତି ପଧାନ,ମୁଖ୍ୟ କିରାଣୀ ଭକ୍ତ ବନ୍ଧୁ ପଧାନ,କଲେଜର ପିଅନ ଚଉବନ ପଧାନ, ବୁଦ୍ଧଦେବ ପଧାନ, ଡାଟା ଏଣ୍ଟ୍ରି ଅଫିସର ଧର୍ମେନ୍ଦ୍ର ପଧାନ, ରାତ୍ର ଜଗୁଆଳି ବିଶ୍ୱନାଥ ଭୋଇ, ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସାଇବର ଅପରାଧୀଙ୍କ ଠାରୁ କେମିତି ସୁରକ୍ଷା ପାଇବା ସେହି ଉପରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ,କୁଇଜ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଗଲା।

## ଯୁବକଙ୍କ ମୃତଦେହ ଉଦ୍ଧାର, ଦୁର୍ଘଟଣା ସନ୍ଦେହ

ସିନାପାଲି,୨୮ ।୧୦(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧିନ ଓଡିଶା- ଛତିଶଗଡ଼ ସୀମାନ୍ତ ନୂଆମାଲପଡା ଗ୍ରାମ ନିକଟରେ ଜଣେ ଯୁବକଙ୍କ ମୃତଦେହ ପୁଲିସ ଉଦ୍ଧାର କରିବା ସହ ଘଟଣାସ୍ଥଳରୁ ଏକ ବାଇକ୍ ଜବତ କରିଥିବା ଜଣାପଡିଛି। ଯୁବକ ଜଣକ ହେଲେ କୁସୁମଯୋର ଗ୍ରାମପଞ୍ଚାୟତ ସ୍ଥିତ କସେଇପାଣି ଗ୍ରାମର ହେମଲାଲ ହଂସ(୩୩) ବୋଲି ଜଣାପଡିଛି। ଘଟଣାସ୍ଥଳରୁ ବାଇକ ଯାହାର ଗାଡି ନମ୍ବର ୦୪ଡିକେ ୦୬୧୬କୁ ଜବତ କରାଯାଇ ସିନାପାଲି ପୁଲିସ ତଦନ୍ତ ଚଳାଇଛି। ଖବର ଅନୁସାରେ



ମଙ୍ଗଳବାର ନୂଆମାଲପଡା ଗ୍ରାମ ଠାରୁ ଛତିଶଗଡ଼ ରାଜ୍ୟର ବୁର୍ଜାବାହାଲ ଯାତାୟାତ ରାସ୍ତା କଡରେ କୌଣସି କାରଣରୁ ଯୁବକ ଜଣକ ବାଇକ ସହ ତଳେ ପଡି ରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସିନାପାଲି ଥାନାଧିକାରୀ ଦୁର୍ଗା ମାଧବ ବାଗ ଘଟଣା ସ୍ଥାନରେ ପହଞ୍ଚି ଯୁବକଙ୍କ ମୃତଦେହ ଉଦ୍ଧାର କରିବା ସହ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯଇଛି। ଯୁବକ ଜଣକ ଦୁଇଦିନ ତଳେ ଘରୁ ବାହାରିଥିବା ବେଳେ ମାନସିକ ସ୍ଥିତି ଠିକ୍ ନଥିବା ପରିବାର ଲୋକେ ପ୍ରକାଶ କରିଥିଲେ। ଘଟଣାସ୍ଥଳରୁ ସିନାପାଲି ପୁଲିସ ଏଏସଆଇ ପ୍ରଭାକର ନାଏକ ସମେତ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏନେଇ ସିନାପାଲି ଥାନାରେ ମାମଲା ରୁଜୁକରି ତଦନ୍ତ ଚାଲୁ ରହିଛି। ଏହା ଏକ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ସିନାପାଲି ପୁଲିସ ସନ୍ଦେହ କରୁଛି।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ଭବାନୀପାଟଣା,୨୮ ।୧୦(ସମିସ): କଳାହାଣ୍ଡି ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲା ପରିଷଦର ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ, ପୁରୁଣା ବସ୍‌ଷ୍ଟାଣ୍ଡ, ଘୋଡାଘାଟ ଛକ, ନୂଆବସ୍‌ଷ୍ଟାଣ୍ଡ, ଜିଲ୍ଲା କାରାଗାର ଦେଇ ଜିଲ୍ଲାପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ସଚେତନତା ସଭା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଭିସି ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡି ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ି, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ, ଅବକାରୀ ଅଧିକ୍ଷକ ରଞ୍ଜନ ନାୟକ, ଉପ ଆରକ୍ଷୀ ଅଧିକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ପ୍ରଦୀପ କୁମାର ଆଇନ୍ଦ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବକ୍ତା ଭାବେ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଦୁର୍ନୀତି ନିବାରଣ ଆମ ସାମୂହିକ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଦେଶର ଆର୍ଥିକ, ରାଜନୈତିକ,ଏବଂ ସାମାଜିକ ପ୍ରଗତି ପଥରେ ଦୁର୍ନୀତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ। ସମସ୍ତେ ସଚେତନ ହୋଇ ଏକ ସଶକ୍ତ ଓ ବିକଶିତ ରାଷ୍ଟ୍ର ଗଠନ ଦିଗରେ ସେବା ମନୋଭାବ ନେଇ କାର୍ଯ୍ୟ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ନାଗରିକଙ୍କ ପାଇଁ ସାଧୁତାର ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢି ସହଯୋଗ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ନାରାୟଣ ଚନ୍ଦ୍ର ଘୋଷ
ଅବସରପ୍ରାପ୍ତ ଶିକ୍ଷକ
ସରିଷା, ବସ୍ତା, ବାଲେଶ୍ୱର

ଆବିର୍ଭାବ : ୧୮.୦୧.୧୯୫୭ ତିରୋଧାନ : ୧୯.୧୦.୨୦୨୫

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ସରଳତା, କର୍ତ୍ତବ୍ୟ ପରାୟଣତା ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ପୁତ୍ର- ଶରତ ଚନ୍ଦ୍ର, ହେମନ୍ତ, ବଧୂ- ସସ୍ମିତା, ଦୀପାଞ୍ଜଳି, ଝିଅ- ମଞ୍ଜୁବାଳା ପାତ୍ର, ଜ୍ୱାଇଁ- ସତ୍ୟବ୍ରତ ପାତ୍ର, ନାତି ନାତୁଣୀ ଓ ପରିବାରବର୍ଗ

## ବିକାଶ ୱିସଡମ୍ ପାର୍କରେ କ୍ରୀଡ଼ା ଉତ୍ସବ 'ଆଥେଲେଟ ମିଟ୍' ଉଦ୍‌ଯାପିତ

ଭବାନୀପାଟଣା,୨୮ ୧୦(ସମିସ)



କ୍ରୀଡ଼ା ହେଉଛି ଛାତ୍ର ଜୀବନର ଏକ ଗୁରୁତ୍ୱ ପୂର୍ଣ୍ଣ ଅଂଶ ବିଶେଷ। ଜଣେ ଛାତ୍ର ପାଇଁ ପାଠପଢା ବ୍ୟତୀତ ଖେଳକୁଦ ଏକାନ୍ତ ଆବଶ୍ୟକ।ଏହାକୁ ଆଧାର କରି ଭବାନୀପାଟଣା ସ୍ଥିତ ବିକାଶ ଉଇସଡ଼ମ ପାର୍କ ପରିସରରେ ଚଳିତ ମାସ ୨୩ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ଦିନ ବ୍ୟାପୀ କ୍ରୀଡ଼ା ଉତ୍ସବ ଆଥେଲେଟ ମିଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନିଲ କୁମାର ବେହେରା ଏଥେଲେଟ ଜିଲ୍ଲା କାର୍ଯ୍ୟକାରୀ ସଭାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡି ନାଗେଶ୍ୱର ରାଓ, ନିର୍ଦ୍ଦେଶକ ଡି ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି ରାମ କୁମାର, ଶିକ୍ଷା ପ୍ରଭାରୀ ଡି ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି ପଦ୍ମିନୀ, ବିକାଶ ବିବିଏ ବିସିଏ ବିଭାଗ ଅଧକ୍ଷ ଡ଼ ସୁଦୀପ୍ତ ଜେନା , ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧକ୍ଷା ଆରତି ମିଶ୍ର, ଉପାଧକ୍ଷ ନାରାୟଣ ମହାନ୍ତି, ପ୍ରବନ୍ଧକ ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ମା'ମାଣିକେଶ୍ୱରୀଙ୍କ ପୀଠରୁ ଅଣାଯାଇଥିବା ମଶାଲକୁ ମୁଖ୍ୟ ଅତିଥି କ୍ରୀଡ଼ା ସ୍ଥଳରେ ସ୍ଥାପନ କରି କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କ୍ରୀଡାର ମହତ୍ତ୍ୱ ଓ ଏହାର ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମ୍ମାନିତ ଅତିଥି ଗଣ ବିକାଶରୁ ଆଜ ପ୍ରକାଶ କରିଥିବା କ୍ରୀଡାବିତ୍ ଙ୍କ ସ୍ମୃତି ଚାରଣ ସହ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ରୀଡ଼ାରେ ନର୍ସରୀରୁ ଆରମ୍ଭ କରି ସିବିଏସଇ ଦ୍ୱାଦଶ, ଉଚ୍ଚ ମାଧ୍ୟମିକ, ଡିଗ୍ରୀ, ବିବିଏ,ବିସିଏ, ନର୍ସିଂ ବିଭାଗର ପ୍ରାୟ ୨୨ ଶହ ବିଦ୍ୟାର୍ଥୀ ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ତୀରନ୍ଦାଜକୁ ମଧ୍ୟ କ୍ରୀଡ଼ାରେ ସାମିଲ କରାଯାଇଥିଲା ପ୍ରତିଯୋଗଙ୍କ ମଧ୍ୟରେ ବହୁ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାକୁ ଖେଳ ଶିକ୍ଷକ ପ୍ରବୀଣ କୁମାର, ମନୋଜ କୁମାର ବିଶ୍ୱାଳ, ମହେଶ ତ୍ରିପାଠୀ, ହଂସିନି ମେହେର, ପ୍ରେମ ଶରଣ ନାଗ , ନିଷିଦ ସାହୁ ପ୍ରମୁଖ ପରିଚାଳନା କରିଥିଲେ।କାର୍ଯ୍ୟକ୍ରମ ସଫଳ କରିବାରେ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କ ସହଯୋଗ ରହିଥିଲା।

● ଚାଉଳଶୁଖା ପଞ୍ଚାୟତରେ ଦିଗହରା ମନରେଗା

# ପୁରୁଣା କାମରେ ନୂଆ ବିଲ୍



କଣ୍ଟାବାଞ୍ଜି, ୨୮ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚାଉଳଶୁଖା ପଞ୍ଚାୟତରେ ମନରେଗା ଯୋଜନା ଦିଗହରା ହେବାରେ ଲାଗିଛି । ଯେଉଁ କାମ ଶ୍ରମିକ କରିବା କଥା ସେହି କାମ ଶ୍ରମିକ ନ କରି ପୁରୁଣା କାମରେ ନୂଆ ବିଲ୍ କରି ଦାୟିତ୍ୱରେ ଥିବା ସରକାରୀ ଅଧିକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହେଉଛି ।

ଚାଉଳଶୁଖା ପଞ୍ଚାୟତର ଯାମୁଟଜୁରୀ ଗାଁର ଖଲିଆମୁଣ୍ଡାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରେ ଚାଉଳଶୁଖା ପଞ୍ଚାୟତ ପାଣ୍ଠିରୁ ୯ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରାଯାଇଛି । ଏହି ଟଙ୍କାରେ ମାଟି କାମ ହେବାର ଥିଲା; ହେଲେ ଗତ ବର୍ଷ କେତେଜଣ ଶ୍ରମିକଙ୍କୁ ଲଗାଇ ଅଳ୍ପ କିଛି ମାଟି ଖନନ କରି ଏକାଧିକ ନକଲି ଶ୍ରମିକଙ୍କ ନାଁରେ ଜାଲ୍ କାଗଜପତ୍ରରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି । ଯେତେ ଟଙ୍କାର ବିଲ୍ ହୋଇଛି ସେତେ ଟଙ୍କାର କାମ ହୋଇନି । ମନରେଗା ଯୋଜନାରେ ୬୦ ପ୍ରତିଶତ ଟଙ୍କା ମାଟି ଉନ୍ନତୀକରଣରେ ଖର୍ଚ୍ଚ କଲେ ୪୦ ପ୍ରତିଶତ ଟଙ୍କା ମ୍ୟାଟ୍ରିଆଲ କାମରେ ଖର୍ଚ୍ଚ କରାଯାଇଥାଏ; ହେଲେ ଏଠାରେ ଅଳ୍ପ ମାଟି କାମ କରି ମ୍ୟାଟ୍ରିଆଲ ନାଁରେ ଟଙ୍କା ଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି । ଦାୟିତ୍ୱରେ ଥିବା ଏଡିଓ ଏବଂ ଗାଁ ସାଥିମାନେ ତାଙ୍କ ମନମୁଖୀ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଛି । ଅନେକ ମୁଣ୍ଡା ନା ପରିବର୍ତ୍ତନ କରି ଅନ୍ୟ ମୁଣ୍ଡାରେ କାମ କରିଥିବା କହି ଟଙ୍କା ଲୁଟ୍ କରୁଥିବା ଅଭିଯୋଗ ହୋଇଛି । ତେବେ ଚାଉଳଶୁଖା ପଞ୍ଚାୟତ ଏକ ଦାଦନ ପ୍ରବଣ ଅଞ୍ଚଳ । ଏଠିକାର ଶ୍ରମିକମାନେ କାମ ନ ପାଇ ୬ ମାସ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି । ଏଠାରେ ଶ୍ରମିକ କାମ କରିଥିବା ନାଁରେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଆତ୍ମସାତ ହେଉଛି । ତେବେ ଚାଉଳଶୁଖା ପଞ୍ଚାୟତରେ ପ୍ରକୃତରେ କେତେ ଜଣ ଶ୍ରମିକ ମନରେଗା କାମ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଜିଲ୍ଲା ପ୍ରଶାସନ ତାହାର ତଦନ୍ତ କରି ଏହିଭଳି ଦୁର୍ନୀତି ବନ୍ଦ କରିବା ଆବଶ୍ୟକ ।

## ଗୋପାଷ୍ଟମୀ କାମଧେନୁ ଯଜ୍ଞ ପାଇଁ କଳସ ଯାତ୍ରା

କଣ୍ଟାବାଞ୍ଜି, ୨୮ ।୧୦(ସମିସ): କଣ୍ଟାବାଞ୍ଜିରେ ଗୋପାଷ୍ଟମୀ କାମଧେନୁ ଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୋ ସେବା ସଂଘ ଟ୍ରଷ୍ଟର ସଭାପତି ମନୋଜ ଚିନାଗୁନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କଳସ ଯାତ୍ରା କଣ୍ଟାବାଞ୍ଜି ଗାୟତ୍ରୀ



ମନ୍ଦିରରୁ ଆରମ୍ଭ ହୋଇ ମୁଖ୍ୟ ରାସ୍ତା ଦେଇ ୪ ନମ୍ବର ରୋଡ୍ ପୁରୁଣା ଗୁଜୁରାତି କାଠ ମିଲ୍‌ରେ ପହଞ୍ଚି ଥିଲା । ଏହି କଳସ ଯାତ୍ରାରେ ଗୋ ସେବା ସଂଘର ସମ୍ପାଦକ ରଘୁନାଥ ବଛୋର, ସଦସ୍ୟ ନନ୍ଦନୀ ପାଣ୍ଡେ, ବିଜେପି ଯୁବା ମୋର୍ଚ୍ଚା ସଭାପତି ଧର୍ମାନନ୍ଦ ଯୁଏଡ, ଜଗନ୍ନାଥ ପାଣିଗ୍ରାହୀ, ଗୋପାଳ ଶର୍ମା, ଅନୁପ ଶର୍ମା, ମନୋଜ ଶର୍ମା, ନିହରରଞ୍ଜନ ଦାସ, ଅମୃତା ବଛୋର୍, କାହ୍ନା ବାଗ, ଅନିତା ବାଗ, ମୁସ୍କାନ କୁମ୍ଭାର, ନେନା ଭରାସାଗର, ରିନୁ ଚିନାଗୁନ, ଲକି ବେହେରା, ସଂଗ୍ରାମ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚାନାନମେଳା ବର୍ଷପୂର୍ତ୍ତି ଉପଲକ୍ଷେ କଳସ ଯାତ୍ରା



ସଇଁତଲା, ୨୮ ।୧୦(ସମିସ): ବଲାଙ୍ଗୀର ଜିଲ୍ଲା ସଇଁତଲା ସହରର ରମେଶ ଛକରେ ପଞ୍ଚାନାନ ମେଳା ବର୍ଷ ପୂର୍ତ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ଥାନୀୟ ମଣ୍ଡପ ପରିସରରେ ସହରର ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇଥିଲେ । ଏହାପରେ ଏକ ଶୋଭାଯାତ୍ରା ବାହାରିଥିଲା । ସମସ୍ତେ ନୂଆଁବନ୍ଧରେ ପହଞ୍ଚି ଥିଲେ । ସେଠାରେ ମୁଖ୍ୟ ପଣ୍ଡିତ ବିକ୍ରମ ମିଶ୍ର ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ । ସଞ୍ଜୟ ସିଂଭୋଇ ଓ ତାଙ୍କ ପତ୍ନୀ ରାକ୍ଷୀ ସିଂଭୋଇ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । କଳସ ଯାତ୍ରାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଶେଷଦେବ ଯାନୀ, ରବିରଞ୍ଜନ ସାହୁ, ରତ୍ନାକର ଭୋଇ, ଅଲିଶା ଯାନୀ, ଡୋଳା ବେହେରା, ଜିତ ସିଂ ଭୋଇ, ମହେନ୍ଦ୍ର ଭୋଇ, ସ୍ଥାନୀୟ ସରପଞ୍ଚ ସୁବ୍ରତ ନାଗ, ପୂର୍ବତନ ସରପଞ୍ଚ ଭୀମସେନ ସ୍ୱାଇଁ, ବାଦଲ ଅଗ୍ରୱାଲ, ରୋହିତ ଭୋଇ, ଗଣେଶ ଭୋଇ, ପୂରଣ ବେହେରା, ବିଭୁତି ଭୋଇ, ଲିକୁ ସିଂ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

ଅନ୍ତର୍ଲା ସୁଜିତ୍ ଭୋଇ ହତ୍ୟା ଘଟଣାର ପର୍ଦ୍ଦାଫାସ

# ମା' ଭଉଣୀଙ୍କ ପ୍ରତି ଅଶ୍ଳୀଳ ଟିପ୍ପଣୀରୁ ହତ୍ୟା

ବଲାଙ୍ଗିର, ୨୮ ।୧୦(ସମିସ)



● ନିଶାସକ୍ତ ଅବସ୍ଥାରେ ହତ୍ୟା, ୩ ସାଙ୍ଗ ଗିରଫ
● ସାଙ୍ଗ ହୋଇ ସମସ୍ତେ ମଦ ପିଇଥିଲେ
● ସାଙ୍ଗରେ ଧରିଥିଲେ ଧାରୁଆ ମାରଣାସ୍ତ୍ର

ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତରେ ୨୫ ତାରିଖରେ ସୁଜିତ ଭୋଇ ହତ୍ୟା ମାମଲାରେ ପୁଲିସ ପର୍ଦ୍ଦାଫାସ କରିଛି । ଜଣେ ସାଙ୍ଗର ମା', ଭଉଣୀଙ୍କ ପ୍ରତି ସୁଜିତ ଅଶ୍ଳୀଳ ଟିପ୍ପଣୀରୁ ଏହି ହତ୍ୟା ଘଟଣା ଘଟିଥିବା ଜଣା ପଡ଼ିଛି । ଏହି ଘଟଣାରେ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଓମ୍ ନନ୍ଦ, ରାଜା କଟା, ଇର୍ଫାନ ଛତ୍ରିଆ । ତେବେ କୌଣସି ପୂର୍ବ ଯୋଜନା ନୁହଁ; ନିଶାସକ୍ତ ଅବସ୍ଥାରେ ସାମାନ୍ୟ ବଚସାକୁ ନେଇ ସବୁବେଳେ ପାଖରେ ଥିବା ଧାରୁଆ ମାରଣାସ୍ତ୍ରରେ ସୁଜିତଙ୍କୁ ହତ୍ୟା କରାଯାଇଥିବା ବଲାଙ୍ଗିର ସଦର ଏସଡିପିଓ ସରୋଜ ଉପାଧ୍ୟାୟ ସ୍ପଷ୍ଟ କରିଛନ୍ତି । ହତ୍ୟା କରିଥିବା ୩ ଅଭିଯୁକ୍ତ ମୃତ ସୁଜିତ୍ ଭୋଇଙ୍କ ସାଙ୍ଗ ବୋଲି ପୁଲିସ ସୂଚନା ଦେଇଛି । ବଲାଙ୍ଗିର ଟାଉନ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନ୍ତର୍ଲା ଗାଁର ପୂର୍ବତନ ପୁଲିସ କର୍ମଚାରୀଙ୍କ ପୁଅ ସୁଜିତ୍ ଭୋଇ ହତ୍ୟା ମାମଲାରେ ପୁଲିସ ରହସ୍ୟ ଖୋଲିଛି । ଏସଡିପିଓ ଶ୍ରୀ ଉପାଧ୍ୟାୟଙ୍କ ସୂଚନା ଅନୁସାରେ ସୁଜିତ୍ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କ ସାଙ୍ଗ ଥିଲେ । ଗତ ୨୫ ତାରିଖରେ ସେମାନେ ଗୋଟିଏ ସ୍ଥାନରେ ପତରଫଡିରେ ବସି ମଦର ଆସର ଜମାଇଥିଲେ । ଏହି ସମୟରେ ଅଭିଯୁକ୍ତ ରାଜା ପାଖକୁ ତାଙ୍କ ମା'ଙ୍କ ଫୋନ ଆସିବାରୁ ନିଶାସକ୍ତ ଅବସ୍ଥାରେ ସୁଜିତ୍ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହାକୁ ନେଇ ରାଜା ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ । ଏହାକୁ ନେଇ ସେମାନଙ୍କ ଭିତରେ ଗଣ୍ଡଗୋଳ ହୋଇଥଲା । ନିଶାସକ୍ତ ଅବସ୍ଥାରେ ହିଁ ସେମାନେ ସବୁବେଳେ ପାଖରେ ରଖୁଥିବା ଏକ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ହତ୍ୟା କରିଥିଲେ । ଖବର ପାଇ ଦେଓଗାଁ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା । ସେହି ନିକଟରୁ ଜଣେ ଅଭିଯୁକ୍ତଙ୍କୁ ପ୍ରଥମେ ଗିରଫ କରିଥିଲା । ପରେ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲା । ତେବେ ଏଠି ପ୍ରଶ୍ନ ଉଠୁଛି ସମ୍ପୃକ୍ତ ଯୁବକମାନେ ଧାରୁଆ ମାରଣାସ୍ତ୍ର ସହ କାହିଁକି ମଦ ପିଉଥିଲି? ଅନ୍ୟ କାହାକୁ ହତ୍ୟା କରିବା କିମ୍ବା ସୁଜିତ୍‌କୁ ହତ୍ୟା କରିବା ପାଇଁ ପୂର୍ବ ଯୋଜନା କରିଥିଲେ କି? ନା ସମସ୍ତେ ମିଶି ଲୁଟ୍ କରିବା ଯୋଜନା ରହିଥିଲା କି? ଏହିଭଳି ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି । ତେବେ ସମ୍ପୃକ୍ତ ଯୁବକମାନେ ସବୁବେଳେ ମାରଣାସ୍ତ୍ର ଧରି ବୁଲୁଥିଲେ ମଧ ଦେଓଗାଁ ଥାନାରେ ସେମାନଙ୍କ ନାମରେ କୌଣସି ଅପରାଧିକ ମାମଲା ନ ଥିବା କହି ଏସଡିପିଓ ଅନେକ ପ୍ରଶ୍ନକୁ ଏଡାଇ ଯାଇଥିଲେ ।

ରଚନା ପକ୍ଷରୁ ପ୍ରଣାମ ରାଜେନ୍ଦ୍ର

## ଶବ୍ଦର ଯାଦୁକର ଥିଲେ ରାଜେନ୍ଦ୍ର ପଣ୍ଡା




ବଲାଙ୍ଗିର, ୨୮ ।୧୦(ସମିସ): କବି ରାଜେନ୍ଦ୍ର କିଶୋର ପଣ୍ଡା ନିଜ ଜୀବନର ବିପୁଳ ଅନୁଭୂତିକୁ ନେଇ ବିବିଧ ଭାବଭରା କବିତା ରଚନା କରିଛନ୍ତି । ଜୀବନ ଦର୍ଶନରେ ପରିପୂର୍ଣ୍ଣ ତାଙ୍କ କବିତାସମୂହକୁ ପଢ଼ି ଜଣେ ଭାବଗ୍ରାହୀ ପାଠକ ତହିଁରେ ତଲ୍ଲୀନ ହେବା ସହ ନିଜକୁ ଓ ଜଗତକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିବାକୁ ବାଧ ହୁଏ । ସେ ଥିଲେ ଶବ୍ଦର ଯାଦୁକର ଓ ଭାବର ପାରାବାର । କେତେବେଳେ ତାଙ୍କ କବିତା ନାରୀମୁକ୍ତିର କଥା କହେ ତ ପୁଣି କେତେବେଳେ ଝିଅକୁ ସଂଯମରେ ସଞ୍ଚରି ଯିବାର ଶିକ୍ଷାଦିଏ । 'କବିତା ଯୁଦ୍ଧ ନୁହେଁ, ପ୍ରେମ' ବୋଲି ତରୁଣକବିଙ୍କୁ ଅନୁପ୍ରାଣିତ କରି ତାଙ୍କୁ କଲମ ବଢ଼େଇ ଦେବାର କଥା କହେ । ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ-ସାମାଜିକ-ସାଂସ୍କୃତିକ ଅନୁଷ୍ଠାନ 'ରଚନା' ଦ୍ୱାରା ସ୍ଥାନୀୟ ପିପି ଏକାଡେମୀ ସଭାକକ୍ଷରେ ଆୟୋଜିତ ବିଶେଷ ରଚନା ସନ୍ଧ୍ୟାରେ 'ପ୍ରଣାମ ରାଜେନ୍ଦ୍ର' ଶୀର୍ଷକ ସ୍ମୃତି ଓ ଅନୁଭୂତିର ଭାବ ବିନିମୟ କାର୍ଯ୍ୟକ୍ରମରେ ଏହି ମତ ପ୍ରକାଶ ପାଇଛି । ରଚନାର ସଭାପତି ସନାତନ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଯୋଗଦେଇ କବି ନବୀନ ବିଶ୍ୱବନ୍ଧୁ ନିଜ ପାଠପଢ଼ା ସମୟରେ କବି ରାଜେନ୍ଦ୍ର ପଣ୍ଡାଙ୍କ କବିତାର ପ୍ରଭାବ କିପରି ସହପାଠୀଙ୍କ ଭିତରେ ସଞ୍ଚରି ଯାଇଥିଲା ଏବଂ ଏବେ ଅଧ୍ୟାପକ ଜୀବନରେ ତାଙ୍କ କବିତାକୁ ପିଲାଙ୍କୁ ପଢ଼ାଇବା ବେଳେ କିପରି ଭାବବିହ୍ୱଳ ହେବାକୁ ପଡ଼େ ତାହା ବର୍ଣ୍ଣନା କରିଥିଲେ । ସଭା ଆରମ୍ଭରେ କବି ରାଜେନ୍ଦ୍ରଙ୍କ 'ଅନ୍ୟା' କବିତାକୁ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ ସ୍ୱର ଦେଇ ଗାଇଥିଲେ । ରଚନାର ସମ୍ପାଦକ ଭାଗୀରଥି ମିଶ୍ର କବିଙ୍କ ଜୀବନଯାତ୍ରା ଓ ସାହିତ୍ୟକୃତି ସମ୍ପର୍କରେ ସୂଚନା ଦେଇଥିଲେ । କବିଙ୍କ ଲିଖିତ କେତୋଟି କବିତାକୁ କବି ସସ୍ମିତା ନେପାକ, ବନ୍ଦନା ପଟ୍ଟନାୟକ ଓ ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଆବୃତ୍ତି କରିଥିଲେ । ଏହା ପରେ କବି ପ୍ରହଲ୍ଲାଦ ଶତପଥୀ, ବିଜୟ ତ୍ରିପାଠୀ, ଡ. ଆରତୀ ତ୍ରିପାଠୀ, ଅଧ୍ୟାପକ ଜୟ କୁମାର ଆଚାର୍ଯ୍ୟ, ସୁଶାନ୍ତ ବାଗ ଓ ରାମଶଙ୍କର ଶତପଥୀ କବିଙ୍କ ସହ ନିଜ ସ୍ମୃତି ଅନୁଭୂତିର ବର୍ଣ୍ଣନା କରିଥିଲେ । କବି ରାଜୀବ ଲୋଚନ ଆଚାର୍ଯ୍ୟ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ରଚନାର ସହସମ୍ପାଦକ ରତ୍ନମୟ ତ୍ରିପାଠୀ କବିତା ଆବୃତ୍ତି ସହ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାହିତ୍ୟିକ ଓ ରାଜେନ୍ଦ୍ର କବିତାପ୍ରେମୀ ଯୋଗ ଦେଇଥିଲେ ।

## ଜିଲ୍ଲା ବିଦ୍ୟାଳୟ ସମୂହ ଯୋଗାସନ ପ୍ରତିଯୋଗିତା ଉଦ୍‌ଘାଟିତ

ଟିଟିଲାଗଡ଼, ୨୮ ।୧୦(ସମିସ): ଟିଟିଲାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ୍ ବାଳକ ବାଳିକା ବିଭାଗର ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନିବୀନ ଜୈନ, ସମ୍ମାନୀତ ଅତିଥି ଭାବେ ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ, ଟିଟିଲାଗଡ଼ ବିଇଓ ଆର୍ତ୍ତତ୍ରାଣ ରଥ, ପ୍ରଧାନଶିକ୍ଷୟିତ୍ରୀ ପଙ୍କଜ ମେହେର, ଟିଟିଲାଗଡ଼ ବ୍ଲକ କ୍ରୀଡ଼ା ସମ୍ପାଦିକା ପଦ୍ମଜାନନ୍ଦିନୀ ବହିଦାର, ପ୍ରତିଯୋଗିତାର ପର୍ଯ୍ୟବେକ୍ଷକ ମୋହନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ । ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ହେମନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ହିମାଂଶୁ ମହାକୁର ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଦେଇଥିଲେ । ଏହି ପ୍ରତିଯୋଗିତାରେ ୧୨ଟି ବ୍ଲକରୁ ୪୬ ଜଣ ବାଳିକା ଓ ୨୯ ଜଣ ବାଳକ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା




ଖେଳାଳିମାନେ ମାଲକାନଗିରିଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଯୋଗ ଶିବିରରେ ଆଶିଷ ଦେବ ସା କନଭେନର ଭାବରେ ଦାୟିତ୍ୱ ତୁଲାଇଥିଲେ । ବଲାଙ୍ଗୀର ଜିଲ୍ଲାର ଅଫିସିଆଲ ବିନୋଦ ମହାପାତ୍ର, ଜନାର୍ଦ୍ଦନ ସାହୁ, ପ୍ରଣତି ପାଣିଗ୍ରାହୀ, ନିର୍ମଳା ରଥ, ଉପେନ୍ଦ୍ର ଚନ୍ଦନ, ପ୍ରଶାନ୍ତ ମିଶ୍ର, ଶଶୀକାନ୍ତ ରାଉତ, ଦିଲୀପ ଧରୁଆ, ରାଧାଗୋବିନ୍ଦ ନାଏକ, ସୁଶୀଲ ପଧାନ, ନେତ୍ରାନନ୍ଦ ବାଗ, ରଞ୍ଜିତା ମିଶ୍ର, ଶୁଭେନ୍ଦ୍ର ମହାନ୍ତି, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଖିତେଶ୍ୱର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ ।

## କରାଟେରେ ବଲାଙ୍ଗିରର ସଫଳତା






ବଲାଙ୍ଗିର, ୨୮ ।୧୦(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀରେ ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଦେବ୍ଦୁର୍ଗା ପ୍ରସାଦ ସାହୁ, ରୋହିତ ପ୍ରଧାନ, ଅଂଶୁମାନ ପୃଷ୍ଟି, ସ୍ୱପ୍ନିଲ ଅମାତ, ରମ୍ୟ ରମନ ଭୋଇ, କ୍ରିଷ୍ଣା ନାଏକ, ମନିଶ ନାଗ, ରୋଶନ ସେଠ, ପ୍ରତିଭା ରଣା, ପ୍ରାଚି ବେହେରା, ବୈଷ୍ଣବି ଜାଲ, ଅର୍ଚ୍ଚିତା ଡାଙ୍ଗ, ଅଭିପ୍ସା ହୋତା ଏବଂ ଆରାଧ୍ୟା ଦିବ୍ୟାରାଣି ସାହୁ ସ୍ୱର୍ଣ୍ଣପଦକ ଜିତିଛନ୍ତି । ଲୋକେଶ ବାଗ, ଅଭିଶେକ ସାହୁ, ଜସମିନ ସାହୁ ଓ ଶ୍ରୀୟା ସାହୁ ରୌପ୍ୟ ପଦକ ପାଇଥିଲେ । ପ୍ରତିଭା ଛତ୍ରିଆ ଓ ମଧୁସ୍ମିତା ନାଗ କାଂସ୍ୟ ପଦକ ହାସଲ କରିଛନ୍ତି । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ, ସହକାରୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ରିନା ବେହେରା, ଜିଲ୍ଲା ଶାରିରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଏମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

● ମାମଲା ରୁଜୁ କରି ଚୁପ୍ କଣ୍ଟାବାଞ୍ଜି ପୁଲିସ

## ଫେରାର ଦାଦନ ସର୍ଦ୍ଦାରକୁ ଗିରଫ ପାଇଁ ପଛଘୁଞ୍ଚା

କଣ୍ଟାବାଞ୍ଜି, ୨୮ ।୧୦(ସମିସ): ଦାଦନ ଚାଲାଣରେ ଦଲାଲ ସାଜିଛନ୍ତି ସରକାରୀ ଶିକ୍ଷକ । ବାବୁ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ଦାଦନ ଶ୍ରମିକ ଚାଲାଣ କରିବା ବେଳେ ପୁଲିସ ପହଞ୍ଚିଥିଲା । କେତେକ ଶ୍ରମିକ ସେଠାରୁ ଉଦ୍ଧାର ହୋଇଥିଲେ; ହେଲେ ମୁଖ୍ୟ ଦାଦନ ସର୍ଦ୍ଦାର କିନ୍ତୁ ଫେରାର ହୋଇ ଯାଇଛି । କଣ୍ଟାବାଞ୍ଜି ପୁଲିସ ତାକୁ ଗିରଫ କରି ପାରିନାହିଁ । ପ୍ରଶ୍ନ ଉଠୁଛି ସେ ସତରେ ଫେରାର ନା ତାକୁ ଧରିବାକୁ ପୁଲିସ ପଛଘୁଞ୍ଚା ଦେଉଛି । କଣ୍ଟାବାଞ୍ଜି ପୁଲିସର ଭୂମିକାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଲାଣି ।



ଅକ୍ଟୋବର ୧୨ ତାରିଖ କଣ୍ଟାବାଞ୍ଜି ରେଳ ଷ୍ଟେସନରେ ପୁଲିସ ଚଢ଼ଉ କରି ୧୦ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଥିଲା । ଉଦ୍ଧାର ଶ୍ରମିକମାନେ ମୁରିବାହାଲ ବ୍ଲକ ବାରବନ୍ଦ ଗାଁର ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ ୨ଜଣ ମହିଳା ଓ ୬ ଜଣ ଶିଶୁ ଶ୍ରମିକ ଥିଲେ । ଏମାନେ ତୁରେକେଲା ଥାନା କୁଇବାହାଲ ଗାଁର ଦାଦନ ସର୍ଦ୍ଦାର ତଥା ସରକାରୀ ଶିକ୍ଷକ ଗୋଲମତ ବାଗଠାରୁ ଅଗ୍ରୀମ ଟଙ୍କା ଦେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିଲେ । ପୁଲିସ ରେଳ ଷ୍ଟେସନରେ ଚଢ଼ଉ କରି ସେମାନଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଥାନାକୁ ଆଣିଥିଲା । ଦାଦନ ସର୍ଦ୍ଦାର ଗୋଲମତ ବାଗ କିନ୍ତୁ ଫେରାର ମାରିଥିଲା । ସେତେବେଳେ ପୁଲିସ ତା ନାଁରେ ମାମଲା ରୁଜୁ କରି କାମ ସାରି ଦେଇଥିଲା । ଏ ପର୍ଯ୍ୟନ୍ତ କିନ୍ତୁ ତାକୁ ଗିରଫ କରିନାହିଁ । ଜଣେ ସରକାରୀ କର୍ମଚାରୀ ହୋଇ ମଣିଷ ଚାଲାଣ ଭଳି ଏକ ବେଆଇନ କାର୍ଯ୍ୟକଳାପରେ ସେ ସାମିଲ ହେବା ଆଦୌ ଗ୍ରହଣୀୟ ନୁହେଁ । ସବୁ ଜାଣି ମଧ ପୁଲିସ ତା ପ୍ରତି କିଆଁ ଏତେ ନରମ ବୋଲି ଲୋକଙ୍କ ଭିତରେ ପ୍ରଶ୍ନ ଉଠିଛି । କଣ୍ଟାବାଞ୍ଜି ପୁଲିସ ଜାଣିଶୁଣି ତାକୁ ଫେରାର କରିଛି । ତେଣୁ ଦିନ ଗଡ଼ାଉଛି । ଏହାଦ୍ୱାରା ତା ଲାଗି ଜାମିନ ଆବେଦନ ସହଜ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି ।

## ଚିକିତ୍ସାଧୀନ ମହିଳାଙ୍କ ବନାରସରେ ମୃତ୍ୟୁ

ବଲାଙ୍ଗିର, ୨୮ ।୧୦(ସମିସ): ବଲାଙ୍ଗିର ତାଲପାଲିପଡ଼ାର ସ୍ୱର୍ଗତ ବିଭୁ ପଟ୍ଟନାୟକଙ୍କ ପତ୍ନୀ ପ୍ରତିମା ପଟ୍ଟନାୟକ (୫୩)ଙ୍କ ଉତ୍ତରପ୍ରେଦଶ ବନାରସରେ ପରଲୋକ ହୋଇଯାଇଛି । ମଙ୍ଗଳବାର ସକାଳ ପ୍ରାୟ ୭ଟାରେ ବନାରସ ଡାକ୍ତରଖାନାରେ ତାଙ୍କ ବିୟୋଗ ଘଟିଥିଲା । ସେ ଗତ କିଛି ଦିନ



ଧରି ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ବନାରସସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତିନି ପୁଅ ସୌମ୍ୟ, ସୁମିତ ଓ ସୌରଭଙ୍କ ସହ ଝିଅ ଓ ଜ୍ୱାଇଁ ବନାରସରେ ମୃତଦେହ ସତ୍କାର କରିଛନ୍ତି । ବଡ଼ପୁଅ ସୌମ୍ୟ ମୁଖାଗ୍ନି ଦେଇଥିଲେ । ପ୍ରତିମା ବଲାଙ୍ଗିର ତାଲପାଲିପଡ଼ାରେ ରହୁଥିଲେ । ଗତ ପ୍ରାୟ ୪ ମାସ ହେଲା ପୁଅମାନଙ୍କ ବ୍ୟବସାୟ ଯୋଗୁଁ ବନାରସ ଯାଇଥିଲେ ।

# ସାଇବର ଠକେଇର ଶିକାର ହେଲେ ୧୯୩୦ରେ ଅଭିଯୋଗ କରିବାକୁ ନିବେଦନ

ବେଲପଡ଼ା, ୨୮ ।୧୦(ସମିସ)






ବଲାଙ୍ଗୀର ଜିଲ୍ଲା ବେଲପଡ଼ା ପିଏମ୍ ଶ୍ରୀ ନବୋଦୟ ସ୍କୁଲର ସାଇବର ସଚେତନତା ଶିବିର ଅନୁଷ୍ଠିତ ହେଇଯାଇଛି । ପୁଲିସ ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ସହ ଅଙ୍ଗନବାଡି କର୍ମୀମାନେ ଉପସ୍ଥିତ ଥିଲେ । ସମାଜରେ ଘଟୁଥିବା ସାଇବର କ୍ରାଇମରୁ କେମିତି ରକ୍ଷା ମିଳିବ ଏବଂ ଠକେଇ ଶିକାରରୁ ଦୂରରେ ରହିହେବ ସେନେଇ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ କ୍ଷେତ୍ରରେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ପାର୍ସଲ ବା କଷ୍ଟମ୍ସ ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ ଭଳି ବିଭିନ୍ନ ଠକେଇ ଜରିଆରେ ଲୁଟେରାମାନେ ଲୋକଙ୍କୁ ଠକେଇ କରି ଟଙ୍କା ହଡପ କରୁଛନ୍ତି । କୌଣସି ଲୋକ ଫୋନରେ ଧମକ ଚମକ ଦେଲେ ଭୟଭୀତ ନ ହୋଇ ତୁରନ୍ତ ବିଭାଗ ଦ୍ୱାରା ଜାରି ହୋଇଥିବା ଟୋଲ ଫ୍ରି ନମ୍ବର ୧୯୩୦କୁ କଲ୍ କରି ଅଭିଯୋଗ କରିବାକୁ ନିବେଦନ କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୃତ୍ୟ କରି ସଚେତନତା କରାଯାଇଥିଲା । ପ୍ରତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଇବର ଥାନା ଆଇଆଇସି ଭାରତୀ ନାଏକ, ବେଲପଡ଼ା ଥାନା ଅଧିକାରୀ ଅନନ୍ତ ପ୍ରଧାନ, ନବୋଦୟ ପ୍ରିନ୍ସପାଲ ଆରଏନ୍ ମେହେର, ବେଲପଡ଼ା ତହସିଲଦାର ଅଭିଷେକ କିସାନ, ସିଡିପିଓ ବିଦ୍ୟୁତ୍‌ପ୍ରଭା ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

କଣ୍ଟାବାଞ୍ଜି : କଣ୍ଟାବାଞ୍ଜି ଥାନା ସମ୍ମୁଖରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କଣ୍ଟାବାଞ୍ଜି ଏସ୍‌ପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନ ଶିବିରରେ ମୁଖ୍ୟ ଅତିଥି ରୂପେ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ, ବଲାଙ୍ଗୀର ସାଇବର ସୁରକ୍ଷା ସେଲ୍‌ର ଭାରତୀ ନାୟକ, ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ଏସବିଆଇ ବ୍ୟାଙ୍କ ପରିଚାଳକ ମୁକେଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ । ଡିଜିଟାଲ ଯୁଗରେ ମୋବାଇଲ ବ୍ୟବହାର ଦ୍ୱାରା ଲୋକଙ୍କ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ରହୁଛି । ବ୍ୟାଙ୍କ କାର୍ଯ୍ୟ ମଧ ମୋବାଇଲରେ ହେଉଛି । ଅନଲାଇନ ମାଧ୍ୟମରେ ଅନେକ କାମ ହେଉଛି । ଏସବୁ ମୋବାଇଲରେ ରଖିଲେ ନିହାତି ଭାବେ ମୋବାଇଲର କିଛି ସୁରକ୍ଷା ବ୍ୟବସ୍ଥା କରିବା କଥା ବୋଲି ସାଇବର ସୁରକ୍ଷା ସେଲ୍ ଅଧିକାରୀ ଭାରତୀ ନାୟକ କହିଥିଲେ । ଅନେକ ଉଦାହରଣ ଦେଇ କେମିତି ଲୋକେ ଠକେଇର ଶିକାର ହେଉଛନ୍ତି ତାହାର ବିବରଣୀ ଦେଇଥିଲେ । ନିଜ ବ୍ୟାଙ୍କ ଖାତା ଓ ତଥ୍ୟକୁ ନେଇ କିଭଳି ଟଙ୍କା ଲୁଟ୍ ହେଉଛି ସେ ବିଷୟରେ କହିଥିଲେ । ମୋବାଇଲରେ କେମିତି ଆପ୍ଲିକେସନଗୁଡ଼ିକୁ ସୁରକ୍ଷା ଦିଆଯାଇପାରିବ ସେନେଇ ସଚେତନ କରିଥିଲେ । ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ମଧ ସଚେତନ କରିବାକୁ ସେ ଅନୁରୋଧ କରାଯାଇଥିଲା । ତେବେ ସାଇବର ହେଲ୍ପ ଡେସ୍କ ୧୯୩୦ ଟୋଲ ଫ୍ରି ନମ୍ବରକୁ କେହି ଫୋନ କରି ଅଭିଯୋଗ କରି ପାରିବେ ବୋଲି ସେ କହିଥିଲେ ।


## ଟିଟିଲାଗଡ଼ ବଙ୍ଗାଳୀ ସମାଜର ବିଜୟା ପ୍ରଣାମ ଉତ୍ସବ

ଟିଟିଲାଗଡ଼ ୨୮ ।୧୦(ସମିସ): ସ୍ଥାନୀୟ ପୌର ପରିଷଦର କଲ୍ୟାଣ ମଣ୍ଡପଠାରେ ଟିଟିଲାଗଡ଼ ବଙ୍ଗାଳୀ ସମାଜର ବିଜୟା ପ୍ରଣାମ ଉତ୍ସବ ପାଳିତ ହୋଇଛି । ସଭାପତି ଶେଖର ଚନ୍ଦ୍ର ସିହ୍ନାଙ୍କ ସଭାପତିତ୍ୱରେ ଏହା ଆରମ୍ଭ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିନ୍ଦୁ ସାହୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜର ପୁରୋଧା ସଭାପତି ଶେଖର ସିହ୍ନା, ଦୀପକ ସମଦାର, ଡ ପ୍ରଦୀପ



ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବଙ୍ଗାଳୀ ସମାଜର ବରିଷ୍ଠ ମହିଳା ଓ ପୁରୁଷଙ୍କ ପାଦ ଧରି କନିଷ୍ଠମାନେ ପ୍ରଣାମ କରିବା ସହ ଆଶୀର୍ବାଦ ନେଇଥିଲେ । ପରେ ନିଜ ନିଜ ଭିତରେ ବନ୍ଧୁ ବାନ୍ଧବଙ୍କୁ କୋଳେଇ ଖୁସି ବ୍ୟକ୍ତ କରିଥିଲେ । ଏହାପରେ ସଭା କାର୍ଯ୍ୟ ସମାଜପତି, କଲ୍ୟାଣ ବୋଷ, ଭୋଲା ସରକାର, ଶଙ୍କର ଦାସ, ପ୍ରଦୀପ ଦେ, କାଳୀ ମୁଖାର୍ଜୀ, ନବାଙ୍କୁର ଭଟ୍ଟାଚାର୍ଯ୍ୟ, ସୁଧୀର ଦାସ, ଶଙ୍କର ଚକ୍ରବର୍ତ୍ତୀ, ପ୍ରଦୀପ କର, ନାରୁ ବେରା, ଅରୁଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ ।

# ସମ୍ପାଦକୀୟ



ପ୍ରତ୍ୟେକ ଶିଶୁ ଏହି ସ୍ୱର୍ଗୀୟ ବାର୍ତ୍ତା ଆଣି ଆସିଥାଏ ଯେ ଈଶ୍ୱର ଏବେବି ମଣିଷ ଜାତି ଉପରୁ ଆସ୍ଥା ହରାଇ ନାହାନ୍ତି !
-ରବୀନ୍ଦ୍ରନାଥ ଠାକୁର

ସକାଳ
THE SAKALA

## ଖାଉଟି ବିପର୍ଯ୍ୟୟ

ବାତ୍ୟା ଆସିନାହିଁ କି ଆସିବାର ନାହିଁ। ଅଥଚ ଦୁଇଦିନ ଆଗରୁ ପନିପରିବା ଓ ଆଳୁର ବଜାର ଦର ଅହେତୁକ ଭାବେ ବଢ଼ିଗଲା। ଏହା ହେଉଛି ରାଜ୍ୟ ରାଜଧାନୀ ଭୁବନେଶ୍ୱରର ସ୍ଥିତି, ଯେଉଁଠି ସରକାରଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଓ ଦୃଷ୍ଟି ରହିଛି। ଆଭ୍ୟନ୍ତରୀଣ ଓ ବାତ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି କ'ଣ ହୋଇଥିବ ଏଥିରୁ ଅନୁମେୟ। ଅହେତୁକ ଦର ବୃଦ୍ଧିରେ ଖାଉଟି ଖର୍ଚ୍ଚାନ୍ତ ଓ ବେପାରୀ ମାଲେମାଲ୍ ହୋଇସାରିବା ପରେ ଏବେ ସରକାର ସ୍ୱଭାବସୁଲଭ ଢଙ୍ଗରେ କହୁଛନ୍ତି କଳାବଜାରୀକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ପାଖରେ ବଜାର ଖବର ପହଞ୍ଚିବାରେ ବିଳମ୍ବ ହେଉଛି ନା ଜ୍ଞାତସାରରେ ଏଭଳି ବାବୁ-ବେପାରୀ ମଧୁଚନ୍ଦ୍ରିକାକୁ ଅଣଦେଖା କରାଯାଉଛି ତାହା ସାଧାରଣ ଲୋକ ଜାଣିବା କଷ୍ଟକର।

ନିୟମିତ ଧାରାରେ ସାମାନ୍ୟ ଓଲମବିଲମ ହେଲେ ତାହାର ତତ୍କାଳ ପ୍ରଭାବ ପଡୁଛି ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଆଳୁ ବଜାର ଉପରେ। ପଶ୍ଚିମବଙ୍ଗରେ କାଳୀପୂଜା ପାଇଁ ମଣ୍ଡି ବନ୍ଦ ଥିବାରୁ ତାହାର ପ୍ରଭାବ ଓଡ଼ିଶାର ଆଳୁ ବଜାର ଉପରେ ପଡ଼ିଥିବା କୁହାଯାଉଛି। ତା'ସହିତ ବାତ୍ୟା ଭୟ ଯୋଗୁଁ ଆଳୁ ଚାହିଦା ହଠାତ୍ ବଢ଼ିଯିବାରୁ ଆଳୁ ଦାମ ଉଚ୍ଚା ହୋଇଥିବା ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। କିନ୍ତୁ ଓଡ଼ିଶାର ଆଳୁ ପେଣ୍ଠ କୁବେରପୁରୀରେ ମହଜୁଦ ସ୍ତର ଏତେ ସଙ୍କଟଜନକ ନୁହେଁ ଯେ ଦୁଇ/ତିନିଦିନ ଯୋଗାଣ ବ୍ୟାହତ ହେଲେ ଖୁଚୁରା ବଜାରରେ ଆଳୁ କିଲୋ ପିଛା ୧୦ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ବଢ଼ିଯିବ। ତେଣୁ ମହଜୁଦକାରୀ, ପାଇକାରୀ ଓ ଖୁଚୁରା ଦୋକାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ହିଁ ଏହି ବର୍ଦ୍ଧିତ ମୂଲ୍ୟ ପାଇଁ ଦାୟୀ। ଏବେ ପ୍ରଶ୍ନ ଉଠୁଛି ଦୁଇଦିନ ଆଗରୁ ଭୁବନେଶ୍ୱର ବଜାରରେ ଆଳୁ ଦାମ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଯାଇଥିବା ହୁରି ପଡ଼ିଥିଲେ ମଧ୍ୟ ସରକାରଙ୍କ କାନକୁ ଏ ଖବର ଯାଇନାହିଁ କେମିତି? ଏହା ପରିଚାଳନାଗତ ଅପରାଗତା ନା କଳାବଜାରୀକୁ ପରୋକ୍ଷ ପ୍ରୋତ୍ସାହନ ବୋଲି ଲୋକମୁଖରେ ପ୍ରଶ୍ନ ହେଉଛି।

ସାମଗ୍ରିକ ଘଟଣାକ୍ରମରେ ସରକାରଙ୍କ ଉଦାସୀନତାଠାରୁ ଅଧିକ ଦାୟୀ ଖାଉଟିମାନଙ୍କ ମାନସିକତା। ଯେଉଁ ହାତଗଣତି ଅତିସିଆଣିଆ ଖାଉଟି ମାତ୍ରାଧିକ ଚାଲାକିପଣିଆ ଓ ଦୂରଦର୍ଶିତା ଦେଖାଇ କିଲେ ଜାଗାରେ ଦଶକିଲୋ ବୋହି ନେଲେ ତାହାର ଦେଖାଶିକ୍ଷା ପ୍ରଭାବ ପୂରା ଖାଉଟି ବଜାର ଉପରେ ପଡ଼ିଲା। ଏଥିରେ ସାମଗ୍ରିକ ଭାବେ ଖାଉଟି ବର୍ଗ ପ୍ରଭାବିତ ହେଲା ଏବଂ ବିକ୍ରେତାମାନେ ମାସକର ଲାଭ ଗୋଟିଏ ଦିନରେ ଉଠେଇ ନେଲେ। ଗରାଖ ଓ ସ୍ଥିତି ଦେଖି ବେପାରୀଙ୍କ ପାଟିରୁ ଯାହା ବାହାରିଲା ତାହା ହିଁ ବଜାର ଦର ପାଲଟିଲା।

ଏବେ ସମୟ ଆସିଛି ବିପର୍ଯ୍ୟୟ ପ୍ରଶମନ ତାଲିକାରେ ଖାଉଟି ବଜାରକୁ ମଧ୍ୟ ସାମିଲ୍ କରିବାକୁ ପଡ଼ିବ। ପ୍ରାକୃତିକ ବିପର୍ଯ୍ୟୟର ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳରେ ଯେଭଳି ପ୍ରାକ୍‌ପ୍ରସ୍ତୁତି, ସ୍ଥାନାନ୍ତରଣ, ଉଦ୍ଧାର ପ୍ରସ୍ତୁତି ଆଦି କରାଯାଉଛି ସେଭଳି ଖାଉଟି ବଜାରକୁ ମଧ୍ୟ ଯଥେଷ୍ଟ ପୂର୍ବରୁ ସରକାର ନିୟନ୍ତ୍ରଣକୁ ନେବା କିମ୍ବା ସତର୍କ ଦୃଷ୍ଟି ରଖିବା ଆବଶ୍ୟକ। କାରଣ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷୟକ୍ଷତି ତୁଳନାରେ କଳାବଜାରୀର ପ୍ରଭାବ ଜନସାଧାରଣଙ୍କୁ ବଳି ଯାଉଛି। ତେଣୁ କଳାବଜାରୀକୁ ବିପର୍ଯ୍ୟୟ ପ୍ରଶମନ ଯୋଜନାରେ ସାମିଲ୍ କରିବା ପାଇଁ ସମୟର ନୂଆ ଆହ୍ୱାନକୁ ସରକାର ଗୁରୁତ୍ୱର ସହ ବିଚାର କରିବା ଉଚିତ ହେବ।

## ଶସ୍ୟ ବୋଝ

ଚଳିତ ବର୍ଷ ସ୍ୱାଭାବିକ ମୌସୁମୀ ଯୋଗୁଁ ଭଲ ଫସଲ ହୋଇଛି ଏବଂ ଚାଷୀ ମଧ୍ୟ ଖୁସି ଅଛନ୍ତି। ଅପରପକ୍ଷରେ ସେଥିପାଇଁ ଏବେ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ବିଶେଷକରି ଧାନ ଓ ଗହମର ବିପଣନ, ବିତରଣ ଓ ଭଣ୍ଡାରଣ ଅଧିକ ସମସ୍ୟା ସୃଷ୍ଟି କରିଛି। ଧାନ ଓ ଗହମ କିଣା ଏକପ୍ରକାର ସରକାରୀ ବାଧ୍ୟବାଧକତା। ଚଳିତ ଖରିଫ୍ ଋତୁରେ ଧାନ ଓ ଗହମ ଚାଷ ପୂର୍ବ ସବୁବର୍ଷର ରେକର୍ଡ ଭାଙ୍ଗିଛି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ମାଗଣାରେ ବ୍ୟକ୍ତି ପିଛା ମାସିକ ୫ କିଲୋ ଲେଖାଏଁ ଚାଉଳ/ଗହମ ବଣ୍ଟନ ପରେ ମଧ୍ୟ ଆହୁରି ବଳକା ରହୁଛି। ଚଳିତ ବର୍ଷ ସରକାରୀ ଭଣ୍ଡାରଘରେ ଅକ୍ଟୋବର ଶେଷ ସୁଦ୍ଧା ଗହମର ମହଜୁଦ ପରିମାଣ ବଫର ଷ୍ଟକ୍(ଜରୁରିକାଳୀନ ଆବଶ୍ୟକତା ପୂରଣ ପାଇଁ ସର୍ବୋଚ୍ଚ ମହଜୁଦ ସ୍ତର)ର ଆବଶ୍ୟକତାଠାରୁ ପ୍ରାୟ ଦେଢ଼ଗୁଣ ଅଧିକ ହୋଇସାରି ଥିବା ବେଳେ ଚାଉଳ ମହଜୁଦ୍ ନିର୍ଦ୍ଧାରିତ ସ୍ତରଠାରୁ ସାଢ଼େ ଚାରିଗୁଣ ଅଧିକ ହୋଇଗଲାଣି। ଖରିଫ୍ ଅମଳ ଓ ସଂଗ୍ରହ ଆଉ କିଛିଦିନ ପରେ ଆରମ୍ଭ ହେବ। ତେଣୁ ସରକାର ସେସବୁ ଶସ୍ୟକୁ କିପରି ପରିଚାଳନା କରିବେ ତାହା ସମସ୍ୟା ସୃଷ୍ଟି କରିଛି।

ଏତଦ୍‌ବ୍ୟତୀତ ମକାର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୨, ୪୦୦ ଟଙ୍କା ଥିବା ବେଳେ ଅଧିକ ଉତ୍ପାଦନ ଓ ଯୋଗାଣ ଯୋଗୁଁ ଘରୋଇ ବଜାର ଦର ହାରହାରି ୨୦୦୦ ଟଙ୍କାକୁ ଖସି ଆସିଲାଣି। ଆମେରିକା, ବ୍ରାଜିଲ୍, ଆର୍ଜେଣ୍ଟିନାର ଅଧିକ ଉତ୍ପାଦନ ଯୋଗୁଁ ଆନ୍ତର୍ଜାତିକ ବଜାରରେ ସୋୟାବିନ୍ ଦର କମିବାରେ ଲାଗିଛି। ତେଣୁ ଭାରତର ସୋୟାବିନ ରପ୍ତାନୀ ଦର ଗତ ବର୍ଷର ଟନ୍ ପିଛା ୪୯୦ ଡଲାର ତୁଳନାରେ ଚଳିତ ବର୍ଷ ୩୯୮ ଡଲାରକୁ ହ୍ରାସ ପାଇଛି। ଅପରପକ୍ଷରେ ସୋୟାବିନ୍‌ର ଘରୋଇ ଚାହିଦା ମଧ୍ୟ କମିବାରେ ଲାଗିଛି। ତେଣୁ ସରକାରଙ୍କୁ ବାଧ୍ୟ ହୋଇ ମକା ଓ ସୋୟାବିନ୍ ବୋଝ ମଧ୍ୟ ମୁଣ୍ଡାଇବାକୁ ପଡ଼ିବ।

ଜଳବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟି ନାଶ ଭଳି ସ୍ଥିତିରେ ଏବେ କେନ୍ଦ୍ର ସରକାର ପଡ଼ିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଧାନ ଓ ଗହମ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟକୁ ସରକାର କାଣ୍ଟଛାଣ୍ଟ କରିପାରିବାର ପ୍ରଶ୍ନ ଉଠୁନାହିଁ। ଅପରପକ୍ଷରେ ଧାନ ଓ ଗହମ ଚାଷ ବଦଳରେ ମକା, ସୋୟାବିନ୍, କପା ଆଦି ଅର୍ଥକରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ସରକାର ଏମ୍‌ଏସ୍‌ପି ଜରିଆରେ ଚାଷୀମାନଙ୍କୁ ଉତ୍ସାହିତ କରୁଛନ୍ତି। ଚାଷୀମାନେ ଏସବୁ ଉତ୍ପାଦନ ବଢ଼ାଇବା ପରେ ଏବେ ତାହା ସରକାରଙ୍କ ପାଇଁ ବୋଝ ପାଲଟିଛି। ଚାଷୀମାନଙ୍କୁ ସୁରକ୍ଷା ଦେବାକୁ ହେଲେ ଭାରତ ସରକାର ଆମଦାନୀ ଶୁଳ୍କରେ ବୃଦ୍ଧି କରିବା ଛଡ଼ା ଅନ୍ୟ ବାଟ ନାହିଁ। କିନ୍ତୁ ସାମ୍ପ୍ରତିକ ଶୁଳ୍କ ଯୁଦ୍ଧରେ ସେ ବାଟଟି ମଧ୍ୟ ଏତେ ସରଳ ଓ ସୁଗମ ନୁହେଁ। ମକା ଓ ସୋୟାବିନ୍‌ର ବଳକା ପରିମାଣକୁ ଇଥାନଲ୍ ଉତ୍ପାଦନ ମୁହାଁ କରିବାର ସୁଯୋଗ ମଧ୍ୟ ସଂକୁଚିତ। ଏ ସଙ୍କଟରୁ ସରକାର କେମିତି ନିଜେ ମୁକୁଳିବା ସହିତ ଚାଷୀମାନଙ୍କୁ ସନ୍ତୁଷ୍ଟ କରିପାରିବେ ତାହାର ପ୍ରଭାବ ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ପ୍ରତିଫଳିତ ହେବ।

# ବିହାର ରାଜନୀତିରେ ଜାତିବାଦ

**ସୌଭାଗ୍ୟ ସୁନ୍ଦରରାୟ**

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନ ଥିବା ରାଜ୍ୟ ବିହାରରେ ଆଗାମୀ ମାସରେ ନୂଆ ସରକାର ଗଠନ ହେବ। ଦେଶର ପୂର୍ବାଞ୍ଚଳରେ ଅବସ୍ଥିତ ଏହି ରାଜ୍ୟର ବିଧାନସଭା ଆସନ ସଂଖ୍ୟା ୨୪୩। ଚଳିତ ନିର୍ବାଚନରେ କେଉଁ ମେଣ୍ଟ ଯାଦୁ ସଂଖ୍ୟା ୧୨୨ ଆସନ ହାସଲ କରିବାରେ ସମର୍ଥ ହେବ ତାହା ଉପରେ ଦେଶବାସୀଙ୍କ ନଜର ରହିଛି। କାରଣ ଆସନ୍ତାବର୍ଷ ପଶ୍ଚିମବଙ୍ଗ ଓ ତାମିଲନାଡୁରେ ବିଧାନସଭା ନିର୍ବାଚନ ହେବ। ବିହାରରେ କ୍ଷମତାସୀନ ଏନଡିଏ ଶାସନ ବଜାୟ ରଖିବ ନା ରାଜ୍ୟରେ ପରିବର୍ତ୍ତନ ଘଟିବ ସେଥିନେଇ ରାଜନୈତିକ ମହଲରେ ଉତ୍ସୁକତା ମଧ୍ୟ ରହିଛି।

୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ(ଆରଜେଡି) ସର୍ବାଧିକ ୨୨.୧୪% ଭୋଟ ଏବଂ ସର୍ବାଧିକ ୭୫ଟି ଆସନ ପାଇଥିଲା। ଏହା ପରକୁ ବିଜେପି ୨୦.୫୨% ଭୋଟ ପାଇ ୭୪ଟି ଆସନରେ ଏବଂ ଜେଡି(ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୨୦% ରହିଲା। ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଜେଡି(ୟୁ)ର ନେତା ନୀତୀଶ କୁମାର ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନଡିଏ ସରକାର। ଏହି ନିର୍ବାଚନରେ ଚିରାଗ ପାଶୱାନଙ୍କ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଏହି କାରଣରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା।

ଚଳିତ ନିର୍ବାଚନରେ ଜେଡି(ୟୁ)-ବିଜେପି ମେଣ୍ଟ ପୂର୍ବପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ 'ରାଷ୍ଟ୍ରୀୟ ଲୋକମୋର୍ଚ୍ଚା (ଆରଏଲଏମ)', ଚିରାଗ ପାଶୱାନଙ୍କ 'ଏଲ୍‌ଜେପି', ଜୀତନ ରାମ ମାନ୍‌ଝୀଙ୍କ 'ହିନ୍ଦୁସ୍ଥାନ ଆୱମ ମୋର୍ଚ୍ଚା (ଏଚଏଏମ)' ସାମିଲ ହୋଇଛି। ତେଣେ ଆରଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ 'ବିକାଶଶୀଳ ଇନ୍‌ସାନ ପାର୍ଟି', 'ସିପିଆଇ', 'ସିପିଆଇ(ଏମ)', 'ସିପିଆଇ(ଏମଏଲ)', ରାମବିଳାଶ ପାଶୱାନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ 'ଏଲଜେପି' ଓ 'ଜେଏମଏମ' ସାମିଲ ହୋଇଛନ୍ତି।

ବିହାରର ଦୀର୍ଘ ୭୬ ବର୍ଷର ନିର୍ବାଚନର ଇତିହାସକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ରାଜ୍ୟର ରାଜନୀତି ବହୁ ଭାବେ ଜାତିଆଣ ଆଧାରରେ ପ୍ରଭାବିତ ହୋଇଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ମୁସଲିମ ଜନସଂଖ୍ୟା ୧୭.୭%। ସଂଖ୍ୟାଲଘୁ ସଂପ୍ରଦାୟର ଏହି ଜନସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ରହିଛନ୍ତି। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ସଂଖ୍ୟାଲଘୁ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ତେବେ କୁର୍ମୀଙ୍କ ସଂଖ୍ୟା (୨.୮%) ଖୁସୱା (୪.୨)ଙ୍କ ଠାରୁ କମ୍। ଖୁସୱା ସଂପ୍ରଦାୟର ନେତା ଉପେନ୍ଦ୍ର ଖୁସୱାଙ୍କ ଦଳ ଆରଏଲଏମ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଚଳିତ ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ ଥିବା ବିଜେପି ନେତା ସମ୍ରାଟ ଚୌଧୁରୀ ମଧ୍ୟ ଖୁସୱା ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଏନଡିଏ ସପକ୍ଷରେ ଯିବା ଆଶା କରାଯାଏ।

ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ଏହି ଉଚ୍ଚବର୍ଗ ସଂପ୍ରଦାୟ ବିହାର ରାଜନୀତିକୁ ଦୀର୍ଘଦିନ ଧରି ପ୍ରଭାବିତ କରି ରଖିଥିଲେ। ରାଜ୍ୟର ୭୬ ବର୍ଷର ନିର୍ବାଚନୀ ଇତିହାସରେ ଉଚ୍ଚବର୍ଗ ପ୍ରାୟ ୩୭ ବର୍ଷ ଶାସନ ବ୍ୟବସ୍ଥା ନିୟନ୍ତ୍ରଣ କରିଛନ୍ତି ଏବଂ ସଂପ୍ରଦାୟରୁ ୧୨ ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶ୍ରୀ କ୍ରିଷ୍ଣା ସିଂହ ପ୍ରାୟ ୧୭ ବର୍ଷ ମୁଖ୍ୟମନ୍ତ୍ରୀ ରହିଥିଲେ। ଏଥିସହ ଜଗନ୍ନାଥ ମିଶ୍ର, କ୍ରିଷ୍ଣା ବଲ୍ଲଭ ସହାୟ, ବିନ୍ଧେଶ୍ୱରୀ ଦୁବେ, ଚନ୍ଦ୍ର ଶେଖର ସିଂହ, ବିନୋଦାନନ୍ଦ ଝା, ଭଗବତ ଝା ଆଜାଦ, ମହାମାୟା ପ୍ରସାଦ ସିଂହ, କେଦାର ପାଣ୍ଡେ, ସତ୍ୟେନ୍ଦ୍ର ନାରାୟଣ ସିଂହ ପ୍ରମୁଖ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ।

୧୯୬୮ ମସିହାରେ ବିହାରରେ ରାଜନୀତିରେ ନୂତନ ଅଧ୍ୟାୟର ସୂତ୍ରପାତ ହେଲା। ପ୍ରଥମ ଥର ପାଇଁ ପଛୁଆ ବର୍ଗରୁ ସତୀଶ ପ୍ରସାଦ ସିଂହ ହେଲେ ମୁଖ୍ୟମନ୍ତ୍ରୀ ଏବଂ ଏହାଥିଲା ପ୍ରଥମ ଅଣ-କଂଗ୍ରେସ ସରକାର। 'ସଂଯୁକ୍ତ ସୋସାଲିଷ୍ଟ ଦଳ'ରୁ ସେ ନିର୍ବାଚିତ ହୋଇ 'ଶୋଷିତ ସମାଜ ଦଳ' ସହ ଏକ ମିଳିତ ସରକାରର ନେତୃତ୍ୱ ନେଇଥିଲେ। ତେବେ ମାତ୍ର ୫ ଦିନ ମୁଖ୍ୟମନ୍ତ୍ରୀ ରହିବା ପରେ ସତୀଶ ପ୍ରସାଦ ସିଂହ ଇସ୍ତଫା ଦେଇ ଅନ୍ୟ ଜଣେ ପଛୁଆ ବର୍ଗ ରାଜନୀତିଜ୍ଞ ବି.ପି.ମଣ୍ଡଳ ଶାସନ ଭାର ନେବା ପାଇଁ ପଥ ପରିଷ୍କାର କରିଥିଲେ। ଏହି ପରିପ୍ରେକ୍ଷୀରେ ଲାଲୁ ପ୍ରସାଦ ଯାଦବ, ରାବଡ଼ୀ ଦେବୀ, ନୀତୀଶ କୁମାର, ଜୀତନ ରାମ ମାନ୍‌ଝୀ ପଛୁଆ ବର୍ଗ ନେତାଙ୍କ ହାତରେ ବିହାରର ଶାସନ ଡୋରୀ ଦୀର୍ଘ ୩୫ ବର୍ଷ ହେଲା ରହିଲାଣି। ଜୀତନ ରାମ ମାନ୍‌ଝୀ ମୁସାହାର ସଂପ୍ରଦାୟର। ତାଙ୍କ ଦଳ ଚଳିତ ନିର୍ବାଚନରେ ୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ। ଅନୁସୂଚିତ ଜାତି ବର୍ଗର ଏହି ସଂପ୍ରଦାୟ ଅତି ପଛୁଆ। ଏମାନଙ୍କ ସଂଖ୍ୟା ପ୍ରାୟ ୩.୧%। ରାଜ୍ୟରେ ଅନୁସୂଚିତ ଓ ସଂଖ୍ୟାଲଘୁ ବର୍ଗର ମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ ସେମାନଙ୍କ ସରକାର ବେଶୀ ସମୟ ତିଷ୍ଠି ପାରିନାହିଁ। ଅତ୍ୟଧିକ ପଛୁଆ ବର୍ଗରୁ କର୍ପୁରୀ ଠାକୁର ମଧ୍ୟ ସ୍ୱଳ୍ପ ସମୟ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି।

ବିହାର ରାଜନୀତିରେ ଉଚ୍ଚବର୍ଗ ଓ ପଛୁଆ ବର୍ଗର ପ୍ରାଧାନ୍ୟ ରହୁଥିବାରୁ ସମସ୍ତେ ନିଜ ବର୍ଗର ମୁଖ୍ୟମନ୍ତ୍ରୀ ପାଇଁ ସ୍ୱପ୍ନ ଦେଖିଥା'ନ୍ତି। ସେହି ଅନୁଯାୟୀ ବିହାର ରାଜନୈତିକ କ୍ଷମତା ପରିଚାଳିତ ହୋଇଥାଏ। ଅନ୍ୟାନ୍ୟ ବର୍ଗର ସଂଖ୍ୟା ସୀମିତ ଯୋଗୁଁ ସେହି ବର୍ଗର ମୁଖ୍ୟମନ୍ତ୍ରୀ ବେଶି ଦିନ କ୍ଷମତା ଉପଭୋଗ କରିପାରି ନାହାନ୍ତି। ବିହାର ରାଜନୀତିରେ ପଛୁଆ ବର୍ଗର ଉତ୍ଥାନ ସହ ଉଚ୍ଚ ବର୍ଗର ପ୍ରାଧାନ୍ୟ ହ୍ରାସ ପାଇଲା। ଉଚ୍ଚବର୍ଗ ସର୍ବଦା କଂଗ୍ରେସ ସପକ୍ଷରେ ରହିଆସିଥିଲେ। ଏହି ବର୍ଗଟି ଆରଜେଡି ପରି ପଛୁଆ ବର୍ଗ ବିରୋଧୀ। ଯେତେବେଳେ ରାଜ୍ୟରେ କଂଗ୍ରେସର ଅଧୋଗତି ଦେଖାଦେଲା ସେହି ସମୟରେ ଏହି ବର୍ଗର କିଛି ଭୋଟ ବିଜେପି ନିକଟକୁ ଗଲା। ତେବେ ସଂଖ୍ୟାଗରିଷ୍ଠ ଭୋଟ ଝୁଲା ଅବସ୍ଥାରେ ରହିଆସିଛି। ଚଳିତ ଥର ଏହି ବର୍ଗରୁ ପ୍ରଶାନ୍ତ କିଶୋରଙ୍କ 'ଜନ ସୁରାଜ ଦଳ' ପ୍ରଥମ ଥର ପାଇଁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଛି। ପ୍ରଶାନ୍ତ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ। ନିର୍ବାଚନ କଳାକୌଶଳ ସଂପର୍କରେ ସେ ଅବଗତ। ସେ ବ୍ରାହ୍ମଣ ସଂପ୍ରଦାୟର। ଏଣୁ ଏଥର ଉଚ୍ଚବର୍ଗ ଭୋଟ 'ଜନ ସୁରାଜ ଦଳ' ସପକ୍ଷରେ କିଭଳି ଭାବେ ଯାଉଛି ତାହା ଦେଖିବାର କଥା।

ପଛୁଆ ବର୍ଗ, ଉଚ୍ଚବର୍ଗଙ୍କ ପରେ ବିହାରରେ ରାଜନୀତିରେ ଶକ୍ତିଶାଳୀ ଜନଜାତି ବର୍ଗଟି ହେଉଛି ପାଶୱାନ ସଂପ୍ରଦାୟ। ଏହି ସଂପ୍ରଦାୟ ରାମବିଳାଶ ପାଶୱାନ ଏବଂ ତାଙ୍କ ଦଳ 'ଲୋକ ଜନଶକ୍ତି ପାର୍ଟି'ର ଦୃଢ଼ ସମର୍ଥକ। ଏବେ ଏହି ଦଳର ନେତୃତ୍ୱ ନେଉଛନ୍ତି ରାମବିଳାଶଙ୍କ ପୁତ୍ର ଚିରାଗ ପାଶୱାନ। ବିହାରର ନିର୍ବାଚନ ଗଣିତ ଗୋଳମାଳ କରିବାରେ ଏହି ଦଳର ଯଥେଷ୍ଟ ଶକ୍ତି ରହିଛି। ଗତ ନିର୍ବାଚନରେ ରାଜ୍ୟରେ 'ଲୋକ ଜନଶକ୍ତି ପାର୍ଟି' ଏକାକୀ ନିର୍ବାଚନ ଲଢ଼ିବାରୁ ଜେଡି(ୟୁ) କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୭୫ଟି ଆସନରେ ଏଲଜେପି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ମଧ୍ୟ ଗୋଟିଏ ବି ଆସନ ପାଇପାରି ନ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନରେ ଏଲଜେପି ୫ଟି ଆସନରେ ଲଢ଼ି ସମସ୍ତ ଆସନରେ ବିଜୟୀ ହୋଇଥିଲା। ଏହି କାରଣରୁ ଚଳିତ ବିହାର ବିଧାନସଭା ନିର୍ବାଚନରେ ଏଲଜେପିକୁ ୨୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି। ତେବେ ଲୋକସଭାର ମତଦାନ ଧାରା ବିଧାନସଭା ନିର୍ବାଚନରେ ଯେ ପ୍ରତିଫଳିତ ହେବ ତାହା କୁହାଯାଇନପାରେ। ଲୋକସଭା ନିର୍ବାଚନରେ ଜାତୀୟ ପ୍ରସଙ୍ଗ ଉତ୍ଥାପିତ ହେଉଥିବା ବେଳେ ବିଧାନସଭା ନିର୍ବାଚନରେ ରାଜ୍ୟ ପ୍ରସଙ୍ଗ ଉଠିଥାଏ।

ବିହାର ନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳ ଯେଉଁ ଆସନ ଭାଗବଣ୍ଟା କରିଛନ୍ତି ସେଥିରେ ଜାତି ପ୍ରମୁଖ୍ୟ ଆଧାର ହୋଇଥିବା ପରିଲକ୍ଷିତ ହେଉଛି। ବିଭିନ୍ନ ସଂପ୍ରଦାୟର ଭୋଟରଙ୍କୁ ମେଣ୍ଟ ସପକ୍ଷରେ ଆକୃଷ୍ଟ କରି କ୍ଷମତା ଦଖଲ କରିବା ନିମନ୍ତେ ରାଜନୈତିକ ଦଳ ଉଦ୍ୟମ କରିଛନ୍ତି। ତେବେ ସରକାର ଗଠନରେ କେଉଁ ସଂପ୍ରଦାୟ ନେତା ପ୍ରମୁଖ ଭୂମିକା ଗ୍ରହଣ କରିବ ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ହିଁ ଜଣାପଡ଼ିବ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩


# ସମ୍ପାଦକୀୟର ଗୁରୁତ୍ୱ

**ଅଧ୍ୟାପକ ରାଜେଶ୍ ରାୟ**

'ସମ୍ପାଦକୀୟ'ର ଗୁରୁତ୍ୱ କେତେ? ଖବରକାଗଜର ଜଣେ ନିୟମିତ ପାଠକ ଭାବେ ମତେ ଏହି ପ୍ରଶ୍ନ ବେଳେବେଳେ ଦ୍ୱନ୍ଦ୍ୱରେ ପକାଏ। ପ୍ରତିଦିନ ସକାଳୁ ଛୁଟି ଆସୁଥିବା ରଙ୍ଗବେରଙ୍ଗର ଖବରକାଗଜରେ ବିଭିନ୍ନ ଖବର ସହ ବିଜ୍ଞାପନ, ଜରୁରୀ ସୂଚନା ଓ ତଥ୍ୟ ସାଙ୍ଗ ହୋଇ ଆସନ୍ତି। କିନ୍ତୁ ସବୁଠୁ ସ୍ୱତନ୍ତ୍ର ପରିଚୟ ବହନ କରେ 'ସମ୍ପାଦକୀୟ'।

ପ୍ରାୟତଃ ଅଧିକାଂଶ ଖବରକାଗଜର ମଝି ଭାଗରେ 'ସମ୍ପାଦକୀୟ' ଶୋଭାପାଏ। ଏହାକୁ ଖବରକାଗଜର ମେରୁଦଣ୍ଡ ବା ମୁଖ୍ୟ ଅଙ୍ଗ ବୋଲି ବିଚାର କଲେ କିଛି ଭୁଲ ହେବନି। ଆଉ କିଛି ବୁଦ୍ଧିଜୀବୀ 'ସମ୍ପାଦକୀୟ'କୁ ଖବରକାଗଜର ଦର୍ପଣ ଭାବେ ତୁଳନା କରିଥା'ନ୍ତି। କାରଣ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ସାମଗ୍ରିକ ଘଟଣାବଳୀ, ଦେଶର ଚିତ୍ର ଓ ଚରିତ୍ର ସମ୍ପର୍କରେ ଖବରକାଗଜ ପ୍ରକାଶନ କରୁଥିବା ସଂସ୍ଥାର ମତ ଓ ଦୃଷ୍ଟିକୋଣ 'ସମ୍ପାଦକୀୟ'ରେ ପ୍ରତିଫଳିତ ହୋଇଥାଏ। ବସ୍ତୁତଃ 'ସମ୍ପାଦକୀୟ' ଜରିଆରେ ଖବରକାଗଜ, ପତ୍ରପତ୍ରିକାର ସମ୍ପାଦକ ତାଙ୍କର ସନ୍ଦେଶ, ମତ ଓ ବିଚାର ଜନସାଧାରଣଙ୍କୁ ଦେଇଥା'ନ୍ତି। ତେଣୁ ଅନେକ ସମୟରେ 'ସମ୍ପାଦକୀୟ' ଗତାନୁଗତିକ ଧାରା ପରିବର୍ତ୍ତନ କରିପାରେ।

ଏହାଛଡ଼ା 'ସମ୍ପାଦକୀୟ' ପୃଷ୍ଠାର କୋଳରେ



ପ୍ରତିଦିନ ବିଭିନ୍ନ ପ୍ରସଙ୍ଗକୁ ନେଇ ଗଢ଼ି ଉଠିଥିବା ପ୍ରବନ୍ଧମାନ ପ୍ରକାଶ ପାଏ, ଯେଉଁଥିରେ ଆଞ୍ଚଳିକ ପ୍ରସଙ୍ଗରୁ ଆରମ୍ଭ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଘଟୁଥିବା ସାଂପ୍ରତିକ ଘଟଣାବଳୀ, ବିଶେଷ ଦିବସ, ଧାରା ଓ ସୂଚନାଧର୍ମୀ ବିଷୟ କୋଳମଣ୍ଡନ କରେ। ମୋ ମତରେ 'ସମ୍ପାଦକୀୟ' ହେଉଛି ଜ୍ଞାନର ଏକ ଅସରନ୍ତି ଭଣ୍ଡାର। ଯେଉଁ ଲେଖକମାନେ 'ସମ୍ପାଦକୀୟ' ପୃଷ୍ଠାରେ ଲେଖା ଦିଅନ୍ତି ସେମାନେ ବିଭିନ୍ନ ଗବେଷଣା, ପରୀକ୍ଷା ନିରୀକ୍ଷା ଏବଂ ନିଷ୍ଠାର ସହ ସାଧନା କରି ନିଜର ମତକୁ ଉପସ୍ଥାପନ କରନ୍ତି। କୁହାଯାଏ ଗୋଟିଏ ସପ୍ତାହର ଖବରର ସାରାଂଶ 'ସମ୍ପାଦକୀୟ' ପୃଷ୍ଠା ପଢ଼ିଲେ ଜାଣି ହୁଏ।

ବର୍ତ୍ତମାନ ପରିସ୍ଥିତିରେ ଯଦି ପ୍ରଶ୍ନ କରାଯାଏ 'ସମ୍ପାଦକୀୟର ଗୁରୁତ୍ୱ କେତେ?', ଯେଉଁ ଉଦ୍ଦେଶ୍ୟରେ ଏହା ଜନ୍ମ ନେଇଛି ତାହା କେତେଦୂର ପୂରଣ ହେଉଛି?' ଇତ୍ୟାଦି, ତେବେ ଏହାର ଉତ୍ତର ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ବନ୍ଦୀ ହୋଇଯିବ। ଆଜିକାଲି କେତେଜଣ ପାଠକ ନିୟମିତ ମନଧ୍ୟାନ ଦେଇ ଖବରକାଗଜର 'ସ ମ୍ପା ଦ କୀ ୟ'କୁ ପଢୁଛନ୍ତି? ଦେଶର କର୍ଣ୍ଣଧାର କୁହାଯାଉଥିବା ଯୁବପିଢ଼ି ଏଥିପ୍ରତି କେତେ ଆକୃଷ୍ଟ? ଏହି ପ୍ରଶ୍ନ କେବେ ଆପଣ ଭାବିଛନ୍ତି କି? ବାସ୍ତବତା ହେଉଛି ବର୍ତ୍ତମାନ ଖବରକାଗଜର ଛାପା ସଂଖ୍ୟା ପୂର୍ବ ଅପେକ୍ଷା ଢେର୍ କମି ଯାଇଛି। କାରଣ ଏହି ଡିଜିଟାଲ ଯୁଗରେ ଆମେ ମୋବାଇଲ୍ ଫୋନରେ ଅତି ସହଜରେ ଖବରକାଗଜଗୁଡ଼ିକ ପାଇପାରୁଛୁ। ପଢ଼ିବାକୁ ମଧ୍ୟ ଆମ ପାଖେ ସେତିକି ଧୈର୍ଯ୍ୟ ନାହିଁ। ଖାଲି ମୁଖ୍ୟଖବରର ଶୀର୍ଷକ ଉପରେ ନଜର ପକାଇଦେଲେ ହେଇଗଲା।

ଏହି ପରିପ୍ରେକ୍ଷୀରେ 'ସମ୍ପାଦକୀୟ'ର କଥା ବିଚାରକୁ ନେଲେ ଆମେ ଦେଖିପାରିବା ଯେ କିଛି ହାତଗଣତି ପାଠକଙ୍କ ଗହଣରେ ଏହା ନିଜର ପରିଚୟକୁ ତଥାପି ଅକ୍ଷୁର୍ଣ୍ଣ ରଖିପାରିଛି। ଆନ୍ତରିକ ଧନ୍ୟବାଦ ଦେବି ସେହି ଲେଖକମାନଙ୍କୁ, ଯେଉଁମାନେ ନିରବଚ୍ଛିନ୍ନ ଭାବେ ନିଜର ଦାୟିତ୍ୱକୁ ନିର୍ବାହ କରି ଚାଲିଛନ୍ତି। 'ସମ୍ପାଦକୀୟ' ପୃଷ୍ଠାକୁ ସଜାଉଥିବା ଖବରକାଗଜର ସମ୍ପାଦନା ମଣ୍ଡଳୀଙ୍କ ଉଦ୍ୟମ ବଳରେ ଆଜି ତାହା ବଞ୍ଚି ରହିଛି। କିନ୍ତୁ ବର୍ତ୍ତମାନର ଯୁବପିଢ଼ିଙ୍କୁ ଏହାର ଗୁରୁତ୍ୱକୁ ବୁଝାଇବା ଅବଶ୍ୟ ଜରୁରୀ। ବିଦ୍ୟାର୍ଥୀମାନେ ଯଦି ଏଥିପ୍ରତି ମନ ବଳାନ୍ତେ ତେବେ ସମାଜରେ ଏକ ବିଶାଳ ପରିବର୍ତ୍ତନ ଅବଶ୍ୟ ହୋଇପାରନ୍ତା। ଜାତୀୟସ୍ତରୀୟ ପରୀକ୍ଷା ଯଥା ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ପ୍ରସ୍ତୁତି କରୁଥିବା ପିଲାମାନେ 'ସମ୍ପାଦକୀୟ'ରୁ ଅନେକାଂଶରେ ଲାଭାନ୍ୱିତ ହେଉଛନ୍ତି।

କିଛିଦିନ ପୂର୍ବେ ମୁଁ ଶ୍ରେଣୀରେ ପାଠ ପଢ଼ାଉଥିବା ପିଲାମାନଙ୍କୁ ଖବରକାଗଜ ଓ 'ସମ୍ପାଦକୀୟ' ପଢ଼ିବା ବିଷୟରେ ପଚାରିଲି। କିନ୍ତୁ ଅନେକ ପିଲା ମତେ ପଚାରିଲେ ଯେ 'ସମ୍ପାଦକୀୟ' କ'ଣ? ସେଥିରେ କ'ଣ ବାହାରେ? ଏଥିରୁ ଆପଣ ବୁଝି ପାରୁଥିବେ ଯେ ବର୍ତ୍ତମାନର ପିଲା ଏ ବିଷୟରେ କେତେ ସଚେତନ! ତେଣୁ ସମୟ ଆସିଛି ଖବରକାଗଜରେ 'ସମ୍ପାଦକୀୟ'ର ସ୍ଥାନକୁ ଆହୁରି ମଜବୁତ୍ କରିବା ପାଇଁ ଏବଂ ଖବରକାଗଜର ପାଠକଙ୍କ ସଂଖ୍ୟାକୁ ବୃଦ୍ଧି କରି ଏକ ନୂଆ ବିପ୍ଳବ ଆଣିବାର ପଥକୁ ଉନ୍ମୁକ୍ତ କରିବା ପାଇଁ। ଖବରକାଗଜର ନିର୍ମାତାମାନଙ୍କୁ ବିଶେଷ ଅନୁରୋଧ ସେମାନେ ଏହି ପ୍ରସଙ୍ଗଟି ଉପରେ ଧ୍ୟାନ ଦିଅନ୍ତୁ ଏବଂ 'ସମ୍ପାଦକୀୟ'ର ଲୋକପ୍ରିୟତାକୁ ବିସ୍ତାର କରନ୍ତୁ।

(ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

# ହରିଦାସ ସମାଧି ମଠ

**ସ୍ୱପ୍ନେଶ୍ୱର**

**ଲୋକକଥାରେ ଲୋକଦେବତା**

ପ୍ରେମାବତାର ଶ୍ରୀଚୈତନ୍ୟ ଦେବ ନଦିଆ ନବଦ୍ୱୀପରୁ ଆସି ଶ୍ରୀକ୍ଷେତ୍ରରେ ଅବସ୍ଥାନ କରିବା ସମୟରେ ତାଙ୍କ ସାଙ୍ଗରେ ଆସିଥିବା ଶିଷ୍ୟଶ୍ରେଷ୍ଠ ହରିଦାସଙ୍କୁ ରଖିବା ପାଇଁ ପୁରୀର କୌଣସି ଘର ମାଲିକ ରାଜି ନ ହେବାରୁ ସେ କିଭଳି ଖରା ବର୍ଷା ଶୀତ କାକରରେ ଦିନରାତି ଖୋଲା ଆକାଶ ତଳେ ନୀଳଚକ୍ରକୁ ଚାହିଁ ଚାହିଁ ଦୈନିକ ତିନି ଲକ୍ଷ ଜଗନ୍ନାଥ ନାମ କୀର୍ତ୍ତନ କରି ଜୀବନ ଅତିବାହିତ କରିବାକୁ ଲାଗିଲେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର ମହିମାରୁ କିଭଳି ଚୈତନ୍ୟ ମହାପ୍ରଭୁ ସେଦିନ ରୋପଣ କରିଥିବା ମହାପ୍ରଭୁଙ୍କର ଦନ୍ତମଞ୍ଜନରେ ବ୍ୟବହୃତ ବଉଳ ଦାନ୍ତକାଠିଟି ତତ୍‌କ୍ଷଣାତ ମହାଦ୍ରୁମରେ ପରିଣତ ହୋଇ ହରିଦାସଙ୍କୁ ଆଶ୍ରୟ ଦେଲା ଏବଂ କାଳକ୍ରମେ ସେଠାରେ କିଭଳି ସେହି ମହାଦ୍ରୁମ ନାମରେ ସିଦ୍ଧବକୁଳ ମଠ ଗଢ଼ି ଉଠିଲା ତାହା ଆମେ ପୂର୍ବରୁ ଏହି ସ୍ତମ୍ଭରେ ଆଲୋଚନା କରିଛେ।

ଦିନେ ହରିଦାସ ତାଙ୍କର ଅନ୍ତର୍ମନରେ ଜାଣିବାକୁ ପାଇଲେ ଯେ ଗୁରୁ ଶ୍ରୀଚୈତନ୍ୟ ଦେବ ଇହଲୀଳା ସମ୍ବରଣ କରିବା ପାଇଁ ନିଷ୍ପତ୍ତି ନେଇସାରିଛନ୍ତି। ଗୁରୁଙ୍କ ଅବର୍ତ୍ତମାନରେ ବଞ୍ଚିବା ତାଙ୍କ ପକ୍ଷେ ସମ୍ଭବ ନ ଥିଲା। ତେଣୁ ଗୁରୁଙ୍କ ପୂର୍ବରୁ ଦେହ ତ୍ୟାଗ କରିବା ପାଇଁ ସେ ସଙ୍କଳ୍ପ ନେଲେ। ସେଦିନ ହରିଦାସ ସ୍ୱାଭାବିକ ଭାବେ ଶିଷ୍ୟମାନଙ୍କ ସହ ନାମ କୀର୍ତ୍ତନ କରୁଥିଲେ। ହଠାତ୍ ହରିଦାସଙ୍କ କଣ୍ଠ ଧୀର ହୋଇ ନୀରବୀ ଗଲା। ତାଙ୍କ ଶରୀରରୁ ଏକ ଆଲୋକବର୍ତ୍ତିକା ନିର୍ଗତ ହୋଇ ମହାଶୂନ୍ୟରେ ମିଶିଗଲା। ତା'ପରେ ତାଙ୍କର ପ୍ରାଣହୀନ ଶରୀର ଢଳି ପଡ଼ିଲା। ଶ୍ରୀଚୈତନ୍ୟ ହରିଦାସଙ୍କ ମର ଶରୀରକୁ କାନ୍ଧରେ ଧରି ଉଦ୍ଦଣ୍ଡ କୀର୍ତ୍ତନ କରିବାକୁ ଲାଗିଲେ। ଶିଷ୍ୟମାନେ ମଧ୍ୟ ଉଦ୍ଦଣ୍ଡ କୀର୍ତ୍ତନ କଲେ। ସମସ୍ତେ ନାଚି ନାଚି ଯାଇ ସମୁଦ୍ର କୂଳରେ ପହଞ୍ଚିଲେ। ଚୈତନ୍ୟ ହରିଦାସଙ୍କ ମରଶରୀରକୁ ସମୁଦ୍ରରେ ସ୍ନାନ କରାଇ ସମାଧି ଯାଗାକୁ କୀର୍ତ୍ତନ କରି କରି ପହଞ୍ଚିଲେ। ସେଠାରେ ନିଜେ ହରିଦାସଙ୍କୁ ସମାଧି ଦେଲେ। ଏ ସମସ୍ତ କାମ ଚାଲି ଥିବାବେଳେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରି ଚାଲିଥିଲେ।

କେତେକ ଶିଷ୍ୟ ହରିଦାସଙ୍କୁ ଏତେ ଭକ୍ତି କରୁଥିଲେ ଯେ ସେମାନଙ୍କ ଭିତରୁ କେତେକ ସମାଧି ପୀଠରେ ରହିବାକୁ ଲାଗିଲେ। କ୍ରମଶଃ ସେଠାରେ ଏକ ମଠ ଗଢ଼ି ଉଠିଲା ଏବଂ ସେ ମଠର ନାମ 'ହରିଦାସ ସମାଧି ମଠ' ରଖାଗଲା। କିଛିବର୍ଷ ପରେ ସେ ମଠର ମହନ୍ତ ଦିନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ କଳାମୁଗୁନି ପଥରରେ ନିର୍ମିତ ଏକ ଦିବ୍ୟ ଗରୁଡ଼ ବିଗ୍ରହ ପାଇଲେ। ସେ ବିଗ୍ରହକୁ ଆଣି ମଠରେ ସ୍ଥାପନା କରି ପୂଜାର୍ଚ୍ଚନା ଆରମ୍ଭ କଲେ। ପନ୍ଦର ଦିନ ପରେ ମହନ୍ତ ଓ ଶିଷ୍ୟମାନେ ସମୁଦ୍ରରେ ସ୍ନାନ କରୁଥିବା ବେଳେ ପାଟକନାରେ ବନ୍ଧା ହୋଇଥିବା ଏକ ପୁଟୁଳି ତାଙ୍କ ଆଡ଼କୁ ଭାସି ଆସିଲା। ସେ ପୁଟୁଳି ଭିତରେ ଥିଲେ ତିନୋଟି ସୁନ୍ଦର ଦାରୁ ବିଗ୍ରହ- ଜଗନ୍ନାଥ, ବଳଭଦ୍ର ଓ ସୁଦର୍ଶନ। ମହନ୍ତ ମହାରାଜ ମୂର୍ତ୍ତିମାନଙ୍କୁ ମଠରେ ସ୍ଥାପନା କରି ଆରାଧନା କରିବା ପାଇଁ ନିଷ୍ପତ୍ତି ନେଲେ। କିନ୍ତୁ ମାଆ ସୁଭଦ୍ରା ନ ଥିବାରୁ ଚତୁର୍ଦ୍ଧା ବିଗ୍ରହ ଅସଂପୂର୍ଣ ଥିଲେ। ତେଣୁ ମହନ୍ତ ମହାରାଜ ମାଆ ସୁଭଦ୍ରାଙ୍କୁ ମଠରେ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତା' ପର ଦିନ ସେ ସମୁଦ୍ରରେ ସ୍ନାନ ପରେ ଅର୍ଘ୍ୟ ଦେବା ପାଇଁ ଆଞ୍ଜୁଳାଏ ପାଣି ଉଠେଇ ଆଣିବା ବେଳକୁ ତାଙ୍କ ହାତରେ ମାଆ ସୁଭଦ୍ରାଙ୍କର ଏକ ଦିବ୍ୟ ସୁନ୍ଦର ବିଗ୍ରହ ଆବିର୍ଭାବ ହେଲେ। ସେ ମହାଆନନ୍ଦରେ ତାଙ୍କୁ ମଠକୁ ନେଇ ମହା ସମାରୋହରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା ଆରମ୍ଭ କଲେ।

କଥାଟା ଶ୍ରୀଜଗନ୍ନାଥଙ୍କ ଭକ୍ତ ମହଲରେ ପ୍ରଚାରିତ ହେଲା ଯେ ମହାପ୍ରଭୁମାନେ ସ୍ୱଙ୍ଗ ଇଚ୍ଛା କରି ହରିଦାସ ସମାଧି ମଠରେ ବିରାଜମାନ କରିଛନ୍ତି। ତା' ପରେ ସେ ମଠର ପ୍ରତିଷ୍ଠା ଅନେକ ଗୁଣରେ ବଢ଼ିଗଲା। ତେଣୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନେ, ନିର୍ଦ୍ଦିଷ୍ଟ ଭାବରେ ବଙ୍ଗପ୍ରଦେଶର ଭକ୍ତମାନେ, ଏହି ମଠ ପରିଦର୍ଶନ କରି ମହାନ ସନ୍ଥ ହରିଦାସଙ୍କ ସମାଧିରେ ଭକ୍ତି ନିବେଦନ କରୁଛନ୍ତି। ଷୋଡ଼ଶ ଶତାବ୍ଦୀରୁ ଆଜି ପର୍ଯ୍ୟନ୍ତ ଏହି ମଠରେ ଅଖଣ୍ଡ ନାମ କୀର୍ତ୍ତନ ଏବଂ ଦିନରେ ଦୁଇଥର ହରିଦାସଙ୍କ ସମାଧି ନିକଟରେ ଶିଷ୍ୟମାନେ ଉଦ୍ଦଣ୍ଡ କୀର୍ତ୍ତନ କରିବାର ପରମ୍ପରା ଜାରି ରହିଛି। ଦିନକୁ ଦୁଇଥର ଦରିଦ୍ର ନାରାୟଣଙ୍କୁ ଅନ୍ନ ଦାନ ଦିଆଯାଉଛି। ସାରା ଭାରତରେ ହରିଦାସ ସମାଧି ମଠ ଏକ ମାତ୍ର ଅନୁଷ୍ଠାନ, ଯେଉଁଠାରେ ଏକ ଯବନର ସମାଧିକୁ ବୈଷ୍ଣବମାନେ ହିନ୍ଦୁ ପରମ୍ପରାରେ ପୂଜାର୍ଚ୍ଚନା କରୁଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କାକିନାଡ଼ାରେ 'ମୋନ୍ଥା'...

ମୁଲୁଗୁ, କୋଠାଗୁଡେମ ଏବଂ ମହାବୁବାବାଦ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଆସନ୍ତାକାଲି କୋମୁରାମ୍ଭୀମ, ମଞ୍ଚିରିଆଲ, ପେଡ୍ଡାପାଲି, ଖମ୍ମମ ଏବଂ ୱାରାଙ୍ଗଲ ଜିଲ୍ଲାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। କାକିନାଡା ଜିଲ୍ଲାରେ ଘୂର୍ଣ୍ଣିବାତ୍ୟା ମୋନ୍ଥାର ପ୍ରଭାବ ଅଧିକ ରହିଛି ଏବଂ ଏଥିପାଇଁ ସ୍କୁଲକୁ ୫ ଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଅନୁରୂପ ଭାବରେ କୃଷ୍ଣା, ବାପତଲା, ପୂର୍ବ ଗୋଦାବରୀ, ଏଲୁରୁ, ପାଲନାଡୁ, ଅନ୍ନମାୟା ଏବଂ କଡପା ଜିଲ୍ଲା ଭଳି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ଗୋଟିଏରୁ ତିନି ଦିନ ପାଇଁ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। ମତ୍ସ୍ୟଜୀବୀଙ୍କୁ ମାଛ ଧରିବାକୁ ନଯିବାକୁ ସତର୍କ କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଆନ୍ତଃ ପ୍ରଦେଶରେ ବନ୍ୟା ହେବାର ସମ୍ଭାବନା ଅଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଉତ୍ତର ଆନ୍ଧ୍ରର ବିଜୟନଗରମ୍, ବିଶାଖାପାଟନମ୍ ଏବଂ ଅନକାପାଲି ଜିଲ୍ଲା ସହିତ ପ୍ରକାଶମ୍, ନେଲୋର ଏବଂ ରାୟଲସୀମା ଜିଲ୍ଲା ଯେପରିକି ତିରୁପତି, ଚିତ୍ତୁର, ରାୟଚୋଟି, କଡପା, କୁର୍ଣ୍ଣୁଲ୍, ନନ୍ଦୟାଲ୍ ଏବଂ ଅନନ୍ତପୁର ପାଇଁ ମଧ୍ୟ ବନ୍ୟା ସତର୍କତା ଜାରି କରାଯାଇଛି।

ବାତ୍ୟା ଧୀରେ ଧୀରେ ଆଗକୁ ବଢ଼ିବା ସହ ମାଲକାନଗିରି ମୁହାଁ ହୋଇଛି। ତେଣୁ ରାଜ୍ୟରେ ଆଗକୁ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ବଢ଼ିବା ନେଇ ଆକଳନ କରାଯାଇଛି। ଅନ୍ୟପଟେ ବାତ୍ୟା ପ୍ରଭାବରେ ସୋମବାର ଅପରାହ୍ଣରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ଚାନ୍ଦବାଲିରେ ୫୧.୭ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ୫୧ ମିମି, ଯାଜପୁରରେ ୪୨, ଭଦ୍ରକ ୩୭, କୋରାପୁଟ ୩୬, ପରାଳାଖେମୁଣ୍ଡି ୩୪.୪, ନୟାଗଡ଼ ୨୧, ସମ୍ବଲପୁର ୨୦, ପାରାଦୀପ ୨୦, ଭୁବନେଶ୍ୱର ୧୭, ବାରିପଦା ୧୬, ଖୋର୍ଦ୍ଧା ୧୫, କଟକ ୧୩ ଓ କେନ୍ଦୁଝରରେ ୧୧ ମିମି ବର୍ଷା ରେକର୍ଡ କରାଯାଇଛି।

ଆସନ୍ତାକାଲି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ଓ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ପାଣିପାଗ କେନ୍ଦ୍ର ରେଡ୍ ଆଲର୍ଟ ଜାରି କରିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ଘଣ୍ଟା ପ୍ରତି ୬୦-୭୦ ଓ ଝଟକା ପବନ ୮୦ କିମି ପର୍ଯ୍ୟନ୍ତ ରହିବାର ଆଶଙ୍କା ରହିଛି। ସେହିପରି ନୂଆପଡା, ବଲାଙ୍ଗିର, କନ୍ଧମାଳ, ଗଜପତି ଜିଲ୍ଲାର ପ୍ରବଳରୁ ଅତିପ୍ରବଳ ବର୍ଷା ସାଙ୍ଗକୁ ପବନର ବେଗ ୫୦-୬୦ ଓ ଝଟକା ପବନ ୭୦ କିମି ଆଶଙ୍କା କରିଛି ପାଣିପାଗ ବିଭାଗ। ଅନ୍ୟପକ୍ଷରେ ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, କଟକ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବୌଦ୍ଧ, ସମ୍ବଲପୁର, ସୋନପୁର ଓ ବରଗଡ଼ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବାତ୍ୟା 'ମୋନ୍ଥା' ଓଡ଼ିଶାର ମାଲକାନଗିରି, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲା ଦେଇ ଆଗକୁ ଯିବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦-୫୦ କିମି ରହିବ। ଏହାର ପ୍ରଭାବରେ ମଙ୍ଗଳବାର ରାତି ଏବଂ ବୁଧବାର ସକାଳେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କଳାହାଣ୍ଡି ଏବଂ କନ୍ଧମାଳ ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଅନୁରୂପ ଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବା ନେଇ କେନ୍ଦ୍ର କହିଛି। ଅନ୍ୟପଟେ ବାତ୍ୟା ଯୋଗୁଁ ବର୍ତ୍ତମାନ ସମୁଦ୍ର ଅଶାନ୍ତ ରହିଛି। ତେଣୁ ମତ୍ସ୍ୟଜୀବୀମାନଙ୍କ ୩୦ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ଏବଂ ୨୯ ତାରିଖ ପର୍ଯ୍ୟନ୍ତ ଦକ୍ଷିଣ-ପଶ୍ଚିମ, କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ବାତ୍ୟା ଦୃଷ୍ଟିରୁ ଗୋପାଳପୁର ବନ୍ଦର ପାଇଁ ୩ ନଂ ବିପଦ ସଙ୍କେତ ଜାରି କରାଯାଇଥିବା ବେଳେ ପାରାଦୀପ, ଧାମରା, ପୁରୀ, ଛତ୍ରପୁର ଏବଂ ଚାନ୍ଦବାଲି ବନ୍ଦର ପାଇଁ ୨ ନଂ ବିପଦ ସଙ୍କେତ ଜାରି କରାଯାଇଛି। ବୁଧବାର ବାତ୍ୟା ଦୁର୍ବଳ ହୋଇ ଅପବାତ ଓ ବିଳମ୍ବିତ ରାତି ସୁଦ୍ଧା ଏକ ସଦୃଶ ଲଘୁଚାପରେ ପରିଣତ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଶୂନ୍ୟ ଜୀବନହାନି...

ବାତ୍ୟା ପ୍ରଭାବିତ ଅଞ୍ଚଳରୁ ଲୋକଙ୍କ ସ୍ଥାନାନ୍ତରଣ ହେଉଛି ଆମର ଏକ ପ୍ରମୁଖ ରଣନୀତି। ତେଣୁ ଏହି ଦିଗ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବାତ୍ୟାପରେ ଯେପରି ବିଭିନ୍ନ ଜରୁରୀ ବ୍ୟବସ୍ଥା ତୁରନ୍ତ ପୁନଃକ୍ଷମ କରାଯାଇ ପାରିବ ସେଥିପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ଇଞ୍ଜିନିୟରିଂ ବିଭାଗ ଗୁଡିକରୁ ନିର୍ଦ୍ଦେଶ ଦେଇଛନ୍ତି। ଭାଙ୍ଗିଯାଇଥିବା ଗଛ ଗୁଡିକ ଯୋଗୁ ରାସ୍ତା ଅବରୋଧ ନହୁଏ, ସେଥିପ୍ରତି ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ଫସଲ ଅମଳର ସମୟ। ତେଣୁ, ବାତ୍ୟା ପରେ ପରେ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଚାଷୀ ଭାଇମାନଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିଯିବା ଉଚିତ। ଆଲୋଚନାରୁ ଜଣାଯାଇଛି ଯେ ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୮ଟି ଜିଲ୍ଲାରେ ବାତ୍ୟାର ସର୍ବାଧିକ ପ୍ରଭାବ ରହିବ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ୨୦୪୮ଟି ବାତ୍ୟା-ବନ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୮ଟି ଜିଲ୍ଲାରେ ୧୧,୩୯୬ ଜଣ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଆବଶ୍ୟକ ହେଲେ ଆହୁରି ୩୦,୫୫୪ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ୧୮୭୧ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି ଏବଂ ଆହୁରି ୮୨୨ ଜଣଙ୍କୁ ସ୍ଥାନାନ୍ତରିତ କରାଯିବ। ସମୁଦାୟ ୨୬୯୩ ଜଣ ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯିବ। ବାତ୍ୟାର ମୁକାବିଲା ପାଇଁ ୩୦ଟି ଓଡ୍ରାଫ, ୫ଟି ଏନ୍‌ଡିଆର୍‌ଏଫ ଏବଂ ୧୨୩ଟି ଅଗ୍ନିଶମ ଦଳକୁ ମୁତୟନ କରାଯାଇଛି। ଆହୁରି ଅଧିକ ଟିମ୍ ଆଲର୍ଟରେ ଅଛନ୍ତି। ଆବଶ୍ୟକ ପଡିଲେ ଏମାନଙ୍କୁ ନିୟୋଜିତ କରାଯିବ। ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ଗୁଡ଼ିକୁ ୩୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଆବଶ୍ୟକ ହେଲେ ଛୁଟିର ସମୟସୀମା ବଢାଯିବ।

ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ଓ ପାନୀୟ ଜଳ ଯୋଗାଣ ପାଇଁ ଇଞ୍ଜିନିୟରିଂ ବିଭାଗ ଗୁଡିକ ପ୍ରସ୍ତୁତ ହୋଇଅଛନ୍ତି। ବିକଳ୍ପ ଭାବେ ସମସ୍ତ ଜରୁରୀ ସେବା ସଂସ୍ଥା ଗୁଡିକରେ ଡିଜି ସେଟ୍ ମହଜୁଦ ରଖାଯାଇଛି। ସମସ୍ତ ପ୍ରଭାବିତ ଅଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ପର୍ଯ୍ୟାପ୍ତ ପରିମାଣର ସାପକାମୁଡା ଇଞ୍ଜେକ୍‌ସନ୍, ଔଷଧ ଓ ଚିକିତ୍ସା କିଟ୍ ମହଜୁଦ୍ ରଖାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଓ ପାହାଡିଆ ଅଞ୍ଚଳରେ ଭ୍ରମଣ ପାଇଁ ପର୍ଯ୍ୟଟକ ମାନଙ୍କୁ ନିଷେଧ କରାଯାଇଛି। ମତ୍ସ୍ୟଜୀବୀ ମାନଙ୍କୁ ମଧ୍ୟ ସମୁଦ୍ର ଭିତରକୁ ନଯିବା ପାଇଁ ସତର୍କ କରାଯାଇଛି।

ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିସନର ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ବରିଷ୍ଠ ଅଧିକାରୀ ମାନେ ଯୋଗଦେଇଥିଲେ। ଜିଲ୍ଲାପାଳ ମାନେ ମଧ୍ୟ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ।

## ଭୟ କରନ୍ତୁ ନାହିଁ...

ଓ ଲୋକମାନଙ୍କୁ ସହାୟତା କରିବା ପାଇଁ ବିଜେଡିର କର୍ମୀ ଓ କର୍ମକର୍ତ୍ତାମାନଙ୍କୁ ନବୀନ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଏକାଧିକ ବାତ୍ୟାର ସଫଳ ମୁକାବିଲା କରିଥିଲା ଓଡ଼ିଶା। କେବଳ ସଫଳ ମୁକାବିଲା କରିନଥିଲା, ବରଂ ବିପର୍ଯ୍ୟୟ ପରିଚାଳନାରେ ସମଗ୍ର ଦେଶପାଇଁ ଓଡ଼ିଶା ରୋଲ ମଡେଲ ସାଜିଥିଲା। ଏପରିକି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଓଡ଼ିଶାକୁ ପ୍ରଶଂସା କରିବା ସହ ସମ୍ମାନ ଦେଇଥିଲେ। ଯାହା ଫଳରେ ୧୯୯୯ ମହାବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଓଡ଼ିଶା ୨୦୨୪ ମସିହା ବେଳକୁ ବିପର୍ଯ୍ୟୟ ମୁକାବିଲାରେ ପ୍ରବୀଣ ହୋଇ ପାରିଛି। ଓଡ଼ିଶାର ବିପର୍ଯ୍ୟୟ ମୁକାବିଲା ପଦ୍ଧତି ଦେଶର ଅନ୍ୟ ରାଜ୍ୟପାଇଁ ଅନୁକରଣୀୟ ହୋଇଛି।

## ୬୧ ଟ୍ରେନ୍...

କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ମୋନ୍ଥା ପାଇଁ ଯାତ୍ରୀ ସୁରକ୍ଷା ପଦକ୍ଷେପ ସ୍ୱରୂପ ସୋମବାର ୩୨ଟି ଟ୍ରେନ୍‌ର ଚଳାଚଳ ବାତିଲ୍ କରାଯାଇଥିଲା।

ବାତ୍ୟାକୁ ଦୃଷ୍ଟିରେ ରଖି କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ଆଜି ପୂର୍ବତଟ ରେଳପଥର ବରିଷ୍ଠ ଅଧିକାରୀମାନଙ୍କ ସହିତ ବାତ୍ୟା ମୁକାବିଲା ସ୍ଥିତି ସମୀକ୍ଷା କରିଛନ୍ତି। ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଉପରେ ରେଳ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବାତ୍ୟା ପୂର୍ବରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ଡିଭିଜନ ସ୍ତରୀୟ ଜରୁରିକାଳୀନ କକ୍ଷକୁ କାର୍ଯ୍ୟକ୍ଷମ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନିରୀକ୍ଷଣ ଲାଗି କହିଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା, ବିଶାଖାପାଟଣା ଏବଂ ଗୁଣ୍ଟୁର ଡିଭିଜନରେ ଜରୁରୀ ଉପକରଣ, ଯନ୍ତ୍ରାଂଶ ଏବଂ ଯଥେଷ୍ଟ ସଂଖ୍ୟାରେ ରେଳ କର୍ମଚାରୀଙ୍କୁ ପୁନରୁଦ୍ଧାର ଲାଗି ପ୍ରସ୍ତୁତ ରଖିବା ପାଇଁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀଙ୍କ ଅସୁବିଧାକୁ ହ୍ରାସ କରିବା ଲାଗି ରେଳ ଚଳାଚଳ ଉପରେ ନଜର ରଖିବା ଏବଂ ଏହାକୁ ସୁବ୍ୟବସ୍ଥିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଜରୁରୀକାଳୀନ ପରିସ୍ଥିତି ଏବଂ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନେବା ଲାଗି ପୂର୍ବତଟ, ଦକ୍ଷିଣ ତଟ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳ ଜୋନ ଅଧିକାରୀମାନଙ୍କୁ ଆବଶ୍ୟକ ସମ୍ବଳ ଯୋଗାଡ଼ ପାଇଁ ରେଳ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଇତିମଧ୍ୟରେ ଯେକୌଣସି ପ୍ରକାର ସହାୟତା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି।

## ରଞ୍ଜନା ଦେଶାଇ...

ଫେବୃଆରୀରେ ଗଠନ କରାଯାଇଥିଲା। ଏହାର ରିପୋର୍ଟ ୨୦୧୫ ନଭେମ୍ବରରେ ଦାଖଲ ହୋଇଥିବାବେଳେ ସରକାର ଏହାକୁ ୨୦୧୬ ଜୁନ୍‌ରେ ଅନୁମୋଦନ ଦେଇଥିଲେ। ଆୟୋଗଙ୍କ ସୁପାରିଶଗୁଡ଼ିକ ୨୦୧୬ ଜାନୁଆରୀ ପହିଲାରେ କାର୍ଯ୍ୟକାରୀ ହୋଇଥିଲା।

ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ରଞ୍ଜନା ପ୍ରକାଶ ଦେସାଇଙ୍କୁ ଅଷ୍ଟମ ବେତନ ଆୟୋଗର ଅଧ୍ୟକ୍ଷା ଭାବରେ ନିଯୁକ୍ତ କରାଯାଇଛି। ଆଇଆଇଏମ ବେଙ୍ଗାଲୁରୁର ପ୍ରଫେସର ପୁଲକ ଘୋଷ ଓ ପେଟ୍ରୋଲିୟମ୍ ଗ୍ୟାସ୍ ସଚିବ ପଙ୍କଜ ଜୈନ ସଦସ୍ୟ ରହିବେ। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୮ମ ବେତନଙ୍କ ସୁପାରିଶ ପ୍ରତିରକ୍ଷା ସେବା କର୍ମଚାରୀଙ୍କ ସମେତ ପ୍ରାୟ ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୯ ଲକ୍ଷ ପେନସନଭୋଗୀଙ୍କୁ ସାମିଲ କରିବ। 'ଟିଓଆର୍' ମୂଳତଃ ଏକ ବେତନ ଆୟୋଗର କାର୍ଯ୍ୟକାରିତାକୁ ରୂପରେଖା ଦିଏ। ଏହା ମୂଳ ଦରମା ଗଠନ, ଭତ୍ତା ଏବଂ ପେନସନ ସଂଶୋଧନଠାରୁ ଆରମ୍ଭ କରି ଅବସର ଲାଭ ଏବଂ ସେବା ସର୍ତ୍ତାବଳୀ ପର୍ଯ୍ୟନ୍ତ ଆୟୋଗଙ୍କ ସୁପାରିଶ କରିବା ଆଶା କରାଯାଉଥିବା ପରିସର ଏବଂ ନିର୍ଦ୍ଦିଷ୍ଟ କ୍ଷେତ୍ରଗୁଡ଼ିକୁ ବର୍ଣ୍ଣନା କରେ। ଏକ ଟିଓଆର ବିନା ଆୟୋଗ କାର୍ଯ୍ୟ କରିବା ପାଇଁ କୌଣସି ଆନୁଷ୍ଠାନିକ ନିର୍ଦ୍ଦେଶ କିମ୍ବା ଆଇନଗତ ଆଦେଶ ନାହିଁ। 'ଟିଓଆର୍' ଯେକୌଣସି ବେତନ କମିଶନର ମୂଳଦୁଆ ଦଲିଲ୍ ଭାବରେ କାର୍ଯ୍ୟ କରେ। ଏହା କେବଳ କାର୍ଯ୍ୟସୂଚୀ ସ୍ଥିର କରେ ନାହିଁ ବରଂ ସମୟସୀମା ଏବଂ ଆଶା ମଧ୍ୟ ସ୍ଥାପନ କରେ। ଟିଓଆର ଅନୁପସ୍ଥିତିରେ ଆୟୋଗ ତଥ୍ୟ ସଂଗ୍ରହ କରିପାରିବନାହିଁ, ଅଂଶୀଦାରମାନଙ୍କ ସହିତ ଜଡିତ ହୋଇପାରିବ ନାହିଁ କିମ୍ବା ଆର୍ଥିକ ମାନଦଣ୍ଡର ବିଶ୍ଳେଷଣ କରିପାରିବନାହିଁ। ଏହି ବିଳମ୍ବ କେବଳ ଆଭ୍ୟନ୍ତରୀଣ ପ୍ରଶାସନିକ ଯୋଜନାକୁ ବାଧା ଦେଉନାହିଁ ବରଂ ସଂଶୋଧିତ ଦରମା ଢାଞ୍ଚାର ସମୟୋଚିତ କାର୍ଯ୍ୟକାରିତା ପାଇଁ ଅପେକ୍ଷା କରିଥିବା କର୍ମଚାରୀଙ୍କ ଆଶାକୁ ମଧ୍ୟ ଧୂଳିସାତ୍ କରୁଛି।

## ଭାରତୀୟ ଜିତିଲେ...

ଏହା ତାଙ୍କ ମାଆଙ୍କ ଜନ୍ମ ତାରିଖର ସଂଖ୍ୟା ଥିଲା। ଲଟେରି ଜିତିଥିବା ଖବର ଶୁଣିବା ପରେ ଅନିଲ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ସୋଫାରେ ସେମିତି ବସି ରହିଥିଲେ। ଜିତେଇଥିବାରୁ ମାଆଙ୍କୁ ଧନ୍ୟବାଦ ଦେଇଥିଲେ। ସେ ଏହି ଲଟେରି ଅର୍ଥକୁ ଦାୟିତ୍ୱର ସହ ଖର୍ଚ୍ଚ କରିବେ ବୋଲି କହିଛନ୍ତି। ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏଥିରୁ ଏକ ସୁପରକାର୍, ରେସ୍ତୋରାଁ ଏବଂ ସପ୍ତ ତାରକା ହୋଟେଲ କିଣିବେ। ବାକି ଅର୍ଥକୁ ସଠିକ ମାର୍ଗରେ ନିବେଶ କରିବେ। ପରିବାରକୁ ୟୁଏଇକୁ ନେଇଯିବେ। ତାଙ୍କ ସହ ସାରା ଜୀବନ ବିତାଇବେ। ଏହି ଅର୍ଥରୁ ଆଉ କିଛି ଭାଗକୁ ସେ ଦାନ କରିବେ ବୋଲି କହିଛନ୍ତି।

## ପୀଡ଼ିତାଙ୍କ ପୁରୁଷ ବନ୍ଧୁ...

ପୀଡ଼ିତାଙ୍କୁ ଡାକିନେଇଥିଲା ତାଙ୍କର ସହପାଠୀ ତଥା ପୁରୁଷ ବନ୍ଧୁ। ଖାଇବା ବାହାନାରେ ପୀଡ଼ିତାଙ୍କୁ ସେ ମେଡିକାଲ ନିକଟବର୍ତ୍ତୀ ଜଙ୍ଗଲିଆ ଅଞ୍ଚଳକୁ ନେଇଯାଇଥିଲା। ପୂର୍ବରୁ ସେଠାରେ ଅପେକ୍ଷାରେ ଥିବା ଅନ୍ୟ ୫ ଜଣ ପୀଡ଼ିତାଙ୍କୁ ଟେକିନେଇ ଗଣଦୁଷ୍କର୍ମ କରିଥିଲେ। ଏହି ଜଘନ୍ୟ କାଣ୍ଡ ବେଳେ ପୁରୁଷ ବନ୍ଧୁ ସେଠାରୁ ଫେରାର ହୋଇଯାଇଥିଲା। ଖବର ପାଇ ପୁଲିସ ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଇଥିଲେ। ଏହାକୁ ନେଇ ଓଡ଼ିଶା ଓ ପଶ୍ଚିମ ବଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଦୁର୍ଗାପୁର ମାମଲାରେ ଜାତୀୟ ମହିଳା କମିସନ ଏବଂ ଓଡ଼ିଶା ମହିଳା କମିସନ ମଧ୍ୟ ଉଦବେଗ ପ୍ରକାଶ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ବିଜେଡିରେ ବସନ୍ତ ପଣ୍ଡାଙ୍କ...

ଢୋଲକିଆଙ୍କୁ ନିଜ ଦଳକୁ ନେଇ ପ୍ରାର୍ଥୀ କରି ବିଜେପି କର୍ମକର୍ତ୍ତାଙ୍କୁ ଅଣଦେଖା କରିଛନ୍ତି। ଆମେ ଶୁଣିବାକୁ ପାଉଛୁ ବସନ୍ତ ପଣ୍ଡାଙ୍କୁ ରାଜ୍ୟସଭା ସାଂସଦ ଓ ତାଙ୍କ ପୁତ୍ର ଅଭିନନ୍ଦନଙ୍କୁ ନିଗମ ଅଧ୍ୟକ୍ଷ ପଦର ପ୍ରତିଶ୍ରୁତି ବିଜେପି ଦେଇଛି। ନୀତି ଆଦର୍ଶ କଥା କହୁଥିବା ବିଜେପି ଏବେ କେବଳ ଡିଲ୍ କରୁଛି। ଏହାଦ୍ୱାରା ଅସଲ କର୍ମକର୍ତ୍ତାମାନେ ପ୍ରତାରିତ ହେଉଛନ୍ତି। ଆଗାମୀ ସପ୍ତାହରେ ବିଜେପିର ଶତାଧିକ କର୍ମୀ ବିଜେଡିରେ ଯୋଗଦେବେ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡାବାସୀ ଏହି ନିର୍ବାଚନରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ନିଜ ପ୍ରତିକ୍ରିୟାରେ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଶ୍ରୀ ପଣ୍ଡା ଶ୍ରୀ ସାହୁ ଓ ଶ୍ରୀ ସହିସଙ୍କୁ ଦଳକୁ ସ୍ୱାଗତ କରିବା ସହିତ ଏମାନଙ୍କ ଯୋଗଦାନ ପରେ ନୂଆପଡାରେ ବିଜୁ ଜନତା ଦଳ ଅଧିକ ଶକ୍ତିଶାଳୀ ହେବ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନୂଆପଡା ଜିଲ୍ଲା ଗଠନ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମୟରେ ନୂଆପଡାରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି, ଯାହାକୁ ଆଜି ବି ନୂଆପଡାବାସୀ ମନେ ରଖିଛନ୍ତି। ଗତ ୧୬ ମାସରେ ବିଜେପି ସରକାର ସବୁ କ୍ଷେତ୍ରରେ ବିଫଳ ହୋଇଛନ୍ତି। ନୂଆପଡା ଉପନିର୍ବାଚନରେ ବିଜେଡିର ବିପୁଳ ବିଜୟହେବ ବୋଲି ଶ୍ରୀ ମିଶ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

Office of the Principal
KALANDI CHARAN SANSKRIT COLLEGE
At/Po- Padhuan, Dist.- Bhadrak - 756046
ଅତିଥି ଅଧ୍ୟାପକ ଓ କିରାଣି ଆବଶ୍ୟକ
ଏତଦ୍ୱାରା ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ପତ୍ର ସଖ୍ୟା - ୫୭୧୯୮, ତା.୨୩.୧୦.୨୦୨୫ରିଖ ନିର୍ଦ୍ଦେଶ ଅନୁସାରେ କାଳନ୍ଦି ଚରଣ ସଂସ୍କୃତ ମହାବିଦ୍ୟାଳୟ, ପଢୁଆଁ, ବାସୁଦେବପୁର ଭଦ୍ରକ ରେ ଖାଲିଥିବା ନିମ୍ନ ବିଷୟମାନଙ୍କରେ ଅତିଥି ଅଧ୍ୟାପକ ଓ କିରାଣି ନିଯୁକ୍ତି କରାଯିବ।
୧) ରାଜନୀତି ବିଜ୍ଞାନ-୧, ଓଡ଼ିଆ-୧, କିରାଣି-୧
୨) ଯୋଗ୍ୟତା: ଅବସର ପ୍ରାପ୍ତ ଅଧ୍ୟାପକ ଓ କିରାଣୀ(୪୮୮,୬୬୨) ଏବଂ ସଂସ୍କୃତ ବର୍ଗର
୩) ବୟସ ସୀମା: ୬୧ ରୁ ୬୯ ବୟସ ମଧ୍ୟରେ
୪) ଆବେଦନ : ଉପଯୁକ୍ତ ପ୍ରାର୍ଥୀ କେବଳ HIMS ପୋର୍ଟାଲ ମାଧ୍ୟମ ରେ ବିଜ୍ଞାପନର ୭ ଦିନ ମଧ୍ୟରେ ଆବେଦନ କରିପାରିବେ।
Sd/- Principal-cum-Secretary
Kalandi Charan Sanskrit College
Padhuan, Bhadrak

OFFICE OF THE PRINCIPAL-CUM-SECRETARY
GHANTESWAR DEGREE COLLEGE
DIST-BHADRAK, PIN-756129, ODISHA
Accredited by NAAC Grade 'B', www.ghanteswarcollege.org.in,
Email: ghanteswardegree2016@gmail.com
WANTED
Guest Non-teaching member PET is wanted for immediate appointment. The retired Non-teaching members apply through HIMS Portal on or before 31/10/2025. Norms, conditions and salary will be as per the notification of DHE, Odisha vide letter No-57203, Dt.-23/10/2025.
Sd/- Principal-cum-Secretary
Ghanteswar Degree College, Ghanteswar

DHAMNAGAR COLLEGE
Dhamnagar, Bhadrak, Odisha-756117
Website: dhamnagarcollege.org.in
Estd: 1977
WANTED
Guest Lecturers in Chemistry, Logic & Philosophy, and Urdu including Three Demonstrators in Physics, Chemistry, Biology and PET are wanted for immediate appointment. The retired faculties and Non-Teaching Members below the age of 69 years with requisite Qualification may apply through provided links in HIMS portal. The Salary for the above cited posts will be as per the Notification of DHE, Odisha vide letter No. 57198 and 57203 on 23.10.2025.
Sd/- Principal-cum-Secretary
Dhamnagar College, Dhamnagar

ନୋଟିସ୍
(ଦେ.କା. ଆଇନ୍‌ର ଅର୍ଡର ୫ ରୁଲ୍ ୧୦ ସହିତ ଅର୍ଡର ୫ ରୁଲ ୨୦ (୧) ଏବଂ ୧ (କ) ଅନୁସାରେ ନୋଟିସ୍)
ଜଜ୍ ଫ୍ୟାମିଲି କୋର୍ଟ, ଅନୁଗୋଳ
ସିଭିଲ୍ ପ୍ରୋସିଡ଼ିଙ୍ଗ (Execution), କେଶ ନଂ. ୨/୨୦୨୧
କଲ୍ପନା ମହାପାତ୍ର, ବୟସ ୪୧ ବର୍ଷ, ସ୍ୱାମୀ- ପ୍ରଦୀପ ଦାସ, ସା-ହନୁମାନ ବଜାର, ପୋ.ଥ- ଅନୁଗୋଳ, ଥାନା/ସ.ଡ଼ି.-ଅନୁଗୋଳ, ଜିଲ୍ଲା-ଅନୁଗୋଳ (ଓଡ଼ିଶା)
... ଦରଖାସ୍ତକାରୀଣି
ବନାମ
ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ପ୍ଲଟ୍ ନଂ.-୨୬୪. ମିଲନ ପାରାଡାଇସ୍, ଆର୍ଯ୍ୟ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍-୭୫୧୦୨୧।
ଅଫିସ ଠିକଣା- ପ୍ରଦୀପ ଦାସ, ବୟସ ୪୫ ବର୍ଷ ପିତା- ସ୍ୱର୍ଗତ ସଦାଶିବ ଦାସ, ଫ୍ଲାଟ୍ ନଂ.- ୪୨୮, ୪ର୍ଥ ଫ୍ଲୋର ଡ଼ି.ଏଲ୍. ଏଫ୍. ସାଇବର ସିଟି, ପଟିଆ, ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇ-ଷ୍ଟେଟ୍, ଭୁବନେଶ୍ୱର-୭୫୧୦୨୪, ମୋ.ନଂ-୯୨୦୬୭୫୩୩୯୮, ୮୨୪୯୮୧୪୯୨୩
...ଅପରପକ୍ଷ
ଯେହେତୁ ଦରଖାସ୍ତକାରୀ U/S 18 Family Courts Act ପରିବାର ଅଦାଲତ ଅନୁଗୋଳ ଅନୁସାରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଖଲ କରିଛନ୍ତି। ଆପଣଙ୍କ ବିରୁଦ୍ଧରେ ନୋଟିସ୍ ବାରମ୍ବାର ଆପଣଙ୍କ ଠିକଣାରେ ଜାରି ନିମନ୍ତେ ପଠାଗଲେ ମଧ୍ୟ ଆପଣ ଜାଣିଶୁଣି ଅନୁପସ୍ଥିତ ରହୁଥିବାରୁ ଓ ଆପଣଙ୍କ ଠିକଣା ପାଇପାରୁନଥିବାରୁ ନୋଟିସ୍ ଉତ୍ତମ ରୂପେ ଜାରି ହୋଇପାରୁନାହିଁ।
ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଆପଣ ଧାର୍ଯ୍ୟ ତା.୧୪.୧୧.୨୦୨୫ରିଖ ପୂର୍ବାହ୍ନ ୧୦:୩୦ ମିନିଟ୍ ସମୟରେ ଅତ୍ର କୋର୍ଟରେ ହାଜର ହୋଇ ଜବାବ ଦାଖଲ କରିବେ। ହାଜର ନ ହେଲେ ଆପଣଙ୍କ ବିରୁଦ୍ଧରେ ଏକ ତରଫା ସୁତ୍ରେ ବିଚାର କରାଯିବ।
ଅଦ୍ୟ ତା.୨୬.୦୯.୨୦୨୫ରିଖ ରେ ଆମ୍ଭର ସ୍ୱାକ୍ଷର ଅଦାଲତରେ ମୋର ମୁଦ୍ରେ ଦିଆଗଲା।
ସ୍ୱା/- ବିଚାରପତି

Office of the Principal
Shyamsundar Sanskrit College
Bhograi, Balasore
No.64 / E-mail - sscollegebhograi@gmail.com, Date - 27.10.2025
WANTED
Guest faculties in Dharmashastra (1) & Sahitya (1) including 2 nos. of Jr. Clerks are required on contractual basis. Only retired academicians and Jr. Clerks below the age of 69 years may apply through HIMS Portal on or before 31.10.2025. Remuneration will be paid as per the notification of DHE, Odisha vide letter no. 57198 and 57203 on dt. 23.10.2025.
Sd/- Principal-cum-Secretary
Shyamsundar Sanskrit College,
Bhograi, Balasore-756038

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯
ସୁନା ନିଲାମ ବିଜ୍ଞପ୍ତି
ଏତଦ୍‌ଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛିକି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛିକି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୯.୧୧.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୨୦.୧୧.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା ସହିଦ ନଗର ଶାଖା ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର/ କଏନ୍ ଗୁଡିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୨୩.୦୯.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ସହିଦ ନଗର ଶାଖା, ଏ/୧୨୩, ସହିଦ ନଗର, ପୋ: ସହିଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭, ମୋ.: ୮୯୮୧୦୮୧୩୭୩ | | | | | |
| ୧. | ୫୫୫୧୭୭୬୧୦୦୦୦୯୫୯ | ପ୍ରକାଶ ଭୋଳ, ପିତା: ଭାଗ୍ୟଧର ଭୋଳ, ଏ ବ୍ଲକ୍ ମାର୍କେଟ, ସେକ୍ଟର-୮, ରାଉରକେଲା, ଓଡ଼ିଶା, ପିନ୍-୭୬୯୦୦୯ | ୪୬.୦୭୦ | ୪୧.୫୦୦ | ଟ.୨,୨୮,୮୨୯.୬୪ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୮.୧୦.୨୦୨୫
ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ

AFFIDAVIT
By virtue of an Affidavit Sworn before the Executive Magistrate, Angul, I, **Bashumati Maharana,** W/o: Late Saroj Maharana, Permanent resident of At: Madhupur, P.O.: Nandapur, P.S.: Bantala, Dist.: Angul (Odisha)-759132 have changed my minor daughter name from Sohaeni Maharana to Sohini Maharana. Sohaeni Maharana & Sohini Maharana is one & same person. Henceforth she shall be knwon as **Sohini Maharana** for all future purposes.

AFFIDAVIT
I, Kumari Pradhan W/o Biswanath Pradhan, Resident of At- Mayfair Nagar, Jaydev Vihar, Salia Sahi, PO-RRL, PS-Maitri Vihar, Bhubaneswar, Dist-Khordha PIN-751013, Odisha declared by this affidavit No.1669/94 dtd 27.10.2025 that now onwards I shall be known as **JYSIMA PRADHAN** for all future purposes.

AFFIDAVIT
I, Md Shahud Parbej S/o Md Mehboob, Resident of Latumia Lane, Panposh Town, Panposh, Rourkela, PS-Raghunathpali, Dist-Sundargarh PIN-769004, Odisha declared by this affidavit No.A/02 dtd 28.10.2025 that now onwards I shall be known as **MD SHAHUD PERVEZ** for all future purposes.

AFFIDAVIT
I, **Miss. Shruti Agarwal,** aged 23 years, D/O: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 9245, Dt. 25.10.2025 declare that, my name be called as **Shruti Agarwalla** from here on for all future purposes.

AFFIDAVIT
I, **Smt. Madhavi Agarwal,** aged 49 years, W/o: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3426, Dt. 08.05.2025 declare that, my name be called as **Madhavi Agarwalla** from hereon for all future purposes.

AFFIDAVIT
By virtue of an affidavit sworn before Executive Magistrate, Angul, Affidavit No- 5629 on dated 24-10-2025 I, **S P DURA BASULU SWAMY,** permanent resident of Vill. At./Po- Boxipalli, PS-Gopalpur, Dist- Ganjam, State- Odisha, Pin- 761002, declare that I have changed my name from **Spdura Basulu Swamy** (Old name) to **S P DURA BASULU SWAMY** (New name), Henceforth, I shall be known as **S P DURA BASULU SWAMY** for all future purposes.
Sd-(**S P DURA BASULU SWAMY**)

AFFIDAVIT
I, **Sri Shivam Agarwal,** aged 20 years, S/o.: Sajan Kumar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3428, Dt. 08.05.2025 declare that, my name be called as **Shivam Agarwalla** from hereon for all future purposes.

AFFIDAVIT
By virtue of an affidavit sworn before Notary Public Bhubaneswar, dated 20th September 2025, I Tirumal Kotnii, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha-751009, declare that I have change my name from Kotni Tirumal Kumar to Tirumal Kotnii. Henceforth, I shall be known as **Tirumal Kotnii** for all purposes.
Tirumal Kotnii

PUJA OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
I, **Dharmananda Sahu,** S/o: Late Duryodhana Sahoo, resident of Bhitaradigapatana, Nayak Sahi, Bhuban NAC, Ward No-8, Bhuban, Po/Ps: Bhuban, Dist.: Dhenkanal, PIN-759017, Odisha declare by this affidavit No-11179. dtd-23.10.25 that now onwards I shall be known as **Dharmananda Sahoo.** For all future purposes.

AFFIDAVIT
I Bhagyalata Patra wife of Sri Satya Narayan Mohapatra resident of ward No. 35, Plot No. C/ 2, Labour Colony, Unit-3, Po-Gpo, Ps- Kharvel Nagar, Bhubaneswar, Dist- Khordha, Odisha, PIN- 751001 declare by this affidavit No. 77 dated 27.10.2025 that now onwards I shall be known as **BHAGYALATA PATRO** for all future purposes.

AFFIDAVIT
I, **Sri Sajan Kumar Agarwal,** aged 51 years, S/o: Late Ramavatar Agarwalla, At: Radhakrishna Mandir, PO: Motiganj, PS: Town, Dist: Balasore, vide Affidavit No: 3427, Dt. 08.05.2025 declare that, my name be called as **Sajan Kumar Agarwalla** from hereon for all future purposes.

NAME CHANGE
By virtue of an affidavit sworn before the Executive Magistrate, Tangi, Khordha CF.NO. 2672, dated 22/10/2025, I, **JAMUNARANI MANDAL,** W/o Ranjit Mandal resident of At: Gobardhanpur Colony Po: Bhusandpur, Ps - Tangi, Dist-Khordha, State- Odisha, Pin-752021 declare that I have changed my name from **JAMUNA MANDAL** (Old Name) to **JAMUNARANI MANDAL** (New Name). Henceforth, I shall be known as **JAMUNARANI MANDAL** for all future purposes.
(Sd- **JAMUNARANI MANDAL**)

AFFIDAVIT
I, Sunreeta Subhadarshini Nayak, aged about 41 years, W/o- Bhakta Ranjan Biswal, resident of At- Plot No- 315, Jayadev Vihar, Ps-Maitri Vihar, Bhubaneswar, Dist- Khurda, Pin- 751013, Odisha declare by this affidavit No. 2211, dtd. 27/10/2025, that now onwards I shall be known as **SUNRITA SUBHADARSHINI NAYAK** for all future purposes.

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ.: ST-OT-HIRING-VEHICLE-509, ତା.21.10.2025ରିଖ
କାର୍ଯ୍ୟର ନାମ : 30 ମାସ ଅବଧି ନିମନ୍ତେ ସିଗ୍‌ନାଲିଙ୍ଗ ପରିସଂପତ୍ତି(Assets)ର ରକ୍ଷଣାବେକ୍ଷଣ, ବ୍ରେକ୍‌ଡାଉନ୍ ସ୍ଥଳରେ ଉପସ୍ଥିତ(Attending Breakdown) ହେବା ଏବଂ ଯାତ୍ରା ସମୟରେ ଅଟକ(En-route Detention)କୁ ଦୂର କରିବା ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ସିଗ୍‌ନାଲ/ତାଳଚେର (TLHR) ଏବଂ ସିନିୟର ସେକ୍ସନ ଇଂଜିନିୟର/ସିଗ୍‌ନାଲ/ଢେଙ୍କାନାଳ (DNKL) ଅଧୀନରେ ସିଗ୍‌ନାଲିଙ୍ଗ କର୍ମଚାରୀ ଏବଂ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଅହୋରାତ୍ର (Round the clock) ଚାଳକ ସହିତ TATA 207-DI କିମ୍ବା ଅନୁରୂପ ଭଳି ଦୁଇ ଗୋଟି ବହୁ-ଉପଯୋଗିତା ଗାଡ଼ି ଭଡ଼ା ସୂତ୍ରରେ ନେବା।
ଟେଣ୍ଡର ମୂଲ୍ୟ(₹) : 35,40,000.00, EMD (₹) : 70,800.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 3,540.00।
ବିଡ଼ୁ ଆରମ୍ଭ ହେବା ତାରିଖ : ତା.29.10.2025ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.11.2025 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-728/Q/25-26

## ଜିଲ୍ଲାପାଳଙ୍କ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଚିଲିଂ ପ୍ଲାଣ୍ଟ ପରିଦର୍ଶନ



ଶଗଡା,୨୮।୧୦(ସମିସ): ସୋମବାର ସନ୍ଧ୍ୟାରେ କଣ୍ଟାମାଳ ବ୍ଲକ୍ ଗସ୍ତରେ ଆସି ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଚିଲିଂ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଉମା ସରକାରୀ ଉଚ୍ଚ ବିଦ୍ୟାଳୟ, ଏସ୍‌ସି ଏସ୍‌ଟି ହଷ୍ଟେଲ ପରିଦର୍ଶନ କରି ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ହଷ୍ଟେଲ ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ରାବନାଗୋଡ଼ା ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଖୁଣ୍ଟିଗୋରାଠାରେ ଥିବା ଚିଲିଂ ପ୍ଲାଣ୍ଟ ମଧ ଜିଲ୍ଲାପାଳ ପରିଦର୍ଶନ କରିଥିଲେ। ଏହି ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, କଣ୍ଟାମାଳ ବିଡିଓ ସାମ୍ମୀ ଜୟ ଶ୍ରୀ ରେଡି, ସହକାରୀ ଯନ୍ତ୍ରୀ ଜୟ ମହନ୍ତଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ



କଣ୍ଟାମାଳ,୨୮।୧୦(ସମିସ): ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକ୍ ସରକାରୀ ମଧ ଇଂରାଜୀ ବିଦ୍ୟାଳୟ ପରିସରରେ ବ୍ଲକ୍‌ସ୍ତରୀୟ ଶିଶୁମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବିଆର୍‌ସିସି ତଥା ଏବିଇଓ ଦୁର୍ଗା ଚରଣ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଇଓ ଅଶୋଭ ରଞ୍ଜନ ମାଲୀ, ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ପ୍ରତିନିଧି ଅନିଲ କୁମାର ପ୍ରଧାନ, ଅନ୍ୟତମ ଅତିଥି ଭାବେ ୨ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, କଣ୍ଟାମାଳ ଏବିଇଓ ନୀଳମଣି ପଣ୍ଡା, ଏବିଇଓ ଲକ୍ଷ୍ମୀ ମଲ୍ଲିକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ୍ ୨୨ଟି କ୍ଲଷ୍ଟରର ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କଣ୍ଟାମାଳ ତହସିଲଦାର ସ୍ୱତପଦ୍ମା ଜୋସି, ମୁଖ୍ୟବକ୍ତା ଭାବେ ଦିବ୍ୟଶଙ୍କର ରାଉତ, ଶରତ ସାହୁ, ମନୋରଞ୍ଜନ ନାଏକ ମଞ୍ଚ ପରିଚାଳନା କରିଥିଲେ। କଣ୍ଟାମାଳ ସରକାରୀ ମଧ ଇଂରାଜୀ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ବିଇଓ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜାନୁଆରୀରେ ଶୁଣ୍ଠିପଦର ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ



ମନମୁଣ୍ଡା,୨୮।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠର ରୌପ୍ୟ ଜୟନ୍ତୀ ଅନୁଷ୍ଠିତ ହେବ। ପ୍ରଧାନ ଶିକ୍ଷକ ଉଦୟଭାନୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ପୁରାତନ ଛାତ୍ରଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ରୌପ୍ୟ ଜୟନ୍ତୀ ପାଳନ ପାଇଁ ବ୍ୟୟ ଅଟକଳ, ପାଣ୍ଠି ସଂଗ୍ରହ, ଅତିଥି ନିମନ୍ତ୍ରଣ ପ୍ରଭୃତି ସମ୍ପର୍କରେ ପୁରାତନ ଛାତ୍ର ଜୟ ପ୍ରକାଶ ବସ୍ତିଆ, ଦୀନବନ୍ଧୁ ନାଗ, ଶରତ କଳତା, ସୁଜିତ୍ ଖଣ୍ଡଗିରି, ଅଜିତ ପ୍ରଧାନ, ଲଭିମନ୍ୟୁ ବଗର୍ତ୍ତି, ବିମଳ ମିଶ୍ର, କମଳ ମିଶ୍ର, ଅନିଲ ଉର୍ମା, ଅତିଶ ବସ୍ତିଆ ଓ ଅନ୍ୟମାନେ ନିଜ ନିଜ ମତ ପ୍ରକାଶ କରିଥିଲେ। ପରବର୍ତ୍ତୀ ବୈଠକରେ ଏନେଇ ଏକ କମିଟି ଗଠନ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ସୁଜିତ୍ ଖଣ୍ଡଗିରି ଧନ୍ୟବାଦ ଅର୍ପଣ କରିଥିଲେ।

### ହରଭଙ୍ଗା ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ

# ଲଗାତାର ୨ ବୈଠକରେ ଅଧ୍ୟକ୍ଷାଙ୍କ ଅନୁପସ୍ଥିତି ନେଇ ଉଦ୍‌ବେଗ

ହରଭଙ୍ଗା,୨୮।୧୦(ସମିସ):



ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ପଞ୍ଚାୟତ ସମିତିର ଦଶମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଅନୁପସ୍ଥିତ ଥିବାରୁ ଉପାଧ୍ୟକ୍ଷ କାହ୍ନୁଚରଣ ନାଥଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପୂର୍ବ ବୈଠକର ବିବରଣୀ ପଠନ ଓ ଅନୁମୋଦନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ଶିକ୍ଷା, କୃଷି,ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀ ଚିକିତ୍ସା, ପରିମଳ, ଜଳ ବିଭାଜିକା, ଖାଦ୍ୟ ନିରାପତ୍ତା, ସାମାଜିକ ସୁରକ୍ଷା, ଜଙ୍ଗଲ ବିଭାଗ ଭଳି ସବୁ ବିଭାଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଶିକ୍ଷା କଥା ଆଲୋଚନା ସମୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀକୁ ନେଇ ପ୍ରଶ୍ନ ଉଠିଥିଲା। ଏଥିସହିତ କଂରଜକଟାଠାରେ ନୂତନ ହାଇସ୍କୁଲ ନିର୍ମାଣ ପାଇଁ ତିନି ବର୍ଷ ହେଲା ଅନୁଦାନ ଆସିଥିବା ବେଳେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବକୁ ନେଇ ସ୍ଥାନୀୟ ସରପଞ୍ଚ ନିହାର ଘୋଷ ଉଦ୍‌ବେଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ କଥା ଆଲୋଚନା ସମୟରେ ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୪ ଜଣ ବିଶେଷଜ୍ଞ ଡାକ୍ତର ବଦଳରେ ଜଣେ ମାତ୍ର ବିଶେଷଜ୍ଞ ଡାକ୍ତର ଥିବାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ସହିତ ଅଞ୍ଚଳରେ କିଡ୍‌ନୀ ଏବଂ ସିକିଲସେଲ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ପିଇବା ପାଣି ପରୀକ୍ଷା ନିରୀକ୍ଷା କଥା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ସହିତ ଡିଗ୍ରୀ କଲେଜ ନିକଟରେ ନୂତନ ମେଡିକାଲ ଖୋଲିବାରେ ବିଳମ୍ବକୁ ନେଇ ମଧ ଆଲୋଚନା କରାଯାଇଥିଲା।

**୪୪ ମାସରେ ବସିଛି ୧୦ ବୈଠକ**

ପୁରୁଣାକଟକ ବଜାରବାସୀଙ୍କ ପିଇବା ପାଣି ସୁବିଧା ଦୂର ପାଇଁ ଆଉ ଗୋଟିଏ ଇନ୍‌ଟେକ କୂଅ ପାଇଁ ସ୍ଥାନୀୟ ସରପଞ୍ଚ ଅଶୋକ କୁମାର ସେଠୀ ପ୍ରସ୍ତାବ ଦେଇଥିଲେ। ଏଥିସହିତ ସାଲକଟାଠାରେ ଥିବା ଏକ ଅଙ୍ଗନବାଡି କେନ୍ଦ୍ର ଗ୍ରାମ୍ୟଉନ୍ନୟନ ରାସ୍ତା ଉପରେ ରହିଥିବା ବେଳେ ଛୋଟ ଛୋଟ କୋମଳମତି ଶିଶୁଙ୍କ ପାଇଁ ବିପଦ ଥିବାରୁ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ପୁରୁଣାକଟକ ସରପଞ୍ଚ ପ୍ରସ୍ତାବ ଦେଇଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଗୁଡିକ ମରାମତି ସଠିକ୍ ସମୟରେ ହୋଇପାରୁନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ହିତାଧିକାରୀଙ୍କୁ ପ୍ରାପ୍ୟ ମିଳିବାରେ ବିଳମ୍ବକୁ ନେଇ ଜନପ୍ରତିନିଧି ପ୍ରଶ୍ନ ଉଠାଇଥିଲେ। ମୃତ ଲୋକଙ୍କ ନାଁରେ ଆସୁଥିବା ଚାଉଳ ହରିଲୁଟ୍ ହେଉଥିବା ଅଭିଯୋଗ ଆଣିବା ସହ ବୈଠକରେ ଯୋଗାଣ ନୀରିକ୍ଷକଙ୍କୁ ଆଡେଣିଗଡ ସରପଞ୍ଚ ଅଜିତ କୁମାର ପ୍ରଧାନ ପ୍ରଶ୍ନ କରିଥିଲେ। ତେବେ ଲଗାତର ଦୁଇଟି ବୈଠକରେ ବ୍ଲକ୍ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନଙ୍କ ଅନୁପସ୍ଥିତିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ପ୍ରତି ଦୁଇମାସରେ ଥରେ ପଞ୍ଚାୟତ ସମତି ବୈଠକ ବସିବା ବଦଳରେ ୪ ମାସରେ ଥରେ ବୈଠକ ବସୁଥିବାକୁ ନେଇ କେତେକ ଜନପ୍ରତିନିଧି ବୈଠକ ବାହାରେ ଅସନ୍ତୋଷ ଜାହିର କରିଥିଲେ। ଗତ ୨୦୨୨ ତ୍ରୀସ୍ତରୀୟ ପଞ୍ଚାୟତ ନିର୍ବାଚନର ୪୪ ମାସ ମଧ୍ୟରେ ଆଜିର ବୈଠକକୁ ମିଶାଇ ମାତ୍ର ଦଶମ ପଞ୍ଚାୟତ ସମିତି ବୈଠକ ବସିଥିବା ନେଇ ଜନପ୍ରତିନିଧିମାନେ କହିଥିଲେ। ତ୍ରୀସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ନୀତିନୀୟମକୁ ପଛରେ ପକାଇ ବୈଠକରେ ତାଳ ମେଳ ରହୁନଥିବାରୁ ଏହି ଦାୟିତ୍ୱରେ ଥିବା ବଡପଣ୍ଡା ଏବଂ ସରକାରୀବାବୁଙ୍କ କାର୍ଯ୍ୟକଳାପକୁ ନେଇ ସେମାନେ ପ୍ରଶ୍ନ ଉଠାଇଥିବା ଦେଖିବାକୁ ମିଳିଥିଲା। ଏଦିଗରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେମାନେ ଦାବି କରିଥିଲେ। ଅନ୍ୟପଟେ ଆଜିର ବୈଠକକୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବଗତ କରାଯାଇ ନଥିବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗଣମାଧ୍ୟମକୁ ସୂଚନା ଦିଆ ନଯିବା ପଛରେ କାରଣ କ'ଣ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ପଞ୍ଚାୟତ ସମିତି ବୈଠକରେ ବ୍ଲକ୍‌ରେ ଚାଲିଥିବା ଅଦୃଶ୍ୟ ପିସିକାରବାର ସାଙ୍ଗକୁ ଗାଦି ମାଡିବସିଥିବା କିରାଣିମାନଙ୍କ ବଦଳି ବିଷୟରେ କୌଣସି ଜନପ୍ରତିନିଧି ପ୍ରଶ୍ନ ନଉଠାଇବା ଘଟଣା ସମସ୍ତଙ୍କୁ ଚକିତ କରିଥିଲା। ଏପରିକି ମନରେଗା ଭଳି ଶ୍ରମଜୀବୀ ଯୋଜନାରେ ଚାଲିଥିବା ଦୁର୍ନୀତି ଉପରେ ଜନପ୍ରତିନଧିଙ୍କ ସ୍ୱର ଶାଣିତ ନ ହେବା ଏବଂ ପଞ୍ଚାୟତ ସମସ୍ୟା ଉପରେ ଜନପ୍ରତିନିଧିଙ୍କଠାରେ ପ୍ରସ୍ତୁତ ହୋଇ ଲୋକଙ୍କ ସାମୁହିକ ସମସ୍ୟାଗୁଡ଼ିକ ବୈଠକରେ ଆଲୋଚନା କରୁ ନଥିବା ଘଟଣା ପଞ୍ଚାୟତ ସମିତି ବୈଠକର ଗୁରୁତ୍ୱକୁ ହ୍ରାସ କରୁଛି ବୋଲି ସାଧାରଣରେ ଆଲୋଚନା ହୋଇଛି।

ଆଜିର ବୈଠକରେ ଉପାଧ୍ୟକ୍ଷଙ୍କ ସମେତ ବୌଦ୍ଧ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରବାସିନୀ ଦାସ, ବୌଦ୍ଧ ବିଧାୟକଙ୍କ ପ୍ରତିନିଧି ଶୁଶାନ୍ତ କୁମାର ପ୍ରଧାନ, କନ୍ଧମାଳ ସାଂସଦଙ୍କ ପ୍ରତିନିଧି ରବିନରାରୟଣ ପ୍ରଧାନ, ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ତାରାମଣି ପ୍ରଧାନ, ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ, ଜିପିଡିଓ ଜତୀନ ମିଶ୍ର, ବ୍ଲକର ସବୁ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଲାଇନ ବିଭାଗର କର୍ମଚାରୀ, ବ୍ଲକ୍ କର୍ମଚାରୀମାନେ ଯୋଗଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଶଗଡା,୨୮।୧୦(ସମିସ): ମଙ୍ଗଳବାର କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ କଣ୍ଟାମାଳ ପଞ୍ଚାୟତ ସମିତି ଆନୁକୁଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବିଡିଓ ସାମ୍ମୀ ଜୟ ଶ୍ରୀ ରେଡ୍ଡିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କିଶାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ଦାସ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ନିରୋଜ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ରୁଣ୍ଡି ମହୁଲ ସରପଞ୍ଚ ପଞ୍ଚାନନ ସାହୁ, ଧରମ ବେହେରାଙ୍କ ସମେତ ଅନ୍ୟଅଧିକାରୀମାନେ ସହଯୋଗ କରିଥିଲେ। ଶିବିରକୁ କଣ୍ଟାମାଳ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ଶତାଧିକ ଭିନ୍ନକ୍ଷମମାନେ ଆସି ପଞ୍ଜିକରଣ କରିଥିଲେ। ଶିବିରରେ ୧୦ଜଣକୁ ହ୍ୱିଲ ଚେୟାର, ୩୬ ଜଣକୁ ବସ୍ ପାସ ପ୍ରଦାନ କରାଯାଇଥିଲା।



# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି

କଣ୍ଟାମାଳ,୨୮।୧୦(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପରିସରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସମୁଦାୟ ୬୩ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ରାହୁଲ ଗୋୟଲ ଶିବିରରେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗ ଗୁଡ଼ିକର ସମାଧାନ କରିବା ସହ ଶୁଣାଣି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଜରୁରୀ ଅଧିକାରୀ ତଥା ନୋଡାଲ ଅଫିସର ସୁଧର୍ମା ମଲ୍ଲିକ, ସହକାରୀ ମୁଖ୍ୟ ବନ ସଂରକ୍ଷକ ଆଶିଷ କହଁର, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ପୂଜା ବାରିକ, ବିଡିଓ ସାମୀ ରେଡ୍ଡୀ ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ବନପାଳ ବରୁଣ ମୁଖି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜୟ ମହନ୍ତ, ସିଡିପିଓ ପଙ୍କଜିନୀ ମିଶ୍ର, ଡ. ମହେନ୍ଦ୍ର କୁମାର ସଏ, ଡ. ଜଗଦୀଶ ସେଠି, ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ନାୟକଙ୍କ ସମେତ



ସମସ୍ତ ବ୍ଲକ୍‌ସ୍ତରୀୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ଯୁଗ୍ମ ଜନଶୁଣାଣି ଶିବିରରେ ଉପସ୍ଥିତ ରହି ଆସିଥିବା ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଆସିଥିବା ୬୩ ଅଭିଯୋଗ ମଧ୍ୟରୁ ୫୫ ଗୋଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୮ ଗୋଟି ଅଭିଯୋଗ ଗୋଷ୍ଠୀ ଭିତ୍ତିକ ରହିଥିଲା। ତନ୍ମଧ୍ୟରୁ ୨୨ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜଣକୁ ହ୍ୱିଲ ଚେୟାର, ଓ ତିନିଜଣଙ୍କୁ ରେଡ଼କ୍ରସରୁ ୨୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ ଦୁର୍ନୀତି ନିବାରଣ ସଚେତନତାର ପ୍ରଥମ ଦିନରେ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ଶପଥ ପାଠ କରାଇଥିଲେ।

# ବୀରମହାରାଜପୁରରେ ଅଡୁଆ ବଢ଼ାଉଛି ହାଇଟେକ୍ ସର୍ଭେ

### ମ୍ୟୁଟେଶନ କରି ନୂତନ ପଟ୍ଟା ଦେବାକୁ ଦାବି

ବୀରମହାରାଜପୁର,୨୮।୧୦(ସମିସ):

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ତହସିଲ କାର୍ଯ୍ୟାଳୟରେ ୨୦୧୭ ମସିହାରୁ ଆଜି ପର୍ଯ୍ୟନ୍ତ ହାଇଟେକ୍ ସର୍ଭେ ଚାଲିଥିଲେ ହେଁ ପ୍ରଜାଙ୍କୁ ଆଜି ଯାଏ ଫାଇନାଲ ଜମି ପଟ୍ଟା ପ୍ରଦାନ କରିବାରେ ବିଫଳ ହୋଇଛି ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ। ଫଳରେ ଏହି ସର୍ଭେ ଯୋଗୁଁ ଏବେ ପ୍ରଜାଙ୍କ ଅଡୁଆ ବଢୁଛି। ଏହି ହାଇଟେକ୍ ସର୍ଭେକୁ ତତ୍କାଳୀନ ସୁବର୍ଣ୍ଣପୁର ଜିଲ୍ଲାପାଳ ଦାଶରଥି ଶତପଥୀ ଉଦ୍‌ଘାଟନ କରିଥିଲେ। ନୂତନ ପଟ୍ଟା, ମ୍ୟୁଟେଶନ, ପାର୍ଟିସନ୍, ୨ ଖାନା ସଂଶୋଧନ, ନାମ ଓ ଜାତି ସଂଶୋଧନ ପରି ଅନ୍ୟାନ୍ୟ କାମ କରିବା ପାଇଁ ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାର କିଛି ଅମୀନ ଓ ହାଇଟେକ୍ ଅଧିକାରୀ ବୀରମହାରାଜପୁର ତହସିଲର ହାଇଟେକ୍ ସର୍ଭେ ଦାୟିତ୍ୱରେ ଥିଲେ। ସେମାନେ ବୀରମହାରାଜପୁର ତହସିଲର ରାଜସ୍ୱ ଗ୍ରାମର ପ୍ରଜାମାନଙ୍କ ଜମିକୁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଯାଇ ହାଇଟେକ୍ ସର୍ଭେ କରି ସ୍ୱଚ୍ଛ ଭାବେ ରେକର୍ଡ ସଂଶୋଧନ କରିବାର ନିୟମ ରହିଥିଲା। କିନ୍ତୁ ଦାୟିତ୍ୱରେ ଥିବା ଅମିନ ଓ ଆରଆଇମାନେ ରାଜସ୍ୱ ଗ୍ରାମକୁ ନ ଯାଇ ପ୍ରଜାଙ୍କ ସହ ଆଲୋଚନା ନ କରି ଅଫିସରେ ବସି ଜମି ସର୍ଭେ କରିଥିବା ଅଭିଯୋଗ ହୋଇଛି। ଫଳରେ ପ୍ରଜାମାନେ ଏଲ୍‌ପିଏମ୍ ପାଇଲା ପରେ ଜମି ଏରିଆ କମ୍ ଅଧିକ ହୋଇଥିବା ଓ ମୃତ ପ୍ରଜାଙ୍କ ନାମରେ ପୂର୍ବ ଭଳିଆ ଥିବା ଜାଣି ହଇରାଣ ହରକତ ହେଉଛନ୍ତି। ତହସିଲରୁ ଆର୍‌ଆଇ ଅଫିସ ଓ ଆର୍‌ଆଇ ଅଫିସ୍‌ରୁ ତହସିଲ ଅଫିସକୁ ବାରମ୍ବାର ଦୌଡୁଥିବା ଦେଖିବାକୁ ମିଳିଛି। ଏପରିକି ପ୍ରଜାମାନେ ୨ନମ୍ବର, ୮ନମ୍ବର, ୧୪ନମ୍ବର ଓ ୨୧ ନମ୍ବର ଫର୍ମରେ କେବେ ଜମିପଟ୍ଟା ଓ ରେକର୍ଡ ସଂଶୋଧନ ପାଇଁ ଆବେଦନ



କରିବେ ତାହା ବି ପ୍ରଜାମାନଙ୍କୁ ସୂଚନା ଦିଆଯାଉନାହିଁ। ସରକାରଙ୍କ ନିୟମ ଅନୁଯାୟୀ ପ୍ରଜାଙ୍କ ମୃତ୍ୟୁ ପରେ ତାଙ୍କ ଉତ୍ତରାଧିକାରୀଙ୍କ ନାମରେ ରେକର୍ଡ ସଂଶୋଧନ କରି ଏଲ୍‌ପିଏମ୍ ଓ ଜମି ପଟ୍ଟା ଦେବାର ନିୟମ ଥିଲେ ହେଁ ପୂର୍ବଭଳି ମୃତ ପ୍ରଜାଙ୍କ ନାମରେ ଏଲ୍‌ପିଏମ୍ ଦିଆଯାଉଛି। ଏହି ତହସିଲ୍ ଅନ୍ତର୍ଗତ କେତେକ ରାଜସ୍ୱ ଗ୍ରାମର ସର୍ଭେ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ହାଇଟେକ୍ ସର୍ଭେ ଠିକ୍ ଓ ସ୍ୱଚ୍ଛ ଭାବେ ଚାଲୁ ନ ଥିବାରୁ ଜନସାଧାରଣ ଓ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଜାମାନେ ନିଜ ନାମରେ ଥିବା ଜମିକୁ ବର୍ତ୍ତମାନ ହାଇଟେକ୍ ଚାଲିଥିବାରୁ ମ୍ୟୁଟେସନ ଓ ପାର୍ଟିସନ କରିପାରୁନାହାଁନ୍ତି। ଫଳରେ ଜମି ବିକ୍ରୟ କରିବାରେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବୀରମହାରାଜପୁର ତହସିଲରେ ହାଇଟେକ୍ କାର୍ଯ୍ୟ ତୁଲାଉଥିବା ଅତିରିକ୍ତ ତହସିଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ବିରମହାରାଜପୁର ତହସିଲରୁ ଦେବଗଡ଼ ତହସିଲକୁ ବଦଳି ପରେ ବିରମହାରାଜପୁର ତହସିଲରେ ଏବେ ୯ ମାସ ହେଲା ହାଇଟେକ୍ ସର୍ଭେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ରହିଛି। ଏବେ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦେବଗଡ଼ରୁ ଫେରି ବୀରମହାରାଜପୁର ତହସିଲରେ ଯୋଗ ଦେଲାପରେ ମଧ ହାଇଟେକ୍ କାମ ବନ୍ଦ ରହିଛି। ଆହୁରି ମଧ ବୀରମହାରାଜପୁର ତହସିଲଦାର କେବଳ ତହସିଲ ଦାୟିତ୍ୱ ତୁଲାଇବା ନିୟମ ଥିଲେ ହେଁ ତାଙ୍କୁ ସବ୍-ରେଜିଷ୍ଟର ଦାୟିତ୍ୱ ମଧ ଦିଆଯାଇଛି। ଫଳରେ ଗୋଟିଏ ଅଫିସର ଦୁଇ ଦୁଇଟି ଦାୟିତ୍ୱ ତୁଲାଇବା ସମ୍ଭବ ହୋଇପାରୁନାହିଁ। ଯାହା ଫଳରେ ହାଇଟେକ୍ ବାହାନରେ ପ୍ରଜାଙ୍କ ଜମି ପଟ୍ଟା ସଂଶୋଧନ ହୋଇପାରୁନାହିଁ। ଅନ୍ୟପଟେ ଏହି ତହସିଲରେ କର୍ମଚାରୀ ଅଭାବରୁ ହାଇଟେକ୍ କାମ ମଧ ବନ୍ଦ ରହିଛି। ଏହାଦ୍ୱାରା ପ୍ରଜାମାନେ ହଇରାଣ ହରକତ ହେଉଛନ୍ତି। କେହି ପ୍ରଜା ବ୍ୟାଙ୍କ୍‌ରୁ ଗୃହ ନିର୍ମାଣ, ବିବାହ, ନିଜ ପୁଅ ଝିଅଙ୍କୁ ପାଠ ପଢ଼ାଇବା ପାଇଁ ଋଣ କରାଇବାକୁ ଚାହୁଁଥିଲେ ବି ବ୍ୟାଙ୍କ୍‌ମାନେ ରେଜିଷ୍ଟ୍ରି ଦଲିଲ୍‌ରେ ଋଣ ଦେବାପାଇଁ ଅମଙ୍ଗ ହେଉଛନ୍ତି। ସେମାନେ ଓରିଜିନାଲ ପଟ୍ଟା ଦେବାକୁ ଦାବି କରୁଥିବାରୁ ଲୋକମାନେ ନିଜ ନାମରେ ଜମି କିଣି ମଧ ହାଇଟେକ୍ ଚାଲୁଥିବାରୁ ପଟ୍ଟା ନ ପାଇ ଋଣ କରିବାରୁ ବଞ୍ଚିତ ହେଉଛନ୍ତି। ଫଳରେ ୨୦୧୮ ମସିହାରୁ ଆଜିକୁ ୮ ବର୍ଷ ହେଲା ଲୋକମାନେ ହଇରାଣ ହରକତ ହେଉଥିବା ଦେଖିବାକୁ ମିଳିଛି। ଏଣୁ ଏଦିଗରେ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ରାଜ୍ୟ ରାଜସ୍ୱ ମନ୍ତ୍ରୀ ଦୃଷ୍ଟି ଦେଇ ହାଇଟେକ୍ କାମ ତୁରନ୍ତ ସାରି ପ୍ରଜାମାନଙ୍କୁ ନୂତନ ପଟ୍ଟା ଦେବାର ବ୍ୟବସ୍ଥା କରନ୍ତୁ, ନଚେତ୍ ହାଇଟେକ୍ ବନ୍ଦ କରି ମ୍ୟୁଟେଶନ କରି ପ୍ରଜାଙ୍କ ପଟ୍ଟା ସଂଶୋଧନ କରି ନୂତନ ପଟ୍ଟା ଦିଅନ୍ତୁ ବୋଲି ଅଞ୍ଚଳର ବୁଦ୍ଧିଜୀବୀ ତଥା ଜନସାଧାରଣରେ ଦାବି କରିଛନ୍ତି।

**ଏମାନେ ଯାହା କୁହନ୍ତି...**

ବୀରମହାରାଜପୁର ତହସିଲରେ ଦୀର୍ଘ ୮ ବର୍ଷରୁ ଅଧିକ ହେବ ହାଇଟେକ୍ ସର୍ଭେ ଚାଲିଥିବାରୁ ମ୍ୟୁଟେସନ ହୋଇ ପାରୁନାହିଁ, ଫଳରେ ପ୍ରଜାମାନେ ଜମି ପାର୍ଟିସନ୍ କରିପାରୁନାହାଁନ୍ତି। ପ୍ରଜାମାନେ ଜମି କିଣାବିକା କରି ନ ପାରି ହଇରାଣ ହରକତ ହେଉଛନ୍ତି। ହାଇଟେକ୍ ବନ୍ଦ କରି ପୂର୍ବଭଳି ମ୍ୟୁଟେସନ କରି ପ୍ରଜାଙ୍କୁ ପଟ୍ଟା ପ୍ରଦାନ୍ କଲେ ଭଲ ହୁଅନ୍ତା

ନେତ୍ରାନନ୍ଦ ବେହେରା, ଚାଷୀ

ବୀରମହାରାଜପୁର ତହସିଲରେ ହାଇଟେକ୍ ଚାଲୁଥିବାରୁ ପ୍ରଜାମାନେ ନିଜ ନାମରେ ଜମିକିଣି ମଧ ନିଜ ନାମରେ ପଟ୍ଟା ହୋଇ ପାରୁନଥିବାରୁ ହାଉସ୍ ଲୋନ୍, ଚାଷୀ ଋଣ ଓ ଅନ୍ୟାନ୍ୟ ଋଣ ବ୍ୟାଙ୍କ୍‌ମାନେ ଦେବାକୁ ମନା କରୁଛନ୍ତି। ତେଣୁ ସରକାର୍ ହାଇଟେକ୍ ବନ୍ଦ୍ କଲେ ଭଲ ହୁଅନ୍ତା

ସନାତନ ନାଗ, ବୁଦ୍ଧିଜୀବୀ

ବୀରମହାରାଜପୁର ତହସିଲରେ ହାଇଟେକ୍ କାମ ୨୦୧୭ ମସିହାରୁ ଚାଲିଛି। ମାତ୍ର ଠିକା ସଂସ୍ଥା ଏହି ତହସିଲରେ କାମ କରୁଥିବା ଅମିନମାନଙ୍କୁ ଏଠାରୁ କାଢ଼ି ନେଇଛନ୍ତି। ଏଥିସହ ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡାଙ୍କୁ ଦେବଗଡ଼ ତହସିଲକୁ ଡେପୁଟେସନରେ ଜିଲ୍ଲାପାଳ ପଠାଇ ଥିବାରୁ ଆଜିକୁ ୯ ମାସ ହେଲା ହାଇଟେକ୍ କାମ ସମ୍ପୂର୍ଣ୍ଣ ବନ୍ଦ ରହିଛି। ମାତ୍ର ୧୭୩ଟି ଗ୍ରାମର ହାଇଟେକ୍ କାମ ସରିଛି। ଜିଲ୍ଲାପାଳଙ୍କ ଆଦେଶ ହେଲେ ପଟ୍ଟା ବଣ୍ଟା ଯିବ। ଯେଉଁ ଗ୍ରାମଗୁଡିକର ସର୍ଭେ ବାକି ରହିଛି, ତୁରନ୍ତ ସର୍ଭେ କରି ସେମାନଙ୍କୁ ମଧ ପଟ୍ଟା ବଣ୍ଟନ କରାଯିବ।

ସ୍ୱାଗତ କୁମାର ପଣ୍ଡା,
ଅତିରିକ୍ତ ତହସିଲଦାର, ବୀରମହାରାଜପୁର

## ଓଲଟିଲା ରୋଲର; ଅଳ୍ପକେ ବର୍ତ୍ତିଲେ ଚାଳକ



ଡୁଙ୍ଗୁରିପାଲି,୨୮।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ କପାସିରା ଗୋର ହାଣ୍ଡି ବ୍ରିଜ୍ ରାସ୍ତାରେ ଭାରସାମ୍ୟ ହରାଇ ଘାଇରେ ଓଲଟିଲା ରୋଲର୍ ଗାଡି। ତେବେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇଭର। କପାସିରା ଜୁଲଣ୍ଡା ରାସ୍ତାର ଗୋରହାଣ୍ଡି ଜୋରରେ ନୂତନ ବ୍ରିଜ୍ କାମ ଦୀର୍ଘ ଦିନରୁ ଚାଲୁଥିଲେ ହେଁ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଲୋକେ ଯିବା ଆସିବା କରିବା ପାଇଁ ଜୋରରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଚାଲିଥିବା ସମୟରେ ଭାରସମ୍ୟ ହରାଇ ଘାଇକୁ ଖସି ଯାଇଥିଲା। ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ପାଣି ଭିତରୁ ରୁଲର ଡ୍ରାଇଭରକୁ ଉଦ୍ଧାର କରିଥିଲେ। ଡ୍ରାଇଭରର ଅବସ୍ଥା ଗୁରୁତର ଥିବାରୁ ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ମହୁଲ ପୋଚ ସହ ଦେଶୀ ମଦ ଜବତ

ଶଗଡା,୨୮।୧୦(ସମିସ): କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ବିପୁଳ ମହୁଲ ପୋଚ ସହ ମଦ ଜବତ କରିଛି। କଣ୍ଟାମାଳ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କଣ୍ଟାମାଳ ଥାନା ମାତାକୁପା ଗ୍ରାମ ନିକଟ ନାଳରେ ଚଢ଼ଉ କରି ୪୫୦ କେଜି ମହୁଲ ପୋଚ ସହ ୨୫ ଲିଟର ଦେଶୀ ମଦ ଜବତ କରିବା ସହ ନଷ୍ଟ କରିଛି। ଏ ସମ୍ପର୍କରେ କଣ୍ଟାମାଳ ଅବକାରୀ ଥାନାରେ ଏକ ମାମଲା ରୁଜୁ କରିଥିବା ବେଳେ ମାଫିଆମାନେ ଅବକାରୀ ଟିମ୍‌କୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି।

# ବାତ୍ୟାକୁ ନେଇ ପ୍ରଶାସନ ସଜାଗ, ଚିନ୍ତାରେ ଚାଷୀ

**ଜୟପାଟଣା, ୨୮ ।୧୦(ସମିସ):** ବାତ୍ୟା 'ମୋନ୍ଥା'ପ୍ରଭାବରେ ଜୟପାଟଣାର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ଝିପିଝିପି ବର୍ଷା ଲାଗି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗତୁରା ବିଭିନ୍ନ ପଦକ୍ଷେପ ସହ ଲୋକଙ୍କୁ ସତର୍କ କରାଯାଇଛି ।ସୂଚନା ଅନୁଯାୟୀ ଚଳିତ ବର୍ଷ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜଳସ୍ତର ସର୍ବାଧିକ ୬୪୨ ମିଟରରୁ ବର୍ତ୍ତମାନ ୬୪୦.୯୦ମିଟର ରହିଥିବା ସମ୍ଭାବ୍ୟ ବାତ୍ୟାକୁ ନେଇ ମଙ୍ଗଳପୁର ହାତୀ ବ୍ୟାରେଜରୁ ଜଳ ନିଷ୍କାସନ ପାଇଁ ନଦୀ କୂଳରେ ଅବସ୍ଥିତ ଗାଁମାନଙ୍କ ଲୋକଙ୍କୁ ଇନ୍ଦ୍ରାବତୀ ପ୍ରକଳ୍ପ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ସ୍ଥାନୀୟ ପ୍ରଶାସନ ତଥା ସରପଞ୍ଚମାନଙ୍କୁ ମଧ୍ୟ ଅଗବତ କରାଯାଇଛି । ବର୍ତ୍ତମାନ ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ୮୯ ପ୍ରତିଶତରୁ ଊର୍ଦ୍ଧ୍ୱ ଜଳ ରହିଛି । ଯଦି ବର୍ଷା ହୁଏ ଓ ଜଳ ସ୍ତର ବୃଦ୍ଧି ହୁଏ ତେବେ ହାତୀ ନଦୀରେ ବନ୍ୟାଜଳ ପ୍ରବାହିତ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।ଅନ୍ୟପକ୍ଷରେ ବର୍ତ୍ତମାନ କ୍ଷେତ ରେ ଧାନ ଫସଲ ଅମଳ ହେବାକୁ ଯାଉଛି । ଯଦି ପବନ ହୁଏ ତେବେ ଧାନଗଛ ତଳେ ପଡ଼ିଯିବା ସହ ଅମଳ ପ୍ରଭାବିତ ହେବ ।ବହୁ ରୋଗଦାଉରୁ ଏଥର ଚାଷୀ ଧାନ ଫସଲକୁ ରକ୍ଷା କରିଥିବା ବେଳେ ଚାଷ ଭଲ ହୋଇଛି । କେତେକ ଅଞ୍ଚଳରେ ବର୍ତ୍ତମାନ ଧାନ କେଣ୍ଡା ବାହାରିବା ଅବସ୍ଥାରେ ଥିବା ବେଳେ କେତେକ ଅଞ୍ଚଳରେ ଧାନ ପାଚି ଗଲାଣି ।ତେବେ କିପରି ଚାଷକୁ ରକ୍ଷା କରିବେ ଚିନ୍ତାରେ ଚାଷୀ ପଡ଼ିଛନ୍ତି ।

**ସୁଲେକେଲା ଗାଁରେ ପରିସ୍ଥିତି ଜଟିଳ**

# ଝାଡ଼ାବାନ୍ତିରେ ଜଣେ ମୃତ; ୩୦ରୁ ଅଧିକ ଆକ୍ରାନ୍ତ

ବେଲପଡ଼ା, ୨୮ ।୧୦(ସମିସ)

ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ସୁଲେକେଲା ଗାଁରେ ଝାଡାବାନ୍ତି ବ୍ୟାପିଛି । ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି କେଶବ ରଣା । ୩୦ରୁ ଅଧିକ ଆକ୍ରାନ୍ତ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରେ ମହିଳା, ପୁରୁଷ ସହ ଶିଶୁ ମଧ୍ୟ ରହିଛନ୍ତି । ୬ ଜଣ ଗୁରୁତର ହେତୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ଜଣଙ୍କ ଅବସ୍ଥା ସଂକଟାପନ୍ନ ହେତୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚିକିତ୍ସା କରାଯାଉଛି । ମଙ୍ଗଳବାର ସକାଳେ କେଶବଙ୍କ ଘରେ ତାଙ୍କ ମୃତ୍ୟୁ ଘଟିଛି । ତାଙ୍କ ସ୍ତ୍ରୀ ମଧ୍ୟ ଝାଡାବାନ୍ତିର ଶିକାର ହୋଇ ପାଟଣାଗଡ଼ ମେଡିକାଲରେ ଚିକିତ୍ସା ହେଉଛନ୍ତି । ଡାକ୍ତର ସ୍ନେହାଶ୍ରୀ ମିଶ୍ର, ତାପସ ବେହେରା ଓ କନକ

**ଖବର ପାଇ ଗାଁରେ ପହଞ୍ଚିଲେ ଡାକ୍ତରୀ ଦଳ**

ମାଝୀ ଗାଁର ସ୍ୱାସ୍ଥ୍ୟକର୍ମୀଙ୍କ ସହ ମିଶି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି । ମଙ୍ଗଳବାର ବଲାଙ୍ଗୀରରୁ ଏକ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଛନ୍ତି । ସେମାନଙ୍କୁ ଓଆରଏସ୍ ଏବଂ ଔଷଧ ଦେଇଥିଲେ । ତେବେ ହଠାତ୍ କ'ଣ ପାଇଁ ଗାଁରେ ଏମିତି ଝାଡାବାନ୍ତି ବ୍ୟାପିଲା ତାହା ଜଣାପଡ଼ି ନାହିଁ । ପିଇବା ପାଣିକୁ ଏହା ଘଟିଥିବା ଅନୁମାନ କରାଯାଉଛି । ଏମିତିରେ ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିବା ଗାଁ ଲୋକ ଅଭିଯୋଗ କରୁଛନ୍ତି । ଏମିତିକି ଗାଁକୁ ଜଳ ଯୋଗାଣ ଅଧିକାରୀ ଆସୁ ନ ଥିବା ଗ୍ରାମବାସୀ କହିଛନ୍ତି । ବର୍ତ୍ତମାନ ଗାଁରେ ଜଣଙ୍କ ମୃତ୍ୟୁ ପରେ ସମସ୍ତେ ଭୟଭୀତ ହୋଇ ପଡ଼ିଛନ୍ତି ।





**ନାମକୁ ମାତ୍ର ଆୟୁଷ୍ମାନ କାର୍ଡ**

# ଇ-କେୱାଇସି ହେଉନଥିବାରୁ ଫେରାଇ ଦେଉଛନ୍ତି ଡାକ୍ତରଖାନା କର୍ତ୍ତୃପକ୍ଷ

**ଶଗଡ଼ା, ୨୮ ।୧୦(ସମିସ):** ସରକାର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ଆରମ୍ଭ କରିଛନ୍ତି । ପ୍ରତ୍ୟେକ ରାସନ କାର୍ଡଧାରୀଙ୍କୁ କାର୍ଡ ଯୋଗାଇ ଦିଆଯାଉଛି, ହେଲେ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ସ୍ୱାସ୍ଥ୍ୟବୀମା କାର୍ଡକୁ ଇ-କେୱାଇସି କରିବାକୁ ଭୁଲି ଯାଇଛି । ବିଭାଗୀୟ ଅବହେଳା ସହ ତ୍ରୁଟି ଯୋଗୁଁ ହିତାଧିକାରୀ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି । ଅନେକ ମେଡିକାଲ କର୍ତ୍ତୃପକ୍ଷ ରୋଗୀଙ୍କୁ ଇ-କେୱାଇସି ହୋଇପାରୁ ନଥିବା ଦର୍ଶାଇ ଫେରାଇ ଦେଉଥିବା ଅଭିଯୋଗ ହୋଇଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତରେ ଦେଖିବାକୁ ମିଳିଛି । ପଞ୍ଚାୟତର ଭୋଇ ସାହି ଗ୍ରାମର କୃଷ୍ଣ ଭୋଇ ନାମକ ଜଣେ ଯୁବକ ଦୁଇ ଦିନ ତଳେ ଏକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋନପୁର ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ଅଧିକ ଚିକିତ୍ସା ପାଇଁ ପ୍ରଚୁର ଟଙ୍କାର ଆବଶ୍ୟକତା ଥିବା ବେଳେ ସେ ନିଜ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା କାର୍ଡ ଧରି ଡାକ୍ତରଖାନା ଯାଇଥିଲେ । ବୁର୍ଲାରେ ସମଲେଶ୍ୱରୀ ଓ ଗୁପ୍ତା ନରସିଂ ହୋମ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ଆୟୁଷ୍ମାନ କାର୍ଡରେ ଚିକିତ୍ସା କରିବାକୁ ମନା କରି ଦେଇଥିବା ରୋଗୀଙ୍କ ଜଣେ ସମ୍ପର୍କୀୟ ଅଭିଯୋଗ କରିଛନ୍ତି । ପରେ ପରିବାର ଲୋକେ ଗୁରୁତର ରୋଗୀକୁ ଧରି ନିରାଶ ହୋଇ ପୁଣି ବରଗଡ଼କୁ ଯାଇଥିଲେ । ବରଗଡ଼ର ବିକାଶ ହସ୍ପିଟାଲ ଇ-କେୱାଇସି ହୋଇ ନ ଥିବାରୁ ପ୍ରଥମେ ମନା କରି ଦେଇଥିଲେ । ପରେ ନେହୁରା ହେବାରୁ ଇ-କେୱାଇସି କରି ରୋଗୀକୁ ଭର୍ତ୍ତି କରିଥିବା ତାଙ୍କର ଜଣେ ସମ୍ପର୍କୀୟ କହିଛନ୍ତି । ବୌଦ୍ଧ ସିଡିଏମଓ ଏଦିଗରେ ଦୃଷ୍ଟି ଦେଇ ଇ-କେୱାଇସି କରିବା ପାଇଁ ଆବଶ୍ୟକ କର୍ମଚାରୀ ନିଯୁକ୍ତି ଦେଇ ସମସ୍ତ କାର୍ଡ ଇ-କେୱାଇସି କରିବା ଦିଗରେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ଯାତ୍ରୀବାହୀ ବସ୍‌କୁ ପଛରୁ ଧକ୍କା ଦେଲା ଟ୍ରକ୍

**ପୁରୁଣାକଟକ, ୨୮ ।୧୦(ସମିସ):** ଦକ୍ଷିଣକାଳୀ ନାମକ ଯାତ୍ରୀବାହୀ ବସ୍ ସମ୍ବଲପୁର ଠାରୁ ଫୁଲବାଣୀ ଯାଉଥିବା ବେଳେ ବୌଦ୍ଧ ଥାନା ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥ ବିରନରସିଂହପୁର ହାଟପଦାଠାରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ମାଲ ବୋଝେଇ ଆଇଚର ବସ୍‌କୁ ପଛରୁ ଧକ୍କା ଦେଇଥିଲା । ବସ୍‌କୁ ଓଭର ଟେକ କରୁଥିବା ସମୟରେ ବିପରୀତ ଦିଗରୁ ଏକ କାର ମାଡି ଆସିଥିବାରୁ ଡ୍ରାଇଭର ବାମପଟକୁ ଗାଡି ସାଇଟ ମାରିଥିବାରୁ ଏହି ଧକ୍କା ହୋଇଥିବା ଜଣାପଡ଼ିଛି । ବସ୍‌ର ପଛ ପାଖ ଓ ଆଇଚର ଗାଡିର ସମ୍ମୁଖ ଭାଗ ଭାଙ୍ଗି ରୁଜି ଯାଇଥିବା ବେଳେ ଆଇଚର ଡ୍ରାଇଭର ଉତ୍ତର ପ୍ରଦେଶର ରାମ ଶଙ୍କର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗେ ପଠାଇଛନ୍ତି । ସେପଟେ ବସ୍‌ରେ ଥିବା ସମସ୍ତ ଯାତ୍ରୀଙ୍କୁ ଅନ୍ୟ ବସ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଥିବା ଜଣାପଡ଼ିଛି । ବୌଦ୍ଧ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।



# ଆଦର୍ଶ ଗାଁ ପାଇଁ ଗ୍ରାମ୍ୟସ୍ତରୀୟ ସମନ୍ୱୟ ବୈଠକ



**ବିନିକା, ୨୮ ।୧୦(ସମିସ):** ବିନିକା ବ୍ଲକ ମହାଦେବପାଲି ପଞ୍ଚାୟତ ଅଧୀନ ପଧାନପାଲି ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କ ନିର୍ଦ୍ଧାରିତ ନୀତି ପ୍ରଣୟନ ନେଇ ଗ୍ରାମ୍ୟସ୍ତରୀୟ ସମନ୍ୱୟ କମିଟି ଗଠିତ ହୋଇଯାଇଛି । ସରପଞ୍ଚ ପ୍ରଣତି ମହାକୁରଙ୍କ ଅଧ୍ୟକ୍ଷତା ଓ ୱାର୍ଡମେମ୍ବର ମାଣିକ ପଟ୍ଟନାୟକଙ୍କ ସଂଯୋଜନାରେ ମଙ୍ଗଳବାର ପଧାନପାଲିଠାରେ ଏକ ଗ୍ରାମ ସଭା କରାଯାଇ ଆଦର୍ଶ ଗ୍ରାମ ଅନ୍ତର୍ଭୁକ୍ତ କରାଯିବା ନେଇ ସର୍ବସମ୍ମତି କ୍ରମେ ୧୦ ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଥିଲା । ଏଥିରେ ନିର୍ଦ୍ଧାରିତ ନୀୟମ ଅନୁସାରେ ସରପଞ୍ଚ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଏଏନ୍ଏମ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଶିକ୍ଷକ, ଗାଁ ସାଥିଙ୍କ ସହ ଏସ୍‌ସି ସଭ୍ୟ ଭାବେ ସାନନ୍ଦ ଦୀପ ମନୋନୀତ ହୋଇଥିଲେ । ବୈଠକକୁ ଗ୍ରାମ ପଞ୍ଚାୟତ ଇଓ ଶିବରାମ ମିଶ୍ର ପରିଚାଳନା କରିଥିବାବେଳେ ବିନିକା ବ୍ଲକ ମଙ୍ଗଳ ଅଧିକାରୀ ସୋରଭ ଦାନି ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ବିଷୟରେ ଓ ଗଠିତ ଗ୍ରାମ୍ୟ ସମନ୍ୱୟ କମିଟିର କାର୍ଯ୍ୟ ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ବାସନ୍ତୀ ନାଗ, ନାଏବ ସରପଞ୍ଚ ଗୋବର୍ଦ୍ଧନ ନେଗୀ, ଶିକ୍ଷକ ସୀତାଂଶୁ ପୂଜହାରୀ, ସାମ୍ବାଦିକ ବ୍ରହ୍ମାନନ୍ଦ ପୂଜାହାରୀ, ସନାତନ ପୂଜାହାରୀ ପ୍ରମୁଖ ମଞ୍ଚାସୀନ ଥିଲେ । ରମଣୀ ରଞ୍ଜନ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଉନ୍ନୟନମୂଳକ କାର୍ଯ୍ୟ ନେଇ ଖସଡ଼ା ପ୍ରସ୍ତୁତ କରାଯାଇଥିଲା ।

# ସାଇବର ସୁରକ୍ଷା ସଚେତନତା



**କୋକସରା, ୨୮ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ପୁଲିସ ପକ୍ଷରୁ କୋକସରା ଥାନା ସମ୍ମୁଖରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ସାଇବର ଥାନାରୁ ଏସ୍ଆଇ ଜହ୍ନବୀ ତାଣ୍ଡି, କୋକସରା ଥାନା ଅଧିକାରୀ ଜୟପ୍ରକଶ ନାରାୟଣ ହୋତା, ଏସ୍ଆଇ ଧର୍ମୁଲା ମୋହନ, ଏଏସ୍ଆଇ ବାସୁଦେବ ମାଝୀ ପ୍ରମୁଖ ଉପସ୍ଥିତ ସମାଜରେ କିପରି ଦିନକୁ ଦିନ ବଢ଼ୁଥିବା ସାଇବର ଅପରାଧ ରୋକା ଯାଇ ପାରିବ ସେନେଇ ବକ୍ତବ୍ୟ ରଖିଥିବାବେଳେ ସାଇବର ସୁରକ୍ଷା ଅଭିଯାନ ରଥ କୋକସରା ସଦର ମହକୁମା ଥାନା ସମ୍ମୁଖରେ ଲୋକଙ୍କୁ ସଚେତନ କରିଥିଲା ।

# 'ମୋନ୍ଥା' ପାଇଁ ଭୟଭୀତ ପୋଡାପଦର ପଞ୍ଚାୟତବାସୀ

**● ମୁକାବିଲା ପାଇଁ କୌଣସି ବ୍ୟବସ୍ଥା ନଥିବା ଅଭିଯୋଗ**

**ଥୁଆମୂଳରାମପୁର, ୨୮ ।୧୦(ସମିସ):** ବାତ୍ୟା 'ମୋନ୍ଥା'କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ପ୍ରଭାବିତ ପ୍ରତ୍ୟେକ ଜିଲ୍ଲା ଗୁଡିକର ଜିଲ୍ଲା ପ୍ରଶାସନକୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି ।ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି ।ପ୍ରତ୍ୟେକ ବ୍ଲକ ପ୍ରଶାସନ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ଯୁଦ୍ଧକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବିଭାଗ ନିଜନିଜ କର୍ମଚାରୀଙ୍କୁ ନେଇ ସଜାଗ ରହିଛନ୍ତି । ପାହାଡିଆ ଅଞ୍ଚଳ ହୋଇଥିବା ଯୋଗୁଁ ଭୂସ୍ଖଳନ, ମାଟି ଅତଡା ଖସିବା, ଗଛ ଭାଙ୍ଗିବା ସହିତ ଲୋକଙ୍କ ଘରଦ୍ୱାର ନଷ୍ଟ ହେବାର ସମ୍ଭାବନା ରହିଛି ।ବିଶେଷ କରି ଜିଲ୍ଲା ସଦର ମହକୁମାକୁ ସଂଯୋଗ କରୁଥିବା ଭବାନୀପାଟଣା ମୁଖ୍ୟ ରାସ୍ତା ଏବଂ ଥୁଆମୂଳ ରାମପୁର-କଳମପୁରକୁ ସଂଯୋଗ କରୁଥିବା ରାସ୍ତା ଉପରେ ନଜର ରଖିବାକୁ ଓଡ୍ରାଫ ଟିମ୍‌କୁ ନିୟୋଜିତ କରାଯାଇଛି ।ସୁରକ୍ଷା ଦୃଷ୍ଟିରୁ ଶକୌଣସି ଲୋକଙ୍କ ଜୀବନ ହାନୀ ଯେମିତି ନହୁଏ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିବା ବେଳେ ବ୍ଲକର ଇନ୍ଦ୍ରାବତୀ ଜଳଭଣ୍ଡାର ଦ୍ୱାରା ଜଳବନ୍ଦୀ ଜୀବନ ଜିଉଁଥିବା ପୋଡାପଦର ପଞ୍ଚାୟତ ବାସୀଙ୍କ ସୁରକ୍ଷା ଉପରେ ଅବହେଳା ରହିଥିବା ଅଭିଯୋଗ ସାମ୍ନାକୁ ଆସିଛି । ଏହି ଅଞ୍ଚଳକୁ ଗମନାଗମନ ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ଡଙ୍ଗା ହିଁ ଏମାନଙ୍କ ପାଇଁ ସାହା ଭରସା ସାଜିଛି ।ହେଲେ ସମ୍ପ୍ରତି ବାତ୍ୟକୁ ନଜରରେ ରଖି ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ଡଙ୍ଗାରେ ଜଳଭଣ୍ଡାର ଭିତରକୁ ନଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ସାଧାରଣ ଲୋକଙ୍କୁ ମଧ୍ୟ ଡଙ୍ଗାରେ ଯାତାୟତ ପାଇଁ ବାରଣ କରାଯାଇଛି । ଗୋଟିଏ ପଟରେ ରାସ୍ତା ନାହିଁ ଅନ୍ୟ ପଟରେ ଡଙ୍ଗାରେ ଯାତାୟତ କରିବା ଜୀବନ ପ୍ରତି ବିପଦ ସୁନିଶ୍ଚିତ । ଜଳବନ୍ଦୀ ପୋଡାପଦର ଅଞ୍ଚଳ ପାଇଁ ବାତ୍ୟା ମୁକାବିଲା ଏବଂ ପ୍ରଭାବିତ ଲୋକଙ୍କ ସୁବିଧା ପାଇଁ ପ୍ରଶାସନର ବ୍ୟବସ୍ଥା କରାଯାଇଛି ।ସ୍ଥାନୀୟ ସରପଞ୍ଚ ଏବଂ ଏଡିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଥୁଆମୂଳରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି କହିଛନ୍ତି ।କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତେବେ ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ପଞ୍ଜରା ଗ୍ରାମ ଦେଇ ଯାଇଥିବା ରାସ୍ତା ଦେଇ ସେବା ଯୋଗାଇ ଦିଆଯିବ ବୋଲି ବିଡିଓ ଶ୍ରୀ ମୁଦୁଲି କହିଛନ୍ତି ।ହେଲେ ପଞ୍ଜରା ପର୍ଯ୍ୟନ୍ତ ହିଁ ପକ୍କା ରାସ୍ତା ଥିବା ବେଳେ ସେଠାରୁ ମାଟି ରାସ୍ତା ଯାହା ବର୍ଷା ହେଲେ ଗାଡି ମୋଟର ଯିବା ଅତି କଷ୍ଟକର ହୋଇଥାଏ ।ଏପରି ସ୍ଥଳେ ପ୍ରଶାସନର ସହାୟତା ଉପରେ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳ ବାସୀ ।ଏପରି ସ୍ଥଳେ ପ୍ରଶାସନିକ ସ୍ତରରେ ଏହି ଜଳବନ୍ଦୀ ଅଞ୍ଚଳ ପ୍ରତି ଅବହେଳା ପ୍ରଦର୍ଶନ କରାଯାଇଥିବା ବାସ୍ତବ ବିଡମ୍ବନା । ଏହି ବାତ୍ୟାରେ କୌଣସି ଧନ ଜୀବନ କ୍ଷୟକ୍ଷତି ହୁଏ କିମ୍ବା କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୁଏ ତେବେ କରିବେ କ'ଣ । ବର୍ଷା ଓ ପବନ ଯୋଗୁଁ ବୋଟ୍ ଆମ୍ବୁଲାନ୍ସ ମଧ୍ୟ ଜଳଭଣ୍ଡାରରେ ସେବା ଯୋଗାଇବା ମଧ୍ୟ ବିପଦ ।ଜଳବନ୍ଦୀ ଅଞ୍ଚଳକୁ କୌଣସି ଯୋଗାଯୋଗ ପାଇଁ ମୋବାଇଲ ନେଟୱାର୍କ ବ୍ୟବସ୍ଥା ମଧ୍ୟ ନାହିଁ । ଏହି ସମୟରେ ସେମାନଙ୍କ ଦୁଃଖ ବୁଝିବ କିଏ? ଏଭଳି ଅନେକ ସାଂଘାତିକ ସମସ୍ୟା ଦେଇ ବଞ୍ଚୁଥିବା ଏଠିକାର ଲୋକେ ଭଗବାନଙ୍କୁ ହିଁ ଭରସା ।



# 'କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ' ପାଇଁ ପ୍ରସ୍ତୁତି

**କଣ୍ଟାବାଞ୍ଜି, ୨୮ ।୧୦(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳବାଇ ଖେଳ ପଡ଼ିଆରେ ଜାନୁୟାରୀ ୯ ରୁ ୧୧ ପର୍ଯ୍ୟନ୍ତ କଣ୍ଟାବାଞ୍ଜି ମାଟିର ମହୋତ୍ସବ ଅନୁଷ୍ଠିତ ହେବ । ଏଥିପାଇଁ ମଙ୍ଗଳବାର ସ୍ଥାନୀୟ ହରିଭବନଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶତାଧିକ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସମ୍ପାଦକ ବେଦବ୍ୟାସ ନାଗ, କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଦାସ, ବରିଷ୍ଠ ସଦସ୍ୟ ମନୋଜ ଦାସ, ଡିଆରୟୁସିସି ମେମ୍ବର ରାଜେଶ ଅଗ୍ରୱାଲ, କୋଷାଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ ଓ କାଉନସିଲରମାନେ ମଞ୍ଚାସୀନ ଥିଲେ । କମିଟିର ସହ ସମ୍ପାଦକ ଦିନେଶ ମହାନନ୍ଦ ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ମନୋଜ ଦାସଙ୍କ ସମେତ ଅନ୍ୟ ଅତିଥିମାନେ ମଧ୍ୟ ମାଟିର ମହୋତ୍ସବ ବିଷୟରେ କହିଥିଲେ । ପରେ ବିଧାୟକ ତଥା କମିଟିର ଅଧ୍ୟକ୍ଷ ଲକ୍ଷଣ ବାଗ ମାଟିର ମହୋତ୍ସବର କଥା କହି ଦ୍ୱିତୀୟ ବର୍ଷର ଏହି କାର୍ଯ୍ୟକ୍ରମକୁ ସମସ୍ତେ ମିଶି ସଫଳ କରିବାକୁ ଆହ୍ୱାନ ଦେଇଥିଲେ ।



# ତହଁକ କୁଟୁମର କୋସଲି କବିତା ଆସର



**ବଲାଙ୍ଗିର, ୨୮ ।୧୦(ସମିସ):** ବଲାଙ୍ଗିର ଦିନ ଅବସରରେ ସ୍ଥାନୀୟ ସୈନିକ ଭବନଠାରେ ତହଁକ କୁଟୁମ ତରଫରୁ କୋସଲି କବିତା ଆସର ଅନୁଷ୍ଠିତ ହୋଇଯାଇଛି । କବି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ୍, ହାସ୍ୟ ଅଭିନେତା ବିନ୍ଦୁ, ନିହାଲ ସିଂ, କବି ଶୁସାନ୍ତ ବାଗ, କବି ଦିଲ୍ଲୀପ ପୁରୋହିତ, କବି ଗୋପିନାଥ ଦଣ୍ଡସେନା, ବିନୋଦ କାଳସାଏ, ପ୍ରତାପ ଚନ୍ଦ୍ର ରଥ ପ୍ରମୁଖ ମଞ୍ଚାସୀନ ଥିଲେ । କବି ଦିଲ୍ଲୀପ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ରାଜେଶ ଦଣ୍ଡସେନା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅର୍ଜୁନ ସାହୁ ସଭା ପରିଚାଳନା କରିଥିଲେ । ପୁଷ୍ପାଞ୍ଜଳି ମେହେର ଏବଂ ମିଳନ ପଣ୍ଡାଙ୍କ ଦ୍ୱାରା ସଂଯୋଜିତ କବିତା ଆସରରେ ଶତାଧିକ କବି ଯୋଗଦେଇ କୋସଲି କବିତା ପଠନ କରିଥିଲେ । ନିରୁପମା ମିଶ୍ର, ମଧୁସୂଦନ ଦାସ, ବ୍ରହ୍ମାନନ୍ଦ ବନଛୋର, ରାଜୀବ ପ୍ରସାଦ ଭୋଇ, ପ୍ରଭାସିନି ଭୋଇ, ସୁଦେଷ୍ଣା ମିଶ୍ର, ଉତ୍ତମ ଖମାରୀ, ବାବା ରଘୁନାଥ, ଧର୍ମେନ୍ଦ୍ର ପ୍ରଧାନ, ଶୁଭସ୍ମିତା ମାହାଣା, ନେପାଲ ବାଗ୍, ଚିନ୍ମୟ ମେହେର, ଯାଜ୍ଞସେନୀ ସାହୁ, ପ୍ରହଲ୍ଲାଦ ଦଣ୍ଡସେନା, ନିରୁପମା ପଟେଲ, ପୁରୁଷୋତ୍ତମ ମିଶ୍ର, ପଲ୍ଲବୀ ପଟେଲ, ରାମଶଙ୍କର ଶତପଥୀ ପ୍ରମୁଖ କବିତା ପାଠ କରିଥିଲେ । ଗୋପାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ବୃଦ୍ଧଙ୍କ ଉପରେ ଝିଅ ଓ ନାତୁଣୀଙ୍କ ବୋଝ



**କଲମପୁର, ୨୮ ।୧୦(ସମିସ):** ଘରେ ଆସି ରହିଗଲା ସ୍ୱାମୀ ପରିତ୍ୟକ୍ତା ଝିଅ ଓ ନାତୁଣୀ । ବୃଦ୍ଧ କାର୍ତ୍ତିକେଶ୍ୱର ବାଣୁଆ ଉପରେ ସେମାନଙ୍କ ଚିନ୍ତା ସର୍ବଦା ଘାରିଛି ।ସ୍ତ୍ରୀ ଛାଡି ଆର ପାରିକୁ କେବେଠୁ ଚାଲିଗଲାଣି, ୮୫ ବର୍ଷ ବୟସରେ ବୃଦ୍ଧ କାର୍ତ୍ତିକେଶ୍ୱର ସେମାନଙ୍କ ପ୍ରତି ପୋଷଣ କରିବେ କେମିତି । ସେ ଆରପାରିକୁ ଚାଲିଗଲେ ସେମାନେ ଚଳିବେ କେମିତି, ଏମିତି ଭାବି ଚାଲିଛି ବୃଦ୍ଧ କାର୍ତ୍ତିକେଶ୍ୱର, ଆଜକୁ ୧୫ବର୍ଷ ତଳେ ଝିଅକୁ ଜ୍ୱାଇଁ ହାତରେ ଟେକି ଦେଇଥିଲେ ପିତା କାର୍ତ୍ତିକେଶ୍ୱର, ସେ ଆଶ୍ୱସ୍ତ ହୋଇଥିଲେ । ଭାବିଥିଲେ ଯେ ଝିଅର ଭବିଷ୍ୟତ ଗଠନ ହୋଇଗଲା, କିନ୍ତୁ ଭାଗ୍ୟର ଲିଖନ ଅନ୍ୟକିଛି ଥିଲା । ଝିଅ ଓ ଜ୍ୱାଇଁ ମଧ୍ୟରେ କୌଣସି କାରଣ ବଶତଃ ବିବାହ ବିଚ୍ଛେଦ ଘଟିଲା । ୨ବର୍ଷର କନ୍ୟା ସନ୍ତାନକୁ ଧରି ବାପ ଘରକୁ ଚାଲି ଆସିଲା ଝିଅ । ସେବେଠାରୁ ଝିଅ ଓ ନାତୁଣୀ ବାପ ଘରେ ରହି ଯାଇଛନ୍ତି । କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅନ୍ତର୍ଗତ ପଣ୍ଡିଗାଁ ପଞ୍ଚାୟତ ଅଧିନସ୍ତ ପାତ୍ରବସା ଗ୍ରାମର ଘଟଣା । ଦିନ ଯେତିକି ଗଡୁଛି କାର୍ତ୍ତିକେଶ୍ୱରଙ୍କ ଚିନ୍ତା ସେତିକି ବଢ଼ିବାରେ ଲାଗିଛି ।ଝିଅ ମିତା ଦଣ୍ଡସେନା (୩୦) ଓ ନାତୁଣୀ କସିସ ଦଣ୍ଡସେନା (୧୩)ଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରି ସହାୟତା ଯୋଗାଇ ଦେବାକୁ ବୃଦ୍ଧ କାର୍ତ୍ତିକେଶ୍ୱର ପ୍ରଶାସନ ନିକଟରେ ଆପତ୍ତି କରିଛନ୍ତି ।

# ଆଦିବାସୀଙ୍କ ନାଁରେ ଶ୍ରମିକଙ୍କ ଟଙ୍କା ଖାଇଦେଲା ଏନ୍‌ଜିଓ

ଟିଟିଲାଗଡ଼, ୨୮ ।୧୦(ସମିସ)

ଦାଦନଗଡ଼ ଭାବରେ ପରିଚିତ ଟିଟିଲାଗଡ଼ ବ୍ଲକରେ ଏକ ଏନଜିଓ ଆଦିବାସୀଙ୍କ ନାଁରେ ଶ୍ରମିକଙ୍କୁ ଠକିଥିବା ଅଭିଯୋଗ ହୋଇଛି । ଭୁବନେଶ୍ୱରର ଏକ ସଂସ୍ଥା ଟିଟିଲାଗଡ଼ ବ୍ଲକର ଆଦିବାସୀ ପରିବାରଙ୍କ ଜୀବିକା ବିକାଶ ନାମରେ ଦୁର୍ନୀତିରେ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି । ଆଦିବାସୀ ପରିବାରଙ୍କ ଉତ୍ଥାନ ପାଇଁ ଜଣେ ଦଳିତ ଏବଂ ଜଣେ ଓବିସି ବର୍ଗର ଶ୍ରମିକଙ୍କୁ ଶୋଷଣ ଚର୍ଚ୍ଚାର ବିଷୟ ହୋଇଛି । ଅଭିଯୋଗ କ୍ରମେ ଏକ ସଂସ୍ଥା ଟିଟିଲାଗଡ଼ ବ୍ଲକ ଅଦାବାହାଲ ପଞ୍ଚାୟତ ଚାଣ୍ଟିପଲା ଗ୍ରାମକୁ ଯାଇ ମୃତ୍ତିକା ବିହୀନ ପନିପରିବା ଚାଷ ଆରମ୍ଭ କରିଥିଲା । ଶ୍ରମିକ ଟଙ୍କଧର ମହାନନ୍ଦ ଏବଂ ଗିରିଧାରୀ ଭୋଇଙ୍କୁ ପନିପରିବା ନର୍ସରୀରେ ନିଯୁକ୍ତ କରିଥିଲା । ତେବେ ପ୍ରାୟ ୬ ମାସ କାମ କରିବା ପରେ ମଧ୍ୟ ଦୁଇ ଶ୍ରମିକଙ୍କୁ କୌଣସି ମଜୁରୀ ମିଳିଲା ନାହିଁ । ଶ୍ରମିକ ଦ୍ୱୟ ମଜୁରୀ ଟଙ୍କା ମାଗିବାରୁ ପ୍ରକଳ୍ପଟି ଗ୍ରାମର ମହିଳା ଗୋଷ୍ଠୀକୁ ହସ୍ତାନ୍ତର ହୋଇଥିବା ସମ୍ପୃକ୍ତ ସଂସ୍ଥା କହିଥିଲା । ଦୁଇ ଶ୍ରମିକ ନିଜ ପକ୍ଷରୁ ଖୁଣ୍ଟ, ବାଉଁଶ ଯୋଗାଡ଼ କରି ବଗିଚା ପାଇଁ ବାଡ଼ ତିଆରି କରିଥିଲେ । ପ୍ରତିଦିନ ଚାରାରେ ପାଣି ଦେବା ସହ ଯତ୍ନ କରିଆସୁଛନ୍ତି । ଏପରିକି ସମ୍ପୃକ୍ତ ସଂସ୍ଥା ନିମ୍ନମାନର ବିହନ ପ୍ରୟୋଗ କରିଥିବାରୁ ସବୁ ବିହନରୁ ଚାରା ବାହାରି ନାହିଁ । ସରକାରଙ୍କ ଆଦିବାସୀଙ୍କ ଜୀବିକା ଉପାର୍ଜନ ଯୋଜନା ନାମରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ବଲାଙ୍ଗୀର ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ହାଁସଦା ସନ୍ଦେହ ପ୍ରକଟ କରିଛନ୍ତି । ଅନ୍ୟପକ୍ଷରେ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଦ୍ୱୟ ଦୀର୍ଘ ମାସ ଧରି ପାଉଣାରୁ ବଞ୍ଚିତ ହେବା ନେଇ ଟିଟିଲାଗଡ଼ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତେବେ ଶ୍ରମିକ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ଖବର ପାଇ ସଂସ୍ଥାର ପ୍ରାୟ ୭/୮ ଜଣ ଅଧିକାରୀ କର୍ମଚାରୀ ପହଞ୍ଚି ଦୁଇ ଶ୍ରମିକଙ୍କୁ ପ୍ରଲୋଭିତ କରିଥଲେ । ସରକାର କର୍ମଚାରୀ ନିଯୁକ୍ତିଠାରୁ ଆରମ୍ଭ କରି ପ୍ରାୟ ସମସ୍ତ କ୍ଷେତ୍ରରେ ସ୍ୱେଚ୍ଛାସେବୀ ସଂସ୍ଥାକୁ ନିଯୁକ୍ତ କରୁଥିବା ବେଳେ ପାରଦର୍ଶିତାର ଅଭାବ ଦେଖାଦେଇଛି । କିଛି ଖଳ ଅଧିକାରୀ ତଥା ସ୍ୱେଚ୍ଛାସେବୀ ସଂସ୍ଥା ମାଲିକ ମାଲାମାଲ ହେଉଥିବା ଅଭିଯୋଗ ହୋଇଆସୁଛି । ତେବେ ଏ ନେଇ ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ତଦନ୍ତ ଆଦେଶ ଦେଇଥିବା କହିଛନ୍ତି ।



**● ଅଜିତଙ୍କ ହତ୍ୟାକାରୀଙ୍କୁ ଗିରଫ ଦାବି**

# ଏସ୍‌ଡିପିଓ ଅଫିସ ଘେରିଲେ ଶତାଧିକ ମହିଳା

**ବୀରମହାରାଜପୁର, ୨୮ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବାଘମାରୀ ଗାଁର ଅଜିତ ଖଣ୍ଡଗିରିକୁ ନିକଟସ୍ଥ ମେଣ୍ଢାମାଳ ଗାଁରେ ଗତ ୨ ମାସ ତଳେ ହତ୍ୟା କରାଯାଇଥିଲା । ଉକ୍ତ ମାମଲାରେ ୪ଜଣ ଗିରଫ ହୋଇଥିବା ବେଳେ ଆଉ ୩ ଜଣଙ୍କୁ ପୁଲିସ ଗିରଫ କରିନଥିବା ପ୍ରତିବାଦରେ ଆଜି ବୀରମହାରାଜପୁର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟକୁ ଦୀର୍ଘ ସମୟ ଧରି ବାଘମାରି ଗ୍ରାମର ଶତାଧିକ ମହିଳା ଘେରଉ କରିଥିଲେ । ଅନ୍ୟ ହତ୍ୟାକାରୀମାନଙ୍କୁ ଗିରଫ ନ କଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଶୁଣାଇଥିଲେ । ଆଜି ଏହି ଘେରଉରେ ମୃତ ଅଜିତଙ୍କ ବାପା ଭୁବନ ଖଣ୍ଡଗିରି, ମାଆ ଆରତୀ ଖଣ୍ଡଗିରି, ମାଇଁ ପ୍ରତିଭା ମହାକୁର, ଭଉଣୀ ରୁବିଙ୍କ ସମେତ ବାଘମାରି ଗ୍ରାମର ଶତାଧିକ ପୁରୁଷ ମହିଳା ସାମିଲ ହୋଇଥିଲେ । ଏହି ସମୟରେ ଆନ୍ଦୋଳନକାରୀଙ୍କ ସହ ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ, ଏସ୍‌ଡିପିଓ ହେମନ୍ତ ରାଓ ଆଲୋଚନା କରିଥିଲେ । ଆଲୋଚନା ବିଫଳ ହେବା ପରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକଙ୍କ ସହ ମୃତକର ମା' ଆରତୀ ଖଣ୍ଡଗିରି ଟେଲିଫୋନରେ କଥା ହେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୮ ରାତି ୯ଟା ୩୦ରେ ମେଣ୍ଢାମାଳଠାରେ ଅଜିତଙ୍କୁ ହତ୍ୟା କରାଯାଇଥିଲା । ଏସଂକ୍ରାନ୍ତରେ ବୀରମହାରାଜପୁର ଥାନାରେ ୨୯ ଅଗଷ୍ଟରେ ମାମଲା ରୁଜୁ ହୋଇଥିଲା ।



# ନୂଆପଡ଼ାର ଉନ୍ନତି ମୋର ଏକମାତ୍ର ସଂକଳ୍ପ:ସ୍ନେହାଙ୍ଗିନୀ







## ସ୍ନେହାଙ୍ଗିନୀଙ୍କୁ ଗାଁ ଗାଁରେ ସ୍ୱାଗତ

ନୂଆପଡା ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ଦଳର ରାଜନୈତିକ ପ୍ରଚାର ଜୋର ଧରିବାରେ ଲାଗିଛି। ସକାଳୁ ରାତି ୯ଟାଯାଏଁ ପ୍ରାୟତଃ ସମସ୍ତ ନେତା,କର୍ମୀଙ୍କ ରାଲି, ପଦଯାତ୍ରା ଗାଁରେ ଗାଁରେ ଦେଖିବାକୁ ମିଳୁଛି। ଏଥିରେ ବିଜେଡି ଦଳ ମଧ୍ୟ କମ ପଡିନାହିଁ। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନିଜର ମହିଳା ସମର୍ଥକଙ୍କ ସହ ଗାଁରୁ ସହର ପରିକ୍ରମା କରୁଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଦିନ ଗୋଟିଏ ଦିନରେ ୮ ପଞ୍ଚାୟତ ଗସ୍ତ କରି ୩୦ରୁ ଊର୍ଦ୍ଧ୍ୱ ଗାଁରେ ପ୍ରଚାର କରିଛନ୍ତି। ପୂର୍ବାହ୍ନରେ ପ୍ରଥମେ କୋମନା ବ୍ଲକ୍‌ର ମିଛାପାଲି ପଞ୍ଚାୟତର ବିଶି ବାହାଲ ଗାଁରୁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଝଗ୍ରାହୀ ପଞ୍ଚାୟତର ଖମ୍ବାହି, ମିଛାପାଲିର ସିଲେଟପାଣି, ରେଙ୍ଗାବାହାଲ, ଡୁମେରପାଣି, ଦର୍ଲିପଡା, କୁରୁମପୁରୀ ପଞ୍ଚାୟତର କୁରୁମପୁରୀ, କୁଶଦହନା,କାଶିପଲା, ପଲସିପାଣି, ବାଞ୍ଜିବାହାଲ, ସିଲଭା, ଗଡଗଡବାହାଲି, ବେଲପାଟି, ସାହାଜଟ, ପଟପରପାଲି,ଲଖନା ଏବଂ ଛିନପାଣି ଆଦି ଗାଁ ପରିକ୍ରମା କରିଥିଲେ। ତାଙ୍କ ସହ ଜିଲ୍ଲାର ସମସ୍ତ ପଦାଧିକାରୀ ସାମିଲ ହୋଇ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି।ସ୍ୱର୍ଗତ ଢୋଲକିଆ ବହୁ ଯୋଜନାକୁ ସଫଳ ଭାବେ କାର୍ଯ୍ୟକାରୀ କରିଥିଲେ। ଆଗକୁ ମଧ୍ୟ ବିଜେଡିକୁ ବହୁ କାମ କରିବାକୁ ରହିଛି।ଏଥର ତାଙ୍କୁ ଭୋଟ ଦେଇ ନବୀନଙ୍କ ମୁଠାକୁ ଟାଣ କରିବାକୁ ବିଭିନ୍ନ ସଭାରେ ସ୍ନେହାଙ୍ଗିନୀ ଆହ୍ୱନ କରିଛନ୍ତି।ସ୍ନେହାଙ୍ଗିନୀଙ୍କୁ ବିଭିନ୍ନ ଗାଁରେ ବାଜାବାଣ ବଜାଇ ସ୍ୱାଗତ କରୁଥିବା ବେଳେ ଗୋଡ ଧୋଇ ଘରକୁ ଘରକୁ ବୁଲାଇଥିବା ଦେଖାଯାଇଛି।

## ଖରିଆରରୋଡ ଏନ୍‌ଏସିରେ ପ୍ରଚାର



ନୂଆପଡ଼ାର ବିକାଶ ସଂକଳ୍ପ ନେଇ ଲୋକଙ୍କ ପାଖରେ ପହଞ୍ଚୁଥିବା ବିଜେଡି ପ୍ରାର୍ଥୀନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ମିଳୁଛି ସମର୍ଥନ।ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ ଧାରାକୁ ଖରିଆରରୋଡ଼ବାସୀ ଦେଉଛନ୍ତି ସ୍ୱୀକୃତି।

ମଙ୍ଗଳବାର ସକାଳେ ଖରିଆରରୋଡ ଏନ୍‌ଏସି ଠାରେ ଆୟୋଜିତ ସଭାରେ ସ୍ନେହାଙ୍ଗିନୀ ଛୁରିଆ ସ୍ଥାନୀୟ ଲୋକଙ୍କ ସହ ବେଶ କିଛି ସମୟ ଧରି ଫଳପ୍ରଦ ଆଲୋଚନା କରିଥିଲେ। ଖରିଆରରୋଡ଼ ଲୋକମାନେ ଛୁରିଆଙ୍କୁ ହୃଦୟପୂର୍ବକ ସ୍ୱାଗତ କରି ଆଗାମୀ ଉପନିର୍ବାଚନରେ ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ସ୍ନେହାଙ୍ଗିନୀ ଛୁରିଆ ଲୋକମାନଙ୍କ ଆଶା ଓ ଆକାଂକ୍ଷାକୁ ମର୍ମେ ମର୍ମେ ଶୁଣିବା ସହ ସବୁ ପରିସ୍ଥିତିରେ ଖରିଆରରୋଡ଼ବାସୀଙ୍କ ସହ ଅଟଳ ଭାବେ ଛିଡ଼ା ହେବା ପାଇଁ ଆଶ୍ୱାସନା ଦେଇଛନ୍ତି। ଅଞ୍ଚଳର ଉନ୍ନତି ସହିତ ପ୍ରତ୍ୟେକ ବର୍ଗରଲୋକଙ୍କ କଲ୍ୟାଣ ପାଇଁ ନିରନ୍ତର ଉଦ୍ୟମ କରିବେ ବୋଲି କଥା ଦେଇଥିଲେ। ବିଶେଷ କରି ଭିତ୍ତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତିକରଣ ଓ ଯୁବ ନିଯୁକ୍ତିକୁ ଗୁରୁତ୍ୱ ଦେବାରେ ଅବହେଳା କରିବେ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇ ସମର୍ଥନ ଲୋଡିଥିଲେ।



## ଏନ୍‌ଏସିରେ ପ୍ରଚାର ଜୋର ଧରୁଛି





ନୂଆପଡାରେ ଉପନିର୍ବାଚନୀ ତାତି ବଢିଲା ବେଳକୁ ବାତ୍ୟାଜନିତ ବର୍ଷା ବାତାବରଣକୁ ଥଣ୍ଡା କରି ଦେଉଛି। ମଙ୍ଗଳବାର ଦିନ ନୂଆପଡା ଏନ୍‌ଏସିରେ ଗୋଟିଏ ପଟେ ବର୍ଷା ଚାଲିଥିବା ବେଳେ ଅନ୍ୟପଟେ ପଦ୍ମପୁର ବିଧାୟିକା ବର୍ଷା ସିଂଙ୍କ ସହ ସମସ୍ତ ଦଳୀୟ ବରିଷ୍ଠ ପଦାଧିକାରୀ ଘୁରି ବୁଲୁଥିଲେ। ନବୀନଙ୍କ କାର୍ଯ୍ୟ ଧାରାକୁ ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ।ଏଥିରେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ୱାର୍ଡ ନମ୍ବର ୩,୪,୫,୭,୮ରେ ଘରକୁ ଘର ବୁଲି ପ୍ରଚାର କରିଥିଲେ।ତେଲିପଡ଼ା ଶିବ ମନ୍ଦିର ନିକଟରେ ରାଜନୈତିକ ସଭାରେ ସମସ୍ତ ପଦାଧିକାରୀମାନେ ଅଭିଭାଷଣ ରଖିଥିଲେ।ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଦମ, ଥାନେଶ୍ୱର ସୁନା, ଶାସ୍ୱତ ଯୋଷୀ, ଟିଙ୍କୁ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ନୂଆପଡ଼ାରେ ଚର୍ଚ୍ଚା
## ବିଜେଡି ମହାରଥୀଙ୍କ ଗହଣରେ ବସନ୍ତ ପଣ୍ଡା

ନୂଆପଡ଼ା,୨୮ ।୧୦(ସମିସ):ନୂଆପଡ଼ା ଉପନିର୍ବାଚନ ପାଇଁ ଘଡିକେ ଘୋଡା ଛୁଟୁଛି। କିଏ କୁଆଡେ ଯାଇଛି କେଉଁଠି କାହା ସାଥିରେ ବୁଲୁଛି ଲୋକେ ନଜରରେ ରଖିଛନ୍ତି। ନୂଆପଡ଼ା ବିଜେପିରେ ସବୁବେଳେ ଚର୍ଚ୍ଚାରେ ରହୁଥିବା ବସନ୍ତ କୁମାର ପଣ୍ଡାଙ୍କ ଏକ ଫଟୋକୁ ନେଇ ଚର୍ଚ୍ଚା ଜୋର ଧରୁଛି। କୁଆଡେ ତାଙ୍କର ପୁଅ ଅଭିନନ୍ଦନଙ୍କୁ ବିଜେପି ଟିକେଟ ନଦେବା ପରେ ଅନ୍ୟ ଦଳ ଉପରେ ନଜର ରଖିଛନ୍ତି କି ବୋଲି ରାଜନୈତିକ ବିଶେଷଜ୍ଞମାନେ ଆଲୋଚନା କରୁଛନ୍ତି। ସୂଚନାଯୋଗ୍ୟ ଯେ ନୂଆପଡ଼ା ସହର ତେଲିପଡା ଶିବମନ୍ଦିର ପୋଖରିରେ ବିହାରୀ ସମାଜ ତରଫରୁ ଛଟ୍ ପର୍ବ ପାଳନ କରିଛନ୍ତି। ସୋମବାର ସନ୍ଧ୍ୟାରେ ସମାଜର ଶତାଧିକ ପୁରୁଷ ମହିଳା ଯୋଗଦେଇ ଅସ୍ତ ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ସେହିଭଳି ମଙ୍ଗଳବାର ସକାଳେ ସୂର୍ଯ୍ୟୋଦୟ ବେଳର ସୂର୍ଯ୍ୟଙ୍କୁ ପୂଜା କରିଥିଲେ। ବର୍ତ୍ତମାନ ନୂଆପଡ଼ା ଉପନିର୍ବାଚନ ଚାଲିଥିବାରୁ ସବୁ ଦଳର ନେତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହିପରିପ୍ରେକ୍ଷୀରେ ବିଜେଡି ଦଳର ବିଧାୟକ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ,ଦେବୀପ୍ରସାଦ ମିଶ୍ର,ପ୍ରତାପ ଜେନା,ଅତନୁ ସତ୍ୟସାଚୀ ନାୟକ ପ୍ରମୁଖ ଯୋଗ ଦେଇଥିବା ବେଳେ ବିରୋଧି ବିଜେପି ଦଳର ପୂର୍ବତନ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ବସନ୍ତ କୁମାର ପଣ୍ଡା ମଧ୍ୟ ଆସି ଯୋଗ ଦେଇଥିଲେ। ସମାଜ ତରଫରୁ ବସନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଅତିଥିବର୍ଗଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ଏହି ଫଟୋ କ୍ରମେ ଭାଇରାଲ ହେବା ପରେ ବସନ୍ତ ପଣ୍ଡା ବିଜେଡି ସହ ହାତ ଲମ୍ୱାଉଛନ୍ତି କି ବୋଲି ଚର୍ଚ୍ଚା ଯୋର ଧରିଛି। ବିହାରୀ ସମାଜ ତରଫରୁ ମୁଖିଆ ସମ୍ଭୁ ପ୍ରସାଦ ଗୁପ୍ତା ଏହା କୌଣସି ରାଜନୈତିକ ସଭା ନଥିଲା ଅମେ ସମସ୍ତ ଦଳର ପଦାଧିକାରୀଙ୍କୁ ସ୍ୱାଗତ କରି ପରମ୍ପରା ଅନୁଯାୟୀ ପୂଜା କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି।



## ହୋମ୍ ଭୋଟିଂ ପାଇଁ ଅଧିକାରୀଙ୍କୁ ତାଲିମ

**ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ହୋମ୍ ଭୋଟିଂ ହେବ** | **ଜଣେ ବି ଭୋଟର ମତଦାନରୁ ବଞ୍ଚିତ ହେବେନି**

ନୂଆପଡା,୨୮ ।୧୦(ସମିସ):ନୂଆପଡା ବିଧାନସଭା ଉପନିର୍ବାଚନରେ ହୋମ ଭୋଟିଂ ପାଇଁ ନିଯୁକ୍ତ ପ୍ରିଜାଇଡିଂ ଅଫିସର,ଫାଷ୍ଟ ପୋଲିଂ ଅଫିସର ଓ ମାଇକ୍ରୋ ନିରୀକ୍ଷକମାନଙ୍କୁ ସ୍ଥାନୀୟ ସଭାବନା ସମ୍ମିଳନୀ କକ୍ଷରେ ତାଲିମ ପ୍ରଦାନ କରଯାଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଏପିଡି କ୍ଷମାନିଧି ଭୋଇ ଓ ନିର୍ବାଚନ ଡେପୁଟୀ କଲେକ୍ଟର ଶେଖ ନସିମ ଅଧିକାରୀଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ବିଷଦ ଭାବରେ ବୁଝାଇଥିଲେ।ସୂଚନାଯୋଗ୍ୟ ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୮୫ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୪୦ ପ୍ରତିଶତରୁ ଅଧିକ ଅକ୍ଷମତା ଥିବା ଦିବ୍ୟାଙ୍ଗ ମତଦାତାମାନେ ଏହି ସୁବିଧା ପାଇବେ। ଏହି ପ୍ରକ୍ରିୟାରେ ନିଜ ଘରେ ଥାଇ ସେମାନେ ନିଜ ମନ ପସନ୍ଦ ପ୍ରାର୍ଥୀଙ୍କୁ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ ଦେଇ ପାରିବେ।ଏଥିପାଇଁ ନିର୍ବାଚନ ସୂଚିତ ହେବା ପରେ,ଜଣେ ବୁଥସ୍ତରୀୟ ଅଧିକାରୀ ଫର୍ମ ୧୨ଡି ପ୍ରଦାନ କରିବା ପାଇଁ ପଞ୍ଜିକୃତ,ଯୋଗ୍ୟ ଭୋଟରଙ୍କ ଘରକୁ ଯାଆନ୍ତି। ପାଞ୍ଚ ଦିନ ମଧ୍ୟରେ ଏହି ଫର୍ମ ପୂରଣ କରି ବିଏଲଓଙ୍କ ନିକଟରେ ଦାଖଲ କରିବାକୁ ପଡେ। ଭୋଟର ତାଲିକା ପ୍ରକାଶନ ପରେ ଭୋଟରଙ୍କୁ ଏସଏମ୍‌ଏସ୍ କିମ୍ବା ପୋଷ୍ଟ ମାଧ୍ୟମରେ ମତଦାନ ଗ୍ରହଣ କରୁଥିବା ଦଳର ପରିଦର୍ଶନର ତାରିଖ ଏବଂ ସମୟ ବିଷୟରେ ସୂଚନା ଦିଆଯିବ। ନିର୍ଦ୍ଧାରିତ ତାରିଖରେ,ଜଣେ ସୁରକ୍ଷା ଅଧିକାରୀ ଏବଂ ଜଣେ ଭିଡିଓଗ୍ରାଫରଙ୍କ ସହିତ ମତଦାନ ଅଧିକାରୀଙ୍କ ଏକ ଦଳ ଭୋଟରଙ୍କ ବାସଭବନ ପରିଦର୍ଶନ କରିବେ।ଭୋଟଦାତା ଗୋପନୀୟ ଭାବରେ ପୋଷ୍ଟାଲ ବାଲଟ ବ୍ୟବହାର କରି ଭୋଟ ଦେବେ। ସ୍ୱଚ୍ଛତା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ସମଗ୍ର ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ପୋଲିଂ ଅଧିକାରୀମାନେ ପୋଷ୍ଟାଲ ବାଲଟ ସୁରକ୍ଷିତ ଭାବରେ ସଂଗ୍ରହ କରି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଦାଖଲ କରିବେ।ଏହି ପ୍ରକ୍ରିୟା ସମ୍ବନ୍ଧୀୟ ଅଧିକାରୀମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଧରୁଆ ଓ ଭୋଇ ରଖିଥିଲେ। ନୂଆପଡ଼ାରେ ୩୦ ଅକ୍ଟୋବରରୁ ୨ ନଭେମ୍ବର ଭିତରେ ଏହି ହୋମ ଭୋଟିଂ ହେବ। ଏହି ସୁବିଧାରୁ କେହି ଜଣେ ବି ଯୋଗ୍ୟ ମତଦାତା ଯେମିତି ବଞ୍ଚିତ ନ ହୁଅନ୍ତି ତାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ନୂଆପଡ଼ା ମହିଳାଙ୍କୁ ଶକ୍ତିହୀନକରି ସୁଭଦ୍ରା ଶକ୍ତି ସମାବେଶ :କଂଗ୍ରେସ

**'ସୁଭଦ୍ରା' ଶକ୍ତି ସମାବେଶ ନିର୍ବାଚନ ଆଚରଣ ବିଧିର ଉଲଂଘନ**

ନୂଆପଡ଼ା,୨୮ ।୧୦(ସମିସ)

ସୁଭଦ୍ରା ଶକ୍ତି ସମାବେଶ ଆୟୋଜନ କରି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଅଞ୍ଚଳବାସୀଙ୍କୁ ମିଛ କଥା କହୁଛନ୍ତି। ଉପନିର୍ବାଚନ ସମୟରେ ଏକ ସରକାରୀ ଯୋଜନାକୁ ବିଜେପି ଦଳ ନିଜ ଚିହ୍ନ ମାରି ସୁଭଦ୍ରା ଶକ୍ତି ସମାବେଶ କରୁଛି। କଂଗ୍ରେସ ଏହାକୁ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛି ବୋଲି ମଙ୍ଗଳବାର ନୂଆପଡ଼ା ସ୍ଥିତ ଖୁଣ୍ଟିଆ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ସୋନାଲି ସାହୁ ପ୍ରକାଶ କରିଛନ୍ତି।ସେ କହିଛନ୍ତି ସୁଭଦ୍ରା ଯୋଜନା ନାମରେ ଭୋଟ ଲୁଟ୍ କରିବା ବିଜେପିର ଏକ ଅଭ୍ୟାସରେ ପରିଣତ ହୋଇଗଲାଣି।

ନୂଆପଡା ଜିଲ୍ଲାରୁ କେବଳ ୨୦ ହଜାର ଛାତ୍ରୀଙ୍କୁ ସରକାର ସୁଭଦ୍ରା ଯୋଜନାରୁ ବଞ୍ଚିତ କରିଛି।ନୂଆପଡା ମହିଳାଙ୍କୁ ଶକ୍ତିହୀନ କରି ନୂଆପଡାରେ ସୁଭଦ୍ରା ଶକ୍ତି ସମାବେଶ କରିବାକୁ କେମିତି ଲଜ୍ୟା ଲାଗୁନି ଉପମୁଖ୍ୟମନ୍ତ୍ରୀ ପ୍ରତିଭା ପରିଡ଼ାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ରାସ୍ତା କଡରେ ବଡ଼ ହୋର୍ଡିଂ,ବସ୍‌ରେ, ଅଟୋରେ ଚାରିଆଡେ ଦାନ୍ତ ଦେଖେଇ ପୋଷ୍ଟର ମାରି ପ୍ରତାରଣା କରୁଛନ୍ତି। ଅନ୍ୟତମ ମୁଖପାତ୍ର ଡ.ମନିଷା ଦାସ ପଟ୍ଟନାୟକ କହିଥିଲେ ଶାସକ ଦଳ ନିର୍ବାଚନ ଆଚରଣ ବିଧିର ଖୋଲା ଖୋଲି ଉଲଂଘନ କରୁଛନ୍ତି। ଖୋଦ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସରକାରୀ ସୁଭଦ୍ରା ଯୋଜନାକୁ ମହିଳାଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର କରିଛନ୍ତି। ଖାଲି ସେତିକି ନୁହେଁ ନିଜର ଦଳୀୟ ପ୍ରଚାର ପ୍ରସାର ପାଇଁ ଲୋକ ସମ୍ପର୍କ ବିଭାଗକୁ ମଧ୍ୟ ଲଗାଇଛନ୍ତି।ତେଣୁ ସରକାର ଏହାର ଜବାବ୍ ରଖିବା ପାଇଁ ସେ ଦାବି ରଖିଛନ୍ତି। ସାମ୍ବାଦିକ ସମ୍ମିଳନୀକୁ ସଂଯୋଜନା କରିଥିଲେ ନୂଆପଡ଼ା କଂଗ୍ରେସ କମିଟି ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ର।




**'ସୁଭଦ୍ରା' ଯୋଜନାରୁ କଟିଲା ନୂଆପଡ଼ାର ୨୦ ହଜାର ଛାତ୍ରୀଙ୍କ ନାମ**

**● ଅବକାରୀ ବିଭାଗ ପକ୍ଷରୁ ତଲାସୀ ଅଭିଯାନ**

## ୫ ବାଇକ୍,ଚାରିଚକିଆ ଯାନ ସହ ଅବକାରୀ ସାମଗ୍ରୀ ଜବତ

ନୂଆପଡା,୨୮ ।୧୦(ସମିସ):ନୂଆପଡା ଉପନିର୍ବାଚନ ପାଇଁ ଅବକାରୀ ବିଭାଗ ତରଫରୁ ବ୍ୟାପକ ତଲାସୀ ଅଭିଯାନ ଚାଲିଛି।ଗତ ୨୭ ତାରିଖରେ ବିଭାଗୀୟ ଅଧିକାରୀ ଯାଞ୍ଚ କରି ୨୪୦ଲିଟର ହାତରନ୍ଧା ମଦ, ,୫୪.୮ଲିଟର ବାହାର ଭାଟି ମଦ ଏବଂ ୫୧୦୦ କେଜି ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୩ଲକ୍ଷ ୧୬ ହଜାର ୭୦୦ଟଙ୍କା ହେବ।ଅଦ୍ୟାବଧି ଅବକାରୀ ବିଭାଗ ୬୯ଲି ବିଅର, ୩୮ଲି ବିଦେଶୀ ମଦ,୪୬୬୫ଲିଟର ହାତରନ୍ଧା ମଦ,୧୧୨୫ଲି ବାହାର ଭାଟି ମଦ,୨୬ କେଜି ଗଞ୍ଜେଇ, ୧୪ ଲିଟର କଫ ସିରପ୍ ଏବଂ ୧୧୧୩୫୦କେଜି ମହୁଲ ପୋଚ ଜବତ କରିଛନ୍ତି।ଏସବୁର ଆନୁମାନିକ ମୂଲ୍ୟ ୭୯ ଲକ୍ଷ ୫୨ହଜାର ୬୪୨ ଟଙ୍କା ହେବ। ଏହା ସହିତ ପାଞ୍ଚଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛନ୍ତି।ବର୍ତ୍ତମାନ ସୁଦ୍ଧା ୧୫୧ଟି ଅବକାରୀ କେଶ ରୁଜୁ ହୋଇଛି ଓ ୯୦ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଅଧିକ୍ଷକ ଜଣାଇଛନ୍ତି। ନିର୍ବାଚନ ସମୟରେ ବେଆଇନ୍ ଅବକାରୀ ସାମଗ୍ରୀ ଚାଲାଣ ଓ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ନିୟୋଜିତ ସମସ୍ତ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।



# ମହାବାତ୍ୟାରେ ଚାଲିଚାଲି କଟକରୁ ବାଲେଶ୍ୱର

**ବାଲେଶ୍ୱର, ୨୮।୧୦ (ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି)**: "ହଁ... ହଁ... ସେତେବେଳକୁ ମୋତେ ୨୧ବର୍ଷ। କ'ଣ ଗୋଟାଏ ବାତ୍ୟା ହବ ବୋଲି ରେଡିଓ ବାରମ୍ବାର କହୁଥିଲା। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ମୋ' ପାଇଁ ଜରୁରୀ ଥିଲା। ଗୋଟାଏ ସାହସରେ ମାଡ଼ି ଆସିଲି ଗଞ୍ଜାମରୁ...। କିନ୍ତୁ ବାଟରେ ଏମିତି ଦଶା ଭୋଗିବି ବୋଲି ସ୍ୱପ୍ନରେ ବି ଭାବି ନଥିଲି। କୁରୁକ୍ଷେତ୍ରରେ ମହାଭାରତ ଯୁଦ୍ଧକୁ ଯେମିତି ପ୍ରତ୍ୟକ୍ଷ ଭାବେ 'ବେଲାଳସେନ' ଦେଖିଥିଲା, ମୋର ବି ମହାବାତ୍ୟାକୁ ଦେଖିବା ଅନୁଭୂତି ସେଇ ପାଖାପାଖି...। ବାତ୍ୟା ଚାଲିଥାଏ, ମୁଁ ବି ଚାଲୁଥାଏ। ଫରକ୍ ଏତିକି; ତାକୁ କାହାର ଭୟ ନଥାଏ, ଆଉ ମୁଁ ପ୍ରତି ମୂହୁର୍ତ୍ତରେ ଭୟରେ ମରୁଥାଏ।" ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ ମହାବାତ୍ୟାକୁ ଅଙ୍ଗେ ନିଭାଇଥିବା ଏମିତି ଜଣେ ବ୍ୟକ୍ତି ହେଉଛନ୍ତି, ବାଲେଶ୍ୱର ସହର ଟୁଲଙ୍ଗସାହିରେ ରହୁଥିବା ସୁବୋଧ ଚନ୍ଦ୍ର ପଣ୍ଡା (୪୯)। ବାତ୍ୟାକୁ ୨୬ବର୍ଷ ପୂରିବା ଅବସରରେ 'ସକାଳ'କୁ ସେ ସେହି ଅଭିଶପ୍ତ ଦିନର ଅଭୁଲା ଓ ଅଲୋଡ଼ା ସ୍ମୃତି କହିବା ବେଳେ ତାଙ୍କ ଲୋମ ବାରମ୍ବାର ଟାଙ୍କୁରି ଉଠୁଥିଲା। ମହାବାତ୍ୟା ଦିନ ସୁବୋଧ ବାଲେଶ୍ୱର ଆସିବା ପାଇଁ ଗଞ୍ଜାମରୁ ବାହାରିଥିଲେ। କିନ୍ତୁ ବାଲେଶ୍ୱରରେ ପହଞ୍ଚିବା ବେଳକୁ ତାଙ୍କୁ ୩ ଦିନ ଲାଗିଗଲା। ବାଟସାରା ବାତ୍ୟାର କରାଳ ରୂପ, ତାଣ୍ଡବ ଦେଖି ତାଙ୍କ ଦେହରୁ ଅଧାରକ୍ତ ଶୁଖିଗଲା ଭଳି ତାଙ୍କୁ ଅନୁଭୂତ ହୋଇଥିଲା।



ବାଟ ସାରା ତାଣ୍ଡବର ସାକ୍ଷୀ ସାଜିଥିଲେ ସୁବୋଧ

ସୁବୋଧ କହନ୍ତି, ଗଞ୍ଜାମରେ ମୋ ମାମୁଁଘର, ଗୋସେଇଁ ବାପାଙ୍କ ଘର। ସେଠାରେ ବଡ଼ବାପା ରହନ୍ତି। ମୁଁ ସେତେବେଳେ ଗଞ୍ଜାମ ଯାଇଥିଲି। ଗଞ୍ଜାମରୁ ଜେଜେବାପାଙ୍କୁ ନେଇ ବାହାରିଥିବା ବେଳେ ବର୍ଷା ଆରମ୍ଭ ହୋଇଯାଇଥିଲା। ବଡ଼ବାପା ରାଜି ନହେବାରୁ ଏକୁଟିଆ ବାହାରି ଆସିଲି। ଗଞ୍ଜାମରୁ ବସ୍‌ରେ ଭୁବନେଶ୍ୱର ଯାଏଁ ଆସିଲି। ବସ୍ ଖୋର୍ଦ୍ଧା ଛୁଇଁବା ବେଳକୁ ପବନର ବେଗ ଉଗ୍ର ହୋଇସାରିଥିଲା। ତେଣୁ, ଭୁବନେଶ୍ୱରରେ ପହଞ୍ଚିବା ପାଇଁ ୨୪ ଘଣ୍ଟା ଲାଗିଗଲା। ସେତେବେଳକୁ ଭୁବନେଶ୍ୱର ପାଣିରେ ବୁଡ଼ିଲା ଭଳି। ସେଠୁ କଟକ କଷ୍ଟେମଷ୍ଟେ ବି ପଳାଇ ଆସିଲି। ବାଲେଶ୍ୱର ଯିବା ପାଇଁ ଗୋଟିଏ ବସ୍ ଧରିଲି। କିନ୍ତୁ ବର୍ଷା, ପବନ ଦେଖି ବସ୍ ମଙ୍ଗୁଳିଠାରୁ ଆଉ ଆଗକୁ କଲାନି। ବାଧ ହୋଇ କିଛି ଲୋକ ଏକାଠି ହୋଇ ସେଇଠୁ ଚାଲିଚାଲି ଆଗକୁ ବଢ଼ିବା ଆରମ୍ଭ କଲୁ। ପବନର ବେଗ ଏତେ ଅଧିକ ଥିଲା ଯେ ଆମକୁ ବାରମ୍ବାର ରାସ୍ତାକଡ଼କୁ ଠେଲି ନେଉଥିଲା। ପାଖରେ ଟଙ୍କା ଥିଲା, ହେଲେ ଖାଦ୍ୟ କି ପାଣି ମିଳୁନଥିଲା। ବର୍ଷା ପାଣି ପିଇ ପିଇ ଆଗକୁ ଚାଲିଲୁ। ଛତିଆ ପାଖରେ ଜାତୀୟ ରାଜପଥରେ ଗଛ ପଡ଼ି ରାସ୍ତା ବନ୍ଦ ହୋଇଯାଇଥିଲା। ସେତେବେଳକୁ ରାତି ହୋଇଗଲାଣି। ତେଣୁ ଆଉ କିଛି ଉପାୟ ନ ପାଇ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ ବସ୍‌ରେ ରାତି କଟେଇଲି। ଧୀରେଧୀରେ ବର୍ଷା ଥମିଯାଇଥିଲା। ସକାଳୁ ପୁଣି ବାହାରିଲି। ରାସ୍ତାରେ ବିସ୍କୁଟ, ସେଓ ଆଦି ଗାଡ଼ିରୁ ସବୁ ଯାହା ପାଇଲୁ ଖାଇଲୁ। ଏମିତି ଚାଲିଚାଲି ମୁଁ ଜାମୁଝାଡ଼ି ପହଞ୍ଚିଗଲି। ସେଠାରେ ଆମକୁ ଚାଉଳ ମିଳିଥିଲା। ଆମେ ବହୁତ କଷ୍ଟରେ ହାଣ୍ଡି, କଡ଼େଇ ଯୋଗାଡ଼ କରି ଭାତ ତିଆରି କରି ଖାଇଥିଲୁ। ଅନ୍ୟ କିଛି ଲୋକଙ୍କୁ ଖାଇବାକୁ ବି ଦେଇଥିଲୁ। ଜାମୁଝାଡିରୁ ବାଲେଶ୍ୱରକୁ ଯିବା ପାଇଁ ରାସ୍ତା ବନ୍ଦ ଥିଲା। ସେତେବେଳେ ସାବିରା ରେଲୱେ ଟ୍ରାକ୍ ଦେଇ ଚାଲିଚାଲି ସୋରରୁ ସିଧା ଏକ ବସ୍‌ରେ ବସି ମୁଁ ଆଇଟିଆଇ ଛକରେ ଓହ୍ଲାଇଲି। ମୋତେ ଦେଖି ମୋର ସାଙ୍ଗସାଥୀ ଚମକି ପଡ଼ିଲେ। ଏତେ ଦିନ ପରେ ଚାଲିଚାଲି ଆସିଛି। ମୁଁ ସିଧା ଘରକୁ ଗଲି। ମା' ମୋତେ ଦେଖି କାନ୍ଦି ପକାଇଲା। ବାଲେଶ୍ୱର ସହର ଏତେ କିଛି ପ୍ରଭାବିତ ହୋଇନଥିଲା। ମୁଁ ବାଲେଶ୍ୱର ପହଞ୍ଚିଲା ବେଳକୁ ଅକ୍ଟୋବର ମାସ ସରି ଯାଇଥାଏ। ସେତେବେଳେ ଯୋଗାଯୋଗ ପାଇଁ ଫୋନ୍ ବି ନଥିଲା। ଏହା ମୋ ପାଇଁ ସବୁବେଳେ ଏକ ଅବର୍ଣ୍ଣନୀୟ ଅନୁଭୂତି ହୋଇ ରହିବ।

## ମହାବାତ୍ୟାକୁ ପୂରିଲା ୨୬ ବର୍ଷ

# କ୍ଷତ ଶୁଖିଛି; ଚିହ୍ନ ଯାଇନି





**ଜଗତସିଂହପୁର, ୨୮।୧୦ (ଶଶାଙ୍କ ଶେଖର ପଣ୍ଡା)**: ପ୍ରକୃତିର ତାଣ୍ଡବ ଆଗରେ ମଣିଷ ଯେ କେତେ ଅସହାୟ, ତାହା ୧୯୯୯ ମସିହାର ମହାବାତ୍ୟା ଓଡ଼ିଶାବାସୀଙ୍କୁ ଦେଖାଇ ଦେଇଥିଲା। ପ୍ରକୃତିର ସେହି କରାଳ ରୂପକୁ ଆସନ୍ତାକାଲି (ବୁଧବାର) ୨୬ବର୍ଷ ପୂରୁଛି। ଓଡ଼ିଶାବାସୀ ବିଶେଷକରି, ସର୍ବାଧିକ ପ୍ରଭାବିତ ହୋଇଥିବା ଜଗତସିଂହପୁର ଜିଲ୍ଲାବାସୀଙ୍କ ମନରୁ ଏ କ୍ଷତ ଶୁଖିଯାଇଛି ସତ, କିନ୍ତୁ ଏବେ ବି ତା'ର ଚିହ୍ନ ସତେଜ ଅଛି। ମା' କୋଳରୁ ପିଲା, ସ୍ୱାମୀ ଆଖି ଆଗରେ ସ୍ତ୍ରୀ ତ କାହାର ପୂରା ପରିବାରକୁ ନିଶ୍ଚିହ୍ନ କରିଦେଇଥିଲା ମହାବାତ୍ୟା।

ଏହି ପ୍ରଳୟଙ୍କରୀ ମହାବାତ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଥିଲା ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ୍ ଅଞ୍ଚଳ। ପୋକମାଛି ପରି ହଜାର ହଜାର ମଣିଷ ଓ ଗୃହପାଳିତ ପଶୁ ଜୀବନ ହରାଇଥିଲେ ଏହି ବିପର୍ଯ୍ୟୟରେ। ଯୁଆଡ଼େ ଦେଖିବ, ଖାଲି କୁଢ଼କୁଢ଼ ଶବ। ଏରସମା ଅଞ୍ଚଳ ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ବ୍ଲକ୍‌ର ଜପା ପଞ୍ଚାୟତର ଦହିବର ଗାଁ ଲୋକ ଏବେ ବି ସେହି ଅଭିଶପ୍ତ ମସିହା (୧୯୯୯)ର ନାଁ ଶୁଣିଲେ, ସେମାନଙ୍କ ଲୋମ ଟାଙ୍କୁରି ଉଠେ। ମହାବାତ୍ୟାରେ ଏହି ଗାଁର ସର୍ବାଧିକ ୫୮୭ ଜଣ ଲୋକ ପ୍ରାଣ ହରାଇଥିଲେ। ଏପରିକି, କେତେକ ପରିବାରରୁ ୧୦ରୁ ୧୨ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ କିଛି ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲା। କେବଳ ଦହିବର ନୁହେଁ, ଏରସମା ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ତାଣ୍ଡବ ରଚିଥିଲା ଏହି ପ୍ରଳୟଙ୍କରୀ ମହାବାତ୍ୟା। ସରକାରୀ ହିସାବରେ ୧୦ ହଜାର ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଥିବା ବେଳେ ପ୍ରକୃତରେ କିନ୍ତୁ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ ଥିଲା ବୋଲି କୁହନ୍ତି ସ୍ଥାନୀୟ ଲୋକେ।

ମହାବାତ୍ୟାର ୨୬ବର୍ଷ ପରେ ଦହିବର ଗାଁ ସହିତ ସମଗ୍ର ଏରସମା ଅଞ୍ଚଳରେ ଅନେକ ବିକାଶ ଘଟିଛି ସତ, ହେଲେ ଆଜି ମଧ୍ୟ ଏଭଳି କେତେକ ପରିବାର ରହିଛନ୍ତି, ଯେଉଁମାନଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘରଟିଏ ନାହିଁ। ମାଳମାଳ ଯୋଜନା ସତ୍ତ୍ୱେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ହୋଇପାରି ନଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆଜି ମଧ୍ୟ ଏହି ଅଞ୍ଚଳରେ ବର୍ଷା ଦିନେ ଛାତ୍ରଛାତ୍ରୀମାନେ ଡଙ୍ଗାରେ ବସି ବିଦ୍ୟାଳୟକୁ ଯାଉଛନ୍ତି। ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନ କେବଳ ମହାବାତ୍ୟାର ସ୍ମୃତିଚାରଣ କରି ନିଜର ପରାକାଷ୍ଠା ଦେଖାଉଥିବା ବେଳେ ଏବେ ମଧ୍ୟ ଅନେକ ପରିବାର ସଠିକ ଭାବେ ସେମାନଙ୍କର ମୌଳିକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି।

## ଭିଟାମାଟିରୁ ବେଦଖଲ କରିଦେଲା

# ହଜିଗଲା ଉଦୟକଣୀ, ଛେନୁଅର ଠିକଣା



୧୯୯୯ ମସିହା ଅକ୍ଟୋବର ୨୯। ଏହି ଦିନ ଓଡ଼ିଶା ଇତିହାସରେ ସବୁଠାରୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ଆସିଥିଲା। ଓଡ଼ିଶା ମାଟିରେ ପ୍ରଳୟ ରଚିଥିଲା ମହାବାତ୍ୟା। ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଉପକୂଳ ଓଡ଼ିଶା। ଯଦିଓ ଜଗତସିଂହପୁର ଜିଲ୍ଲାରେ ସର୍ବାଧିକ କ୍ଷତି ଘଟିଥିଲା, ପୁରୀ ଜିଲ୍ଲାରେ ମହାବାତ୍ୟାର ତାଣ୍ଡବ କିଛି କମ୍ ନ ଥିଲା। ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ଅସ୍ତରଙ୍ଗ ବ୍ଲକର ସମୁଦ୍ର ତଟବର୍ତ୍ତୀ ଶିଶୁଅ ପଞ୍ଚାୟତ। ମହାବାତ୍ୟାରେ ଧନଜୀବନ ହାନୀର ତାଲିକା ତ ବେଶ୍ ଲମ୍ବା। ହେଲେ ଏହି ବିଭୀଷିକାର ଆଁ ଭିତରେ ହଜିଯାଇଥିଲା ଦୁଇଟି ଗାଁ ଉଦୟକଣୀ ଆଉ ଛେନୁଅର ଠିକଣା। ବଦଳି ଯାଇଥିଲା ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ନକ୍ସା। ଆଉ ପୁରୁଷ ପୁରୁଷ ଧରି ରହୁଥିବା ଭିଟାମାଟିରୁ ବେଦଖଲ କରିଦେଇଥିଲା 'ମହାବାତ୍ୟା'।

**ପୁରୀ, ୨୮।୧୦(ହେମନ୍ତ ନାୟକ)**: ୧୯୯୯ ମସିହା ଅକ୍ଟୋବର ୨୯ ତାରିଖ। ଠିକ୍ ଆଜିର ଦିନରେ ଓଡ଼ିଶା ଉପକୂଳରେ ପ୍ରକୃତି ଉଜାଡ଼ିଥିଲା ଅନେକ କିଛି। ସେଦିନ ବଙ୍ଗୋପସାଗରରୁ ହୁ' ହୁ' ହୋଇ ମାଡ଼ି ଆସିଥିଲା ପ୍ରଳୟ। ଘର ଉଡ଼ାଇଲା, ଗାଁ ବୁଡ଼ାଇଲା, ଲିଭିଗଲା ଚିହ୍ନ ବର୍ଣ୍ଣ। କିଏ ନିଜ ପୁଅଝିଅକୁ ହରାଇଲେ ତ ଆଉ କିଏ ସମ୍ପୂର୍ଣ୍ଣ ପରିବାରକୁ ହରାଇ କୋଳଶୂନ୍ୟ ହୋଇଗଲେ। ଅନେକ ବାପା-ମା' ଛେଉଣ୍ଡ ହୋଇଗଲେ, ପୁଣି କାହା ମଥାରୁ ସିନ୍ଦୂର ପୋଛିଦେଲା ମହାବାତ୍ୟା। ଏହି ସାମୁଦ୍ରିକ ଝଡ଼ କେବଳ ପ୍ରାଣ ନେଇ ନଥିଲା ଘରଦ୍ୱାର, ରାସ୍ତାଘାଟ ସବୁ କିଛି ଛାରଖାର୍ କରିଦେଇଥିଲା। ଓଡ଼ିଶାର ଭୂଗୋଳ ବଦଳାଇ ଦେଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ ବର୍ଷ ବିତିଯାଇଛି। କିନ୍ତୁ ପଛରେ ଛାଡ଼ି ଦେଇଯାଇଛି ଅନେକ ଦୁଃଖର ଦାଗ ଆଉ ଅଲୋଡ଼ା ସ୍ମୃତିର ଚିହ୍ନ। ଆଜି ବି ସେ ଦିନର କଥାକୁ ମନେ ପକାଇଲେ ଅନେକଙ୍କ ଲୋମ ଟାଙ୍କୁରି ଉଠୁଛି। କୋହରେ ଛାତି ଭରିଯାଉଛି। ୧୯୯୯ ମହାବାତ୍ୟା ପୁରୀ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ୨୦୪ଟି ପଞ୍ଚାୟତର ୧,୭୧୪ଟି ଗାଁର ୧୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିଲେ। ୧,୬୨,୦୦୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା ବେଳେ ୧,୩୪,୮୪୧ଟି ଘର ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା। ୩୦୧ଜଣଙ୍କ ଜୀବନ ନେଇଯାଇଥିଲା ମହାବାତ୍ୟା।

ତେବେ ସମୁଦ୍ର କୂଳବର୍ତ୍ତୀ ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଏହି ଦୁଇ ବ୍ଲକ୍‌ରୁ ୨୧୬ ଜଣଙ୍କ ଜୀବନ ଚାଲି ଯାଇଥିଲା। ଇତିମଧ୍ୟରେ ମହାବାତ୍ୟାକୁ ୨୬ବର୍ଷ ପୂରିଛି। ଏବେ ବି ଅସ୍ତରଙ୍ଗ ବ୍ଲକ୍‌ର ଏମିତି କିଛି ଗାଁ ଅଛି ଯେଉଁଠି ମହାବାତ୍ୟାର ଚିହ୍ନ ତାଜା ହୋଇ ରହିଛି। ଅସ୍ତରଙ୍ଗ ବ୍ଲକ୍ ଶିଶୁଅ ପଞ୍ଚାୟତର ଉଦୟକଣୀ ଓ ଛେନୁଅ ଗାଁ। ଏବେ ବି ବାତ୍ୟା କଥା ଶୁଣିଲେ ଏହି ଦୁଇ ଗାଁ ଲୋକଙ୍କ ମନରେ ଛନକା ପଶେ। ୧୯୯୯ ମହାବାତ୍ୟାର କରାଳ ରୂପକୁ ଏମାନେ ଅତି ପାଖରୁ ଦେଖିଥିଲେ। ସୁଁ ସୁଁ ଗର୍ଜନ କରି ମାଡ଼ି ଆସିଥିଲା ସମୁଦ୍ର। କ'ଣ କରିବେ, କୁଆଡ଼େ ଯିବେ, ଜାଣିପାରିନ ଥିଲେ ସମୁଦ୍ର ତଟବର୍ତ୍ତୀ ଏହି ଦୁଇ ଗାଁର ଲୋକେ। ଜୀବନ ବଞ୍ଚାଇବାକୁ ଯାଇ ଘରଦ୍ୱାର ସବୁ ଛାଡ଼ି ପିଲାଛୁଆଙ୍କୁ ଧରି ଚାଲିଯାଇଥିଲେ। ହେଲେ ଆଉ ସେଠାକୁ ଫେରିବାକୁ ସାହସ କରି ନ ଥିଲେ। କାରଣ ଯେଉଁଠି ସେମାନଙ୍କର ଘର ଥିଲା, ମନ୍ଦିର ଥିଲା, ଜୀବନଜୀବିକା ନେଇ ବଞ୍ଚୁଥିଲେ, ତାହାକୁ ଉଜାଡ଼ି ଦେଇଥିଲା ମହାବାତ୍ୟା। ଭସାଇ ନେଇଥିଲା ସେମାନଙ୍କ ତେଲଲୁଣର ସଂସାର। ସମୁଦ୍ର ଢେଉରେ ଉଦୟକଣୀ ଓ ଛେନୁଅ ଗାଁ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିଲା। ଛେନୁଅ ଗାଁର ଚିହ୍ନବର୍ଣ୍ଣ ନ ଥିବା ବେଳେ କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ଏବେ ବି ବାତ୍ୟାର କଥା ମନେ ପକାଇଦେଉଛି।



ଛେନୁଅ ଗାଁର ସ୍ମୃତି...
କେବଳ କେଉଁ ଏକ ଘର ମୂଳଦୁଆର ମାଟିକାନ୍ଥ ରହିଛି



ଉଦୟକଣୀର ମା' ବାଟୁଲେଇଙ୍କ ମନ୍ଦିର

ମହାବାତ୍ୟା ପରେ ଛେନୁଅ ଗାଁ ଯେଉଁଠିକୁ ସ୍ଥାନାନ୍ତର ହୋଇଥିଲା, ତାହା ବି ସେମାନଙ୍କ ସ୍ଥାୟୀ ଠିକଣା ହୋଇ ରହିପାରିଲା ନାହିଁ। ସମୁଦ୍ର ଜୁଆର ଭୟ ଦେଖାଇବାରୁ ଚିତ୍ରେଶ୍ୱରୀ ପିଆର୍‌ଏଫ୍ ନଡ଼ିଆ ମଠ ବିଟ୍ ପାଖ ଜଙ୍ଗଲ ଜମିକୁ ଉଠିଯାଇଛନ୍ତି ଏହି ଗାଁ ଲୋକେ। ସେହିପରି ଉଦୟକଣୀ ବି ସ୍ଥାନାନ୍ତର ହୋଇଛି। ଗାଁ ଥିବା ପୂର୍ବ ସ୍ଥାନରେ ଏବେ କେବଳ ମା' ବାଟୁଲେଇଙ୍କ ମନ୍ଦିର ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହି ମନ୍ଦିର ଦେଖିଲେ ମହାବାତ୍ୟାର କରାଳ ରୂପ ମନେ ପଡ଼ିଯାଏ। ନିଜ ଭିଟାମାଟିକୁ ଦେଖିଲେ ଉଦୟକଣୀ ଆଉ ଛେନୁଅ ଗାଁ ଲୋକଙ୍କ ଆଖିରେ ଏବେ ବି ଲୁହ ଜକେଇ ଆସୁଛି।

ମହାବାତ୍ୟା ପରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଅସ୍ତରଙ୍ଗ ବ୍ଲକ୍‌ରେ ସର୍ବାଧିକ ୩୭, କାକଟପୁର ୨୩, ଗୋପରେ ୩୪, କୋଣାର୍କରେ ୨, ପୁରୀ ସଦରରେ ୧୭, ନିମାପଡ଼ାରେ ୯, ପେଣ୍ଠକଟାରେ ୬, କଣାସରେ ଗୋଟିଏ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ରକ୍ଷଣାବେକ୍ଷଣ ଓ ସଚେତନତା ଅଭାବରୁ ଅନେକ ବାତ୍ୟା ଆଶ୍ରୟସ୍ଥଳୀର ଅବସ୍ଥା ଧୀରେଧୀରେ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଲାଣି। ଏଗୁଡ଼ିକର ମରାମତି ହେବା ଆବଶ୍ୟକ ହୋଇପଡ଼ିଛି। ମହାବାତ୍ୟାର ୨୬ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳ ଅଞ୍ଚଳର ରଙ୍ଗ ବଦଳି ଯାଇଛି ସତ, କିନ୍ତୁ ଏବେ ବି ଅନେକ ଗାଁରେ ସତେଜ ରହିଛି ମହାବାତ୍ୟାର ତାଣ୍ଡବର ଚିହ୍ନ।

# ଏବେ ବି ଗୁମୁରି କାନ୍ଦୁଛି ଅସ୍ତରଙ୍ଗ

**ଅସ୍ତରଙ୍ଗ, ୨୮।୧୦(ସମୀର କର)**: ୧୯୯୯ ମସିହା ପ୍ରଳୟଙ୍କାରୀ ମହାବାତ୍ୟାର ୨୬ ବର୍ଷ ପରେ ପୁରୀ ଜିଲ୍ଲା ଉପକୂଳର ସର୍ବାଧିକ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଅଞ୍ଚଳର ଚିତ୍ର ଅନେକ ବଦଳିଛି। ହେଲେ ସେହି ପ୍ରଳୟଙ୍କରୀ ମହାବାତ୍ୟାର ବିଭୀଷିକା କଥା ମନେ ପଡ଼ିଲେ ଆଜି ବି ସ୍ଥାନୀୟ ଅଞ୍ଚଳର ବିପନ୍ନମାନଙ୍କ ଆଖିରେ ଲୁହ ଆସିଯାଉଛି।



ନିଜ ଝିଅ, ବାପାଙ୍କୁ ହରେଇଥିବା ସୁଦିକେଶ୍ୱର ଗ୍ରାମର ବିଶ୍ୱାଳ ଦମ୍ପତି

ପୁରୀ ଜିଲ୍ଲାରେ ସମୁଦାୟ ୩୦୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ୨୧୬ଜଣଙ୍କର ମୃତ୍ୟୁ ହୋଇଥିଲା। ଆଖି ଆଗରେ ସ୍ୱାମୀ, ପୁଅ, ଝିଅ, ଶଶୁର, ଯାଆଙ୍କୁ ହରେଇ ୨୬ବର୍ଷ ହେଲାଣି ଲୁହ ଝରେଇ ଏକାକୀ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ମଧୁପୁର ଗ୍ରାମର କଳ୍ପନା ବେହେରା।

କଳ୍ପନା ଓ ତାଙ୍କ ପରିବାର ସମୁଦ୍ରକୂଳ ତାଣ୍ଡାରେ ଗାଈଗୋରୁ ରଖି ମାଛମାରି ପରିବାର ପ୍ରତିପୋଷଣ କରୁଥିଲେ। ମହାବାତ୍ୟାରେ ସମୁଦ୍ର ପାଣି ହଠାତ୍ ମାଡ଼ି ଆସିଲା। ପରିବାରର ୭ ଜଣ ଲୋକ ଜୀବନ ବଞ୍ଚାଇବାକୁ ଗାଁକୁ ଆସିବା ସମୟରେ ନଦୀରେ ସୁ ସୁ ଗର୍ଜନ କରୁଥିବା ଭୟଙ୍କର ଜୁଆର ପାଣିରେ ସ୍ୱାମୀ ବୁଦ୍ଧେଶ୍ୱର, ୨ ବର୍ଷର ପୁଅ ଟାଇଗର, ୮ ମାସର ଝିଅ ପୁଷ୍ପା, ଶଶୁର ଲୋକନାଥ ଓ ତାଙ୍କ ଯାଆ ଝାମ୍ପ ବେହେରା ଭାସିଯାଇ ପ୍ରାଣ ହରାଇଥିଲେ। ସ୍ୱାମୀଙ୍କ ବୁଦ୍ଧେଶ୍ୱରଙ୍କ ଆଉ ପତ୍ତା ମିଳିନଥିଲା। ଜୀବନ ସହ ସଂଗ୍ରାମ କରି କଳ୍ପନା ଆଜି ନିଃସଙ୍ଗ ଜୀବନ ଜିଉଁଛନ୍ତି। ସେହିପରି ନିକଟସ୍ଥ ସୁଧିକେଶ୍ୱର ଗ୍ରାମର ପଦ୍ମନାଭ ବିଶ୍ୱାଳ ଓ ନିର୍ମଳା ବିଶ୍ୱାଳଙ୍କ ୯ ବର୍ଷର ଝିଅ ଓ ଶଶୁରଙ୍କ ଉପରେ କାନ୍ଥ ପଡ଼ିଯିବା ଯୋଗୁଁ ଦୁହେଁ ପ୍ରାଣ ହରାଇଥିଲେ। ୨୬ ବର୍ଷ ପରେ ବି ନିଜ ପରିଜନଙ୍କୁ ହରାଇ କଳ୍ପନା ହୁଅନ୍ତୁ ବା ନିର୍ମଳା ବା ଅନେକ ପରିବାର ଆଜି ବି ଗୁମୁରିଗୁମୁରି କାନ୍ଦୁଛନ୍ତି।

ମହାବାତ୍ୟା ପରେ ହୁଡ୍‌ହୁଡ୍, ଫାଇଲିନ୍, ତିତିଲି, ଫନୀ, ଅମ୍ଫାନ ଏବଂ ବର୍ତ୍ତମାନ 'ମୋନ୍ଥା' ଭଳି ସାମୁଦ୍ରିକ ବାତ୍ୟାକୁ ଏ ଅଞ୍ଚଳର ଲୋକେ ବାରମ୍ବାର ସମ୍ମୁଖୀନ ହେଉଛନ୍ତି। ମହାବାତ୍ୟା ପରେ ଏହି ଉପକୂଳବାସୀଙ୍କ ସୁରକ୍ଷା ପାଇଁ ବେସରକାରୀ ଉଦ୍ୟମରେ ସମୁଦ୍ର ଉପକୂଳରେ ଅବସ୍ଥିତ ଦାଲୁଅକଣି, ଛେନୁ, କୋରଣା, ସୁଧିକେଶ୍ୱର, ନାନପଡ଼ା, ନୂଆଗଡ଼, ଡମଶୁଣ୍ଡ, ନଗର ଭଳି ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ନିର୍ମିତ ଅଧିକାଂଶ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ଏହି ବାତ୍ୟା ଆଶ୍ରୟସ୍ଥଳୀ ଏବେ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଓ ଭୂତକୋଠିରେ ପରିଣତ ହୋଇଯାଇଛି। ତେବେ ଜରାଜୀର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀରେ ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଥିବାବେଳେ ଏଥିପ୍ରତି କେହି ଦୃଷ୍ଟି ଦେଇନାହାନ୍ତି।









# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

## ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଫାଇନାଲ ଖେଳିବା ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା

ଗୌହାଟୀ, ୨୮ ।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲ ପର୍ଯ୍ୟାୟ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଗତ ସଂସ୍କରଣର ରନର୍ସଅପ୍ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ସେମିଫାଇନାଲ ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଚଳିତ ବିଶ୍ୱକପ୍‌ରେ ଉଭୟ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସମାନ ୫ଟି ଲେଖାଏ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଏହି ମ୍ୟାଚ୍ ନିଶ୍ଚିତ ରୋମାଞ୍ଚକ ହେବ ବୋଲି ଆକଳନ କରାଯାଉଛି। ଚାରିଥରର ବିଜେତା ଇଂଲଣ୍ଡ ଏହି ମ୍ୟାଚରେ ବିଜୟୀ ହେଲେ ୯ମଥର ଲାଗି ଫାଇନାଲ ଖେଳିବ। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ନିକଟରେ ପ୍ରଥମଥର ଲାଗି ବିଶ୍ୱକପ୍ ଫାଇନାଲ ଖେଳିବାର ସୁବର୍ଣ୍ଣ ସୁଯୋଗ ରହିଛି।

**ଇଂଲଣ୍ଡ-୩୬; ଦ.ଆଫ୍ରିକା- ୧୦**

ରେକର୍ଡ ଉପରେ ନଜର ପକାଇଲେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଇଂଲଣ୍ଡ ୪୭ଟି ମ୍ୟାଚରୁ ୩୬ଟି ଜିତିଛି । ଦକ୍ଷିଣ ଆଫ୍ରିକା ମାତ୍ର ୧୦ଟି ମ୍ୟାଚ୍ ବିଜୟୀ ହୋଇଛି। ଗୁରୁବାର ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

**ପ୍ରଥମ ସେମିଫାଇନାଲ**
**ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା | ଆରମ୍ଭ: ଅପରାହ୍ଣ ୩ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ**

## ■ ଆଇସିସି ମହିଳା ଦିନିକିଆ ର୍ୟାଙ୍କିଂ

# ଶ୍ରେଷ୍ଠ ରେଟିଂ ପଏଣ୍ଟ ସହ ଶୀର୍ଷରେ ମନ୍ଧାନା



ଦୁବାଇ, ୨୮ ।୧୦ (ଏଜେନ୍ସି): ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍ୟାଙ୍କିଂର ବ୍ୟାଟିଂ ତାଲିକାରେ ଭାରତୀୟ ଓପନର୍ ସ୍ମୃତି ମନ୍ଧାନା ଶୀର୍ଷ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ମନ୍ଧାନାଙ୍କ ରେଟିଂ ପଏଣ୍ଟ ବର୍ତ୍ତମାନ ୮୨୮ ରହିଛି। ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ରେଟିଂ ପଏଣ୍ଟ। ୨୯ ବର୍ଷୀୟା ମନ୍ଧାନା ଦମ୍‌ଦାର ପ୍ରଦର୍ଶନ କରି ଚଳିତ ବିଶ୍ୱକପ୍‌ରେ ୩୬୫ ରନ ସଂଗ୍ରହ କରିବା ସହ ଟପ୍ ସ୍କୋରର୍ ରହିଛନ୍ତି। ସେ ଗତ ଦୁଇଟି ମ୍ୟାଚରେ ଯଥାକ୍ରମେ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୦୯ ଓ ବାଂଲାଦେଶ ବିପକ୍ଷରେ ୩୪ ରନର ଅପରାଜିତ ପାଳି ଖେଳିଥିଲେ। ଯେଉଁଥିପାଇଁ ତାଙ୍କ ରେଟିଂ ପଏଣ୍ଟ କ୍ୟାରିୟରଶ୍ରେଷ୍ଠ ୮୨୮ରେ ପହଞ୍ଚିଛି। ମନ୍ଧାନାଙ୍କ ଓପନିଂ ପାର୍ଟନର ପ୍ରତୀକା ରାୱଲ ମଧ୍ୟ ର୍ୟାଙ୍କିଂରେ ବଡ଼ ଉନ୍ନତି ସହ ୧୨ଟି ସ୍ଥାନ ଉପରକୁ ଉଠି ୨୭ରେ ପହଞ୍ଚିଛନ୍ତି। ସେହିଭଳି ଏହି ର୍ୟାଙ୍କିଂରେ ଅଷ୍ଟ୍ରେଲିଆର ଆସଲେ ଗାର୍ଡନର ଏକାଥରକେ ୬ଟି ପାହାଚ ଲମ୍ଫ ପ୍ରଦାନ କରି ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି। ଅପରପକ୍ଷରେ ଦିନିକିଆ ବୋଲିଂ ତାଲିକାରେ ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମରେ ରହିଛନ୍ତି।

# ଖେଳାଳିଙ୍କୁ ଦଣ୍ଡରୁ ବଞ୍ଚାଇବା ଲାଗି ବିସିସିଆଇ ଚାପ ପକାଏ: ବ୍ରଡ୍

ନୂଆଦିଲ୍ଲୀ, ୨୮ ।୧୦ (ଏଜେନ୍ସି): ପୂର୍ବତନ ଆଇସିସି ମ୍ୟାଚ୍ ରେଫରି ଇଂଲଣ୍ଡର କ୍ରିସ୍ ବ୍ରଡ୍ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ବ୍ରଡ୍ ଦାବି କରିଛନ୍ତି ଯେ ବିସିସିଆଇ ଭାରତୀୟ ଖେଳାଳିଙ୍କୁ ଦଣ୍ଡରୁ ରକ୍ଷା କରିବା ଲାଗି ଚାପ ପକାଏ। ଏକ ସାକ୍ଷାତକାର ସମୟରେ ୬୮ ବର୍ଷୀୟ ବ୍ରଡ୍ କହିଛନ୍ତି, 'ଟିମ୍ ଇଣ୍ଡିଆ ଗୋଟିଏ ମ୍ୟାଚରେ ଧାର୍ଯ୍ୟ ସମୟସୀମାଠାରୁ ୩-୪ ଓଭର କମ୍ ବୋଲିଂ କରିଥିଲା। ଯାହା ଫଳରେ ଭାରତୀୟ ଖେଳାଳିଙ୍କ ଉପରେ ସ୍ୱୟଂଚାଳିତ ଭାବେ ଜରିମାନା ହୋଇଥାନ୍ତା। କିନ୍ତୁ ଏକ ଫୋନ କଲ୍ ମୋ ନିକଟକୁ ଆସିଥିଲା। ଯେଉଁଥିରେ ମୋତେ କୁହାଯାଇଥିଲା ଏହା ଭାରତୀୟ ଦଳ ତେଣୁ ତୁମେ ନରମ ହୁଅ। ସ୍ଲୋ ଓଭର ରେଟ୍‌ର ଜରିମାନାରୁ ଭାରତକୁ ବଞ୍ଚାଇବା ଲାଗି ମୁଁ ସମୟ ନିମୟରେ ହେରାଫେରି କରିଥିଲି।' ବ୍ରଡ୍ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, 'ଏହି ସ୍ଲୋ ଓଭର ରେଟ୍ ଘଟଣାର ଠିକ୍ ପରବର୍ତ୍ତୀ ମ୍ୟାଚରେ ମଧ୍ୟ ଭାରତୀୟ ଦଳ ସମାନ ଭୁଲ୍‌ର ପୁନରାବୃତ୍ତି କରିଥିଲା। ସୌରଭ ଗାଙ୍ଗୁଲିଙ୍କୁ ମୁଁ ପୂର୍ବରୁ ସତର୍କ କରାଇ ଦେଇଥିଲି। କିନ୍ତୁ ସେ ମୋର କୌଣସି କଥାକୁ ଧ୍ୟାନ ଦେଇ ନ ଥିଲେ। ଶେଷରେ ଜରିମାନା ଲଗାଇବା ବ୍ୟତୀତ ମୋ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା। ବିସିସିଆଇ ନିକଟରେ ପ୍ରଚୁର ଅର୍ଥ ରହିଛି। ଯେଉଁଥି ପାଇଁ ସେମାନେ ଅନେକ କ୍ଷେତ୍ରରେ ଆଇସିସିକୁ ପଛରେ ପକାଇ ଦେଉଛନ୍ତି ବୋଲି ବ୍ରଡ୍ କହିଛନ୍ତି।

## ବିଶ୍ୱକପ୍ ପୂର୍ବରୁ ହେବ ପରୀକ୍ଷାନିରୀକ୍ଷା

# ଭାରତ-ଅଷ୍ଟ୍ରେଲିଆ ଟି-୨୦ ସିରିଜ୍ ଆଜିଠାରୁ

କାନବେରା,୨୮ ।୧୦(ଏଜେନ୍ସି)



ବିଶ୍ୱର ନଂ-୧ ତଥା ବିଶ୍ୱ ଚାମ୍ପିଅନ ଟିମ୍ ଭାରତ ଓ ନଂ-୨ ଟିମ୍ ତଥା ଆୟୋଜକ ଅଷ୍ଟ୍ରେଲିଆ ମଧ୍ୟରେ ଆସନ୍ତାକାଲି ବା ବୁଧବାରଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହା ପୂର୍ବରୁ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯାଇଥିଲା। ଏଥିରେ ଅଷ୍ଟ୍ରେଲିଆ ୨-୧ରେ ବିଜୟୀ ହୋଇଥିଲା। କିନ୍ତୁ ଟି-୨୦ ଫର୍ମାଟରେ ଭାରତର ଶକ୍ତି ଅଧିକ। ଏପରିକି ୨୦୦୮ ପରଠାରୁ ଅଷ୍ଟ୍ରେଲିଆରେ ଭାରତ ସିରିଜ୍ ହାରିନାହିଁ। ରେକର୍ଡ ଯାହା ହେଉ ପଛେ ଦଳର ତାରକା ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ସିରିଜ୍ ଖେଳିବାକୁ ମନୋନୀତ ହୋଇଛନ୍ତି। ଏଣୁ ଭାରତର ଶକ୍ତି ବୃଦ୍ଧି ଘଟିଛି ଓ ଦଳର ସନ୍ତୁଳନକୁ ନେଇ ମ୍ୟାନେଜମେଣ୍ଟର ଚିନ୍ତା ମଧ୍ୟ ବଢ଼ିଛି। ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ ଟି-୨୦ ବିଶ୍ୱକପ୍। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ନିଜକୁ ପ୍ରସ୍ତୁତ କରିନେବାକୁ ଉଭୟ ଦଳ ଯୋଜନାବଦ୍ଧ ଭାବେ ଉଦ୍ୟମ କରିବେ। ଏପରିକି ଦଳର ଦକ୍ଷତା, ସନ୍ତୁଳନ, ଦୁର୍ବଳତାକୁ ମଧ୍ୟ ସଜାଡ଼ିନେବାକୁ ଉଭୟ ଦଳ ଚେଷ୍ଟା କରିବେ। ଟି-୨୦ ଫର୍ମାଟରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ଟପ୍-୨ ଦଳ ହୋଇଥିବାରୁ ଏହି ସିରିଜ୍‌ର ପ୍ରତ୍ୟେକ ମ୍ୟାଚ୍ ବେଶ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି।

ଭାରତରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ପିଚ୍ କିମ୍ବା ଭେନ୍ୟୁ ସହ ଅଷ୍ଟ୍ରେଲିଆର ପିଚ୍‌ର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ। କିନ୍ତୁ ଏବେ ସବୁ ଦଳର ନଜର ରହିଛି ବିଶ୍ୱକପ୍ ପୂର୍ବରୁ ନିଜର ଶ୍ରେଷ୍ଠ ଟିମ୍ ଚୟନ କରିବା। ଏହି ସିରିଜ୍ ଭାରତ ଓ ଅଷ୍ଟ୍ରେଲିଆକୁ ଶ୍ରେଷ୍ଠ ଦଳ ଚୟନ ଓ ଦଳର ସନ୍ତୁଳନ ସଜାଡିବାକୁ ବଡ଼ ସୁଯୋଗ ଦେଇଛି। ଉଭୟଙ୍କ ମଧ୍ୟରେ ଲଢ଼େଇରୁ ଯେଉଁ ଫଳ ମିଳିବ ତାହା ନିଶ୍ଚିତପକ୍ଷେ ଲାଭଦାୟକ ହେବ। ଏହା ପୂର୍ବରୁ ଭାରତ ଟି-୨୦ ଫର୍ମାଟରେ ଏସିଆ କପ୍ ଖେଳି ଚାମ୍ପିଅନ ହୋଇଥିଲା। ଏଥିରେ ଦଳ ଅପରାଜେୟ ଥିଲାବେଳେ ଶ୍ରୀଲଙ୍କା ବିପକ୍ଷ ସୁପର-୪'ର ଏକ ମ୍ୟାଚ୍‌କୁ ବାଦ୍ ଦେଲେ ଅନ୍ୟ ସବୁଥିରେ ସହଜ ବିଜୟ ହାସଲ କରିଥିଲା। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଏକାଧିକ ପ୍ରତିଭାବାନ ଖେଳାଳି ଆଇପିଏଲ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ ହୋଇଛନ୍ତି। ଭାରତ ନିକଟରେ ଏତେ ପ୍ରତିଭା ରହିଛି ଯେ ୧୫ ଜଣିଆ ହେଉ କିମ୍ବା ୧୧ ଜଣିଆ ଦଳ ଚୟନ କରିବା କଷ୍ଟକର। ଟି-୨୦ ସିରିଜ୍ ଲାଗି ଯଶପ୍ରୀତ୍ ବୁମ୍‌ରାଙ୍କ ପ୍ରତ୍ୟାବର୍ତ୍ତନ ଦଳକୁ ଅଧିକ ମଜଭୁତ କରିଛି। ଅର୍ଶଦୀପ ସିଂହଙ୍କୁ ପାର୍ଟନର କରି ସେ ନିଶ୍ଚିତଭାବେ ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବେ। ନିକଟରେ ସିଡନୀ ଦିନିକିଆରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ହର୍ଷିତ ରାଣା କିମ୍ବା ଶିବମ ଦୁବେ ପେସ୍ ବୋଲିଂ ଯୋଡି ବୁମ୍‌ରା-ଅର୍ଶଦୀପ୍‌ଙ୍କୁ ସାହାଯ୍ୟ କରିବେ। ଏସିଆ କପ୍‌ରେ ଭାରତ ସ୍ପିନରଙ୍କୁ ନେଇ ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ସ୍ପିନରଙ୍କ ଭୂମିକା ଅଧିକ ନ ରହିଲେ ମଧ୍ୟ ଏମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ। ଦଳରେ ୪ଜଣ ସ୍ପିନରଙ୍କୁ ନିଆଯାଇଛି। ଅକ୍ଷର ପଟେଲ, କୁଲଦୀପ ଯାଦବ୍, ୱାଶିଂଟନ ସୁନ୍ଦର ଓ ବରୁଣ ଚକ୍ରବର୍ତ୍ତୀଙ୍କ ମଧ୍ୟରୁ ୨ଜଣ ଖେଳିବା ନିଶ୍ଚିତ। ଦିନିକିଆରେ ଏମାନେ ଅଷ୍ଟ୍ରେଲିଆ ପିଚ୍‌ରେ ସଂଘର୍ଷ କରିଥିଲେ। ଟି-୨୦ରେ କିପରି ପ୍ରଦର୍ଶନ କରିବେ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି। ଭାରତ ୨୦୨୪ରେ ବିଶ୍ୱକପ୍ ଜିତିବା ପରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳି ମାତ୍ର ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏହି ରେକର୍ଡ ବଜାୟ ରଖିବ ବୋଲି ଭାରତୀୟ ସମର୍ଥକ ଓ କର୍ମକର୍ତ୍ତା ଆଶା ରଖିବା ସ୍ୱାଭାବିକ୍।

ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ଗତ ଦୁଇଟି ବିଶ୍ୱକପ୍‌ରେ ସଅଳ ବିଦାୟ ନେବା ସହ ସମସ୍ତଙ୍କୁ ନିରାଶ କରିଥିଲା। କିନ୍ତୁ ୨୦୨୪ ବିଶ୍ୱକପ୍ ପରେ ଦଳର ତାହାର ରଣନୀତି ଓ ଦୃଷ୍ଟିକୋଣରେ ପରିବର୍ତ୍ତନ ଆଣିଛି। ଯାହା ଫଳରେ ୧୧ଟି ମ୍ୟାଚ୍ ଖେଳି ମାତ୍ର ୨ଟିରେ ପରାଜିତ ହୋଇଛି। ମିଚେଲ ମାର୍ଶଙ୍କ ନେତୃତ୍ୱରେ ପାୱାରହିଟରଙ୍କୁ କେବଳ ଦଳରେ ସ୍ଥାନ ମିଳିଛି। ଟ୍ରାଭିସ ହେଡ୍, ଜୋଶ ଇଂଲିଶ, କାମେରନ ଗ୍ରୀନ୍ (ଏହି ସିରିଜ୍‌ରେ ଖେଳୁନାହାନ୍ତି), ଟିମ୍ ଡେଭିଡ୍, ମିଚେଲ ଓଏନ୍ ଓ ଗ୍ଲେନ୍ ମ୍ୟାକ୍ସୱେଲ (ଶେଷ ୩ଟି ମ୍ୟାଚ୍ ଖେଳିବେ)ଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍ ବେଶ ସଫଳ ହୋଇଛି। ମାର୍କସ ଷ୍ଟୋଇନିସଙ୍କ ନେତୃତ୍ୱରେ ଏକାଧିକ ଅଲରାଉଣ୍ଡର ଅଷ୍ଟ୍ରେଲିଆର ସଫଳତାରେ ଭାଗୀଦାରି ହେଉଛନ୍ତି।

**ସମ୍ଭାବ୍ୟ ଦଳ**

**ଭାରତ**- ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ରିଙ୍କୁ ସିଂ, ଅକ୍ଷର ପଟେଲ, ଶିବମ ଦୁବେ/ ହର୍ଷିତ ରାଣା, କୁଲଦୀପ ଯାଦବ/ ବରୁଣ ଚକ୍ରବର୍ତ୍ତୀ, ଅର୍ଶଦୀପ ସିଂହ, ଯଶପ୍ରୀତ୍ ବୁମ୍‌ରା।
**ବେଞ୍ଚ**- ୱାଶିଂଟନ ସୁନ୍ଦର, ନୀତୀଶ କୁମାର ରେଡ୍ଡୀ।
**ଅଷ୍ଟ୍ରେଲିଆ**- ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟରକ୍ଷକ), ଟିମ୍ ଡେଭିଡ୍, ଜୋଶ ଫିଲିପ୍, ମିଚେଲ ଓଏନ, ମାର୍କସ ଷ୍ଟୋଇନିସ୍, ସିନ୍ ଆବଟ/ ଜାଭିୟର ବାର୍ଟଲେଟ, ନାଥାନ ଏଲିସ୍, ମ୍ୟାଟ କୁନେମାନ, ଜୋଶ ହାଜ୍‌ଲେଉଡ୍।
**ବେଞ୍ଚ**- ମାଥ୍ୟୁ ସର୍ଟ, ଜୋଶ ଫିଲିପ୍, ତନବୀର ସାଙ୍ଗା ଓ ବେନ୍ ଡ୍ୱାରଶୁଇସ୍।

**ଖେଳ ଆରମ୍ଭ : ଅପରାହ୍ଣ ୧ଟା ୪୫ ମିନିଟ୍**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର**

# ରାଜ୍ୟ ଭାରୋତ୍ତୋଳନ: ଅଭୀପ୍ସାଙ୍କୁ ପ୍ରଥମ ସ୍ୱର୍ଣ୍ଣ




ଭୁବନେଶ୍ୱର,୨୮ ।୧୦(ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କକ୍ଷରେ ଆଜି ଆରମ୍ଭ ହୋଇଛି ୭୨ତମ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନସିପ୍। ଏଥିରେ ୨୦ଟି ଜିଲ୍ଲାର ୨୫୨ଜଣ ବରିଷ୍ଠ, ୟୁଥ୍ ଓ କନିଷ୍ଠ ପ୍ରତିଯୋଗୀ ଉଭୟ ପୁରୁଷ ଓ ମହିଳା ବିଭାଗରେ ଅଂଶଗ୍ରହଣ କରିଛନ୍ତି। ପ୍ରଥିଯୋଗିତାର ପ୍ରଥମ ଦିନରେ ଅନୁଷ୍ଠିତ ୟୁଥ୍ ବାଳିକା ୪୪ କିଲୋଗ୍ରାମ୍ ଶ୍ରେଣୀରେ ଅଭିପ୍ସା ଆଚାର୍ଯ୍ୟ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରତିଯୋଗିତାର ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ବିଭାଗରେ ନମିତା ବିରୁଆଙ୍କୁ ରୌପ୍ୟ ଓ ରିଆ ଗୌଡ଼ଙ୍କୁ କାଂସ୍ୟ ପଦକ ମିଳିଥିଲା।

ପୂର୍ବରୁ ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟକୁମାର ସ୍ୱାଇଁ ଓ ଭାରତୀୟ ଭାରୋତ୍ତୋଳନ ମହାସଂଘ କୋଷାଧ୍ୟକ୍ଷ ପ୍ରଦୀପ ଶର୍ମା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, କ୍ରୀଡ଼ା ବିଭାଗର ଅଫିସର ପଦ୍ମଚରଣ ସାହୁ, ଅମିତ ନାୟକ, ସୌମ୍ୟସାର୍ଥକ ମିଶ୍ର, ସୋନାଲି ପ୍ରିୟଦର୍ଶିନୀ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏସିଆନ୍ ୟୁଥ୍ ଗେମ୍ସରେ ବିଶ୍ୱରେକର୍ଡ କରିଥିବା ପ୍ରୀତିସ୍ମିତା ଭୋଇଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ।

# ଭୁବନେଶ୍ୱରରେ ହୋଇପାରେ ୨୦୨୮ ଏସିଆନ ଇଣ୍ଡୋର ଆଥ୍‌ଲେଟିକ୍ସ

ନୂଆଦିଲ୍ଲୀ,୨୮ ।୧୦(ଏଜେନ୍ସି): ଇଣ୍ଡୋରଆଥଲେଟିକ୍ସ ଲାଗି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଯେଉଁ ସୁବିଧା ରହିଛି ତାହା ଦେଶର ଅନ୍ୟ କୌଣସି ଷ୍ଟାଡିୟମ୍‌ରେ ନାହିଁ। ଏଣୁ ଭାରତ ଯଦି ୨୦୨୮ ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ହାସଲ କରେ ତେବେ ଏହା କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହେବ ବୋଲି ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫଆଇ) ସୂତ୍ରରୁ ଜଣାଯାଇଛି। ୨୦୨୮ରେ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଓ ୨୦୨୬ରେ ଏସିଆନ୍ ରିଲେଜ ଆୟୋଜନ କରିବାକୁ ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ ପକ୍ଷରୁ ବିଡ୍ ଦାଖଲ କରାଯାଇଛି। ଏସିଆନ୍ ରିଲେଜ୍ ଲାଗି ଭେନ୍ୟୁ ସ୍ଥିର ହୋଇ ନ ଥିଲାବେଳେ ଭୁବନେଶ୍ୱରରେ ଇଣ୍ଡୋର ଆଥଲେଟିକ୍ସ ଲାଗି ଭେନ୍ୟୁ ପ୍ରସ୍ତାବ ଦିଆଯାଇଛି। ଉଭୟ ଇଭେଣ୍ଟର ଆୟୋଜନ ଅଧିକାର ପାଇଲେ ଭାରତ ବିଶ୍ୱସ୍ତରର ଆଥଲେଟିକ୍ ଇଭେଣ୍ଟ ଆୟୋଜନ କରିବାରେ ସଫଳ ହେବ ବୋଲି ଏଏଫ୍‌ଆଇ କହିଛି।

ଏଏଫ୍‌ଆଇର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ କଳିଙ୍ଗରେ ଇଣ୍ଡୋର ଷ୍ଟାଡିୟମ୍ ୨୦୨୪ରେ ଉଦ୍‌ଘାଟିତ ହୋଇଥିଲା। ଇଣ୍ଡୋର ଷ୍ଟାଡିୟମ୍‌ରେ ୨୦୦ ମିଟର ରନିଂ ଟ୍ରାକ୍, ୧୦୦ ମିଟର ପ୍ରାକ୍ଟିସ୍ ଟ୍ରାକ୍, ଲଙ୍ଗ୍ ଜମ୍ପ, ଟ୍ରିପଲ ଜମ୍ପ, ପୋଲ ଭଲ୍ଟ ଓ ସଟ୍‌ପୁଟ୍ ଲାଗି ଆବଶ୍ୟକ ସୁବିଧା ସୁଯୋଗ ଅଲଗା ଭାବେ ରହିଛି। ଏହା ବ୍ୟତୀତ ଆଥ୍‌ଲେଟଙ୍କ ଲାଗି ୱାର୍ମଅପ୍ ଏରିଆ ଓ ଜିମ୍ନାସିୟମ ମଧ୍ୟ ଅଛି। ଓଭାଲ ଆକୃତିର ଏହି ଷ୍ଟାଡିୟମ୍‌ରେ ୨୦୦୦ ଦର୍ଶକ ଖେଳ ଦେଖିପାରିବାର ଗ୍ୟାଲେରୀ ରହିଛି। ଏଠାରେ ସବୁଦିନେ ଅଭ୍ୟାସ କରିବାକୁ ଆଶାୟୀ ଥିବା ଆଥ୍‌ଲେଟଙ୍କ ଲାଗି ଦୁଇ ଜଣ ରହିଲା ଭଳି ୬୦ଟି ରୁମ୍, ଡାଇନିଂ ହଲ୍‌ର ବ୍ୟବସ୍ଥା ରହିଛି। ଏଣୁ ଇଣ୍ଡୋର ଆଥ୍‌ଲେଟିକ ଚାମ୍ପିଅନସିପ୍ ଆୟୋଜନ କରିବାକୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଉପଯୁକ୍ତ ସ୍ଥାନ ବୋଲି ଏଏଫ୍‌ଆଇ ପକ୍ଷରୁ କୁହାଯାଇଛି।

ଏସିଆନ୍ ଇଣ୍ଡୋର ଆଥ୍‌ଲେଟିକ୍ ଚାମ୍ପିଅନସିପ୍ ୨୦୦୪ରୁ ଆୟୋଜିତ ହୋଇଆସୁଛି। ଏହାର ପ୍ରଥମ ଓ ୨୦୨୪ରେ ଅନୁଷ୍ଠିତ ଶେଷ ସଂସ୍କରଣ ସହ ଇରାନ ଏହାକୁ ୪ଥର ଆୟୋଜନ କରିଛି। ପ୍ରତି ଦୁଇ ବର୍ଷରେ ହେଉଥିବା ଏହି ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ଚୀନ୍‌ର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ତାରିଖ ଯାଏ ଅନୁଷ୍ଠିତ ହେବ।

## ରଣଜୀ ଟ୍ରଫି

# ଗୋଟିଏ ପଏଣ୍ଟରେ ଓଡ଼ିଶା ସନ୍ତୁଷ୍ଟ

କଟକ,୨୮ ।୧୦(ସମିସ)



ସ୍ୱସ୍ତିକ ସାମଲ



ଗୋବିନ୍ଦ ପୋଦ୍ଦାର

ଚଳିତ ରଣଜୀ ଟ୍ରଫି ଆରମ୍ଭରେ ଓଡ଼ିଶାର ପ୍ରଦର୍ଶନ ସନ୍ତୋଷଜନକ ରହିନାହିଁ। ପ୍ରଥମ ମ୍ୟାଚ୍‌ରେ ବରୋଦା ଠାରୁ ପରାଜୟ ପରେ ଉତ୍ତରପ୍ରଦେଶ ବିପକ୍ଷ ଦ୍ୱିତୀୟ ମୁକାବିଲାକୁ ଦଳ ଡ୍ର ରଖି ମାତ୍ର ୧ ପଏଣ୍ଟ ହାସଲ କରିଛି। ଏହି ମ୍ୟାଚ୍‌ରେ ଇନିଂସ୍ ଅଗ୍ରଣୀ ପାଇଥିବା ଉତ୍ତରପ୍ରଦେଶକୁ ୩ ପଏଣ୍ଟ ମିଳିଛି। ୨ଟି ଲିଗ୍‌ରୁ ମୋଟ ୧ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ନଭେମ୍ବର ୧ରୁ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଆରମ୍ଭ ହେବ। ଘରୋଇ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ।

କାନପୁର ଗ୍ରୀନପାର୍କ ଷ୍ଟାଡିୟମରେ ଖେଳାଯାଇଥିବା ଓଡ଼ିଶା ବିପକ୍ଷ ମ୍ୟାଚ୍‌ରେ ଉତ୍ତରପ୍ରଦେଶ ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା। ଓଡ଼ିଶାକୁ ପ୍ରଥମ ପାଳିରେ ୨୪୩ରନରେ ଅଲଆଉଟ କରିଥିଲା। ଅଧିନାୟକ କରନ ଶର୍ମାଙ୍କ ୧୨୧ରନ, ଆରାଧ୍ୟା ଯାଦବଙ୍କ ୧୦୧ ରନ ସହାୟତାରେ ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଉତ୍ତରପ୍ରଦେଶ ୬ ୱିକେଟ ହରାଇ ୩୮୦ରନ ସଂଗ୍ରହ କରିଥିଲା। ଘରୋଇ ଦଳ ମ୍ୟାଚ୍‌କୁ କବଜା କରିବା ସହ ୧୩୭ରନର ଅଗ୍ରଣୀ ହାସଲ କରି ସାରିଥିଲା। ଆଜି କୌଣସି ୱିକେଟ ନହରାଇ ଦଳ ଆଉ ୨୯ରନ ଯୋଡ଼ିବା ସହ ଦଳୀୟ ସ୍କୋର ୪୦୯/୬ରେ ପାଳି ଘୋଷଣା କରିଥିଲା। ଭିପରାଜ ନିଗମ ୩୧ରନ, ଶିଭମ ମାଭି ୧୨ରନରେ ଅପରାଜିତ ଥିଲେ। ଓଡ଼ିଶା ପକ୍ଷରୁ ପଦାର୍ପଣ ମ୍ୟାଚ୍ ଖେଳୁଥିବା ସମ୍ବିତ ବରାଳ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିବା ବେଳେ ବାଦଲ ବିଶ୍ୱାଳ ଏବଂ ସୁମିତ ଶର୍ମାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା। ଉତ୍ତରପ୍ରଦେଶ ପ୍ରଥମ ଇନିଂସ୍‌ରେ ୧୬୬ରନରେ ଆଗୁଆ ରହିଥିଲା। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ୪୪ ଓଭର ଖେଳି ୩ ୱିକେଟ ବିନିମୟରେ ୧୫୧ରନ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା କରାଯାଇଥିଲା। ଓପନର ସ୍ୱସ୍ତିକ ସାମଲ ୭୧ରନର ଅପରାଜିତ ପାଳି ଖେଳିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ସ୍ୱସ୍ତିକଙ୍କୁ ଏହା ଦ୍ୱିତୀୟ ଅର୍ଦ୍ଧଶତକ। ଆଶୀର୍ବାଦ ସ୍ୱାଇଁ ୨୩ରନ, ସନ୍ଦୀପ ପଟ୍ଟନାୟକ ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୧ରନରେ ଆଉଟ ହୋଇଥିବା ବେଳେ ଗୋବିନ୍ଦ ପୋଦ୍ଦାର ୩୮ରନରେ ଅପରାଜିତ ଥିଲେ। ଉତ୍ତରପ୍ରଦେଶର ଶିଭମ ମାଭିଙ୍କୁ ୨ଟି ୱିକେଟ ମିଳିଥିଲା।

## ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ

# ସେମିରେ କୁଆଁରମୁଣ୍ଡା

ଭୁବନେଶ୍ୱର,୨୮ ।୧୦(ସମିସ): କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ତୃତୀୟ ନନ୍ଦକିଶୋର ସ୍ମାରକୀ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ମ୍ୟାଚ୍‌ରେ କୁଆଁରମୁଣ୍ଡା ଫୁଟବଲ କ୍ଲବ୍ ୩-୨ ଗୋଲରେ କଟକ ଟିମ୍‌କୁ ପରାସ୍ତ କରିଛି। ବିଜୟୀ କୁଆଁରମୁଣ୍ଡା ଫୁଟବଲ କ୍ଲବ୍‌ର ଜର୍ସି ନଂ-୧୮ ଖେଳାଳି ଜ୍ୟୋସ୍ନା ଲାକ୍ରାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବୁଧବାର କଟକର ଓଡ଼ିଶା ପୁଲିସ୍ ଓ କେନ୍ଦୁଝରର ତାରିଣୀ ଫୁଟବଲ ଏକାଡେମୀ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଖେଳ ଶେଷରେ ସାମାଜିକ କର୍ମୀ ରଜତ କୁମାର ପାଢ଼ୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ନଂ-୪୫ର କର୍ପୋରେଟର ଅମରେଶ ଜେନା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ରେଫରି ଆଲୋକ ଦେହୁରୀ, ଏମ୍‌ଏସ୍ ବେଗ୍, ଶିବପ୍ରସାଦ ସାମନ୍ତରାୟ ପରିଚାଳନା କରିଥିଲେ।

# ସିଦ୍ଧେଶ୍ୱର ମୁଦୁଲି ୨୦୨୫ର ଜୁଡୋ ଜୁଏଲ




ଭୁବନେଶ୍ୱର,୨୮ ।୧୦(ସମିସ): ବିଶ୍ୱ ଜୁଡୋ ଦିବସରେ ପ୍ରତିଷ୍ଠିତ ଜୁଡୋକା ସିଦ୍ଧେଶ୍ୱର ମୁଦୁଲିଙ୍କୁ ୨୦୨୫ର ଜୁଡୋ ଜୁଏଲ ପୁରସ୍କାର ପ୍ରଦାନ କରାଯାଇଛି। ରାଜଧାନୀ ଉପକଣ୍ଠ ଶିଶୁପାଳଗଡ଼ସ୍ଥିତ ଗଙ୍ଗାଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ମଙ୍ଗଳବାର ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶା ଖ୍ୟାତନାମା ଆଥ୍‌ଲେଟ ପ୍ରଣତି ମିଶ୍ର ମୁଖ୍ୟ ଅତିଥି ଓ ପୂର୍ବତନ ଜୁଡୋକା ଡ. ଶ୍ରୀକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇ ସିଦ୍ଧେଶ୍ୱରଙ୍କୁ ମାନପତ୍ର, ସ୍ମୃତିଫଳକ ଓ ନଗଦ ୨୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ପାରା-ଜୁଡୋ ଆସୋସିଏସନ ଆନୁକୂଲ୍ୟରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ କରାଯାଇଥିଲା। ଆସୋସିଏସନର ଉପଦେଷ୍ଟା ଅମିୟ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ଜୁଡୋ ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ଜୁଡୋକା ରଶ୍ମିରଞ୍ଜନ ପଟ୍ଟନାୟକ ଓ ମନମୋହନ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବକୁ ଜୁଡୋ ପଦକଧାରୀ ତଥା ଆୟୋଜକ ସମ୍ପାଦକ ବ୍ରଜକିଶୋର ଦାସ ପରିଚାଳନା କରିଥିଲାବେଳେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଳ ଧନ୍ୟବାଦ ଅର୍ପଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS